CMYK

- Vol.- 45, Issue No. 100
- Thursday, 10 July 2025
- ଗୁରୁବାର, ୧୦ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ପୋଲ ଦୁଇ ଖଣ୍ଡ: ଗଲା ୧୩ ଜୀବନ

- ଭୁଶୁଡ଼ିବା କାରଣ ଜଣାପଡିନାହିଁ, ତଦନ୍ତ ନିର୍ଦ୍ଦେଶ
- ପ୍ରତି ମୃତକଙ୍କ ଆତ୍ମୀୟଙ୍କ ପାଇଁ ରାଜ୍ୟର ୪ ଲକ୍ଷ,କେନ୍ଦ୍ରର ୨ ଲକ୍ଷ ସହାୟତା

ଭଦୋଦରା, ୯ ।୭: ବୁଧବାର ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଗୁଜରାଟର ମହିସାଗର ନଦୀ ଉପରେ ନିର୍ମିତ ସେତୁ ଉପରେ ଯାନବାହନ ଚଳାଚଳ ବେଳେ ଲୋମହର୍ଷଣକାରୀ ଘଟଣା ଘଟିଥିଲା। ସେତୁଟି ଦୁଇଗଡ଼ ହୋଇ ଭୁଶୁଡିପଡିବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ୫ଟି ଗାଡ଼ି ନଦୀ ଭିତରକୁ ଖସିପଡ଼ିଥିବା ବେଳେ ୧୦ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଅଛନ୍ତି। ଗମ୍ଭୀରା ନାମକ ଏହି ସେତୁ ୧୯୮୫ ମସିହାରେ ଉଦ୍ଘାଟିତ ହୋଇଥିଲା। ଖବର ପାଇ ଭଦୋଦରା ଅଗ୍ନିଶମ ବିଭାଗରୁ ଉଦ୍ଧାରକାରୀ ଟିମ୍, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଏନଡିଆରଏଫର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଭାଙ୍ଗିଥିବା ସେତୁ ୯ଶହ ମିଟରଦୈର୍ଘ୍ୟ। ଏହା ଭଦୋଦରା ଓ ଆନନ୍ଦ ଜିଲ୍ଲାକୁ ଯୋଡିଥିଲା। କେନ୍ଦ୍ରୀୟ ଗୁଜରାଟ ଓ ସୌରାଷ୍ଟ୍ର ଅଞ୍ଚଳରେ ଚଳାଚଳକୁ ସୁଗମ କରିଥିଲା। ସେତୁଟିରେ ୨୩ ଟି ପାୟର ଥିଲା। ଜଣେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ ନିୟମିତ ବ୍ୟବଧାନରେ ସେତୁଟିର ରକ୍ଷଣାବେକ୍ଷଣ ହେଉଥିଲା। କିନ୍ତୁ କେଉଁ କାରଣରୁ ଭୁଶୁଡ଼ିପଡିଲା ତାହାର କାରଣ ଜଣାପଡିନାହିଁ। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘଟଣାସ୍ଥଳକୁ ବୈଷୟିକ ଟିମ୍ ପଠାଇ ତଦନ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେତୁ ଭୁଶୁଡ଼ିବା ଯୋଗୁଁ ନଦୀରେ ପଡ଼ିଥିବା ୫ଟି ଗାଡ଼ି ମଧ୍ୟରୁ ଦୁଇଟି ଟ୍ରକ୍ ନଦୀରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିଲା ଅନ୍ୟପଟେ ଏକ ଟ୍ୟାଙ୍କର ଅଧା ଝୁଲି ରହିଥିଲା। ସେତୁ ଭୁଶୁଡ଼ିବା ମାତ୍ରେ ଘଟଣାସ୍ଥଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ଏବଂ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ସେତୁ ୧୯୮୧ ମସିହାରେ ନିର୍ମିତ ହୋଇଥିଲା । ସ୍ଥାନୀୟ ବିଧାୟକ ଚୈତନ୍ୟ ସିଂହ ଝାଲା ପୂର୍ବରୁ ଏହି ସେତୁ ବିଷୟରେ ସତର୍କ କରାଇଥିଲେ ଏବଂ ଏକ ନୂତନ ସେତୁ ନିର୍ମାଣ ଦାବି କରିଥିଲେ। ଏହା ସତ୍ତ୍ୱେ, ସେତୁ ଉପରେ ଯାନବାହନ ଚଳାଚଳ ବନ୍ଦ ହୋଇନଥିଲା। ଦୁର୍ଘଟଣା ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ ଓ ବିଦେଶ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଶୋକବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୪ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଅନୁକଂପା ରାଶି ଘୋଷଣା କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ମୋଦି ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି।

# ଖଣି ଅଞ୍ଚଳ ଉନ୍ନତି ପାଇଁ ପଦକ୍ଷେପ ନିଅ: ମୁଖ୍ୟମନ୍ତ୍ରୀ



- ଓଏମସିର ଲକ୍ଷ୍ୟ: ୫୦ ମିଲିଅନ ଟନ୍ ଉତ୍ପାଦନ
- ୩୦ ହଜାର କୋଟି ଟଙ୍କା ବିକ୍ରୟ ରାଜସ୍ୱ
- ୨୦୨୬ ମେ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ଲକ୍ଷ୍ୟ
- ଦକ୍ଷ ମାନବ ସମ୍ବଳ ବୃଦ୍ଧି କରିବାକୁ ପରାମର୍ଶ

ଭୁବନେଶ୍ୱର, ୯ ।୭(ନିପ୍ର): ୨୦୨୫-୨୬ରେ ଓଏମସି ୫୦ ମିଲିଅନ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହିତ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ କରିବାର ଲକ୍ଷ୍ୟ ରଖିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାଯାଇଛି। ବୈଠକରେ ଖଣିଜ ପଦାର୍ଥ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷ କରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବା ବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ ଟନକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି। ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମସି ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ଅଞ୍ଚଳରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଖଣି ଅଞ୍ଚଳର ବିକାଶ ପାଇଁ ରହିଥିବା ବିଭିନ୍ନ ଯୋଜନାର କନ୍‌ଭରଜେନ୍‌ସ ମାଧ୍ୟମରେ ଏହା ହାସଲ କରାଯାଇପାରିବ ବୋଲି ସେ କହିଥିଲେ। ଏଥିପାଇଁ ଓଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଓଏମସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଯେଉଁ ପ୍ରସ୍ତାବ ଦେଇଥିଲେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଭାରତ ସରକାରଙ୍କର ମେକନ୍ (ଗରଉଡଙଘ) ନାମକ ଏକ ସଂସ୍ଥାକୁ ଟେକନୋ ଇକୋନମିକ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ପେଲେଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ୨୦୨୬ ମେ ମାସ ସୁଦ୍ଧା ପେଲେଟ୍ ପ୍ରକଳ୍ପ ଆରମ୍ଭ ହେବ ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଓଏମସିର ପରିଚାଳନା ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଓଡିଶା ଖଣି ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ମେଘନାଦ ଡେଇଁ ୪ ଦୁର୍ବୃତ୍ତଙ୍କ ଅନୁପ୍ରବେଶ !

- ତଦନ୍ତ ନେଇ ଏକ କମିଟି ଗଠନ
- ସୁରକ୍ଷା ବ୍ୟବସ୍ଥାର ଚରମ ଅବହେଳା ପଦାରେ ପଡିଛି !



ପୁରୀ, ୯ ।୭(ନିପ୍ର): ରଥଯାତ୍ରାକୁ ନେଇ ସମଗ୍ର ପୁରୀ ସହର ସୁରକ୍ଷା ବଳୟ ଭିତରେ ଥିବାବେଳେ ପୋଲିସ ଆଖିରେ ଧୂଳି ନେଇ ଶ୍ରୀମନ୍ଦିରରେ ୪ ଜଣ ଯୁବକ ଅନୁପ୍ରବେଶ କରିଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଦକ୍ଷିଣ ଦ୍ୱାର ନିକଟରେ ପଡ଼ିଥିବା ଅଳିଆ ଗଦାରେ ଚଢ଼ି ଯୁବକମାନେ ମେଘନାଦ ପାଚେରି ଡେଇଁ ଶ୍ରୀମନ୍ଦିରକୁ ଅନୁପ୍ରବେଶ କରିଥିଲେ । ଏହା ନୀଳାଦ୍ରି ବିଜେ ଦିନର ଘଟଣା ବୋଲି କୁହାଯାଉଛି । ଫଳରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ଚାରିଦ୍ୱାର ଥିବା ବେଳେ ଏହି ଯୁବକମାନେ କାହିଁକି ପେଜ ନଳା ନିକଟ ମେଘନାଦ ପାଚେରି ପଟେ ପଡ଼ିଥିବା ଅଳିଆ ଗଦା ଉପରେ ଚଢି ଶ୍ରୀମନ୍ଦିରକୁ ପ୍ରବେଶ କଲେ ସେ ନେଇ ପ୍ରଶ୍ନ ଉଠିଛି । ଏହି ଯୁବକମାନଙ୍କ ଉଦ୍ଦେଶ୍ୟ କ'ଣ ଥିଲା ? ଏକ ସୂତ୍ରରୁ ପ୍ରକାଶ ଯେ ଘଟଣାର ତଦନ୍ତ ନେଇ ଏକ କମିଟି ଗଠନ ହୋଇଛି। ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ସଚେତନ ମହଲରେ ପ୍ରଶ୍ନ ଉଠିଛି ଯେ ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ରୁମ୍ ପୁରୀରେ କରାଯାଇଥିଲା । ମେଘନାଦ ପାଚେରି ଡେଇଁ ଏହି ଯୁବକମାନେ ଶ୍ରୀମନ୍ଦିରରେ ଅନୁପ୍ରବେଶ କଲେ ? ସୁରକ୍ଷାକର୍ମୀ ଏନେଇ ଅବଗତ ଥିଲେ ନା ସୁରକ୍ଷାରେ ଅବହେଳା ହୋଇଛି ତାହା ତଦନ୍ତ ସାପେକ୍ଷବୋଲି ମତ ପ୍ରକାଶ ପାଇଛି।

## ଆଗକୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ !

ଭୁବନେଶ୍ୱର, ୯ ।୭(ନିପ୍ର): ଖୁବଶୀଘ୍ର ମୋହନ ମାଝୀ ସରକାରର ରୂପରେଖ ବଦଳିବ । ଖାଲି ପଡ଼ିଥିବା ୬ ମନ୍ତ୍ରୀ ପଦ ପୂରଣ ହେବ । ଏଥିନେଇ ବୁଧବାର ଇସାରା ଦେଇଛନ୍ତି ଚତୁର୍ଥଥର ନିର୍ବାଚିତ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ଏହା ସହ ଖୁବ୍ ଶୀଘ୍ର ବୋର୍ଡ ନିଗମ ଅଧକ୍ଷ ପଦ ପୂରଣ ହେବ ବୋଲି ସୂଚନା ଦେଇଛନ୍ତି ଶ୍ରୀ ସାମଲ । ଯେଉଁ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଯୋଗୁଁ ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନକୁ ହଟାଇ ବିଜେପି କ୍ଷମତାକୁ ଆସିଛି ସେମାନଙ୍କୁ ବିଭିନ୍ନ ବୋର୍ଡରେ ଥଇଥାନ କେବେ ବୋଲି ପ୍ରଶ୍ନରେ ଏପରି ଉତ୍ତର ଦେଇଛନ୍ତି ମନମୋହନ । ଗତକାଲି ବିଜେପି ରାଜ୍ୟ ସଭାପତି ଭାବେ ମନମୋହନ ସାମଲଙ୍କ ନାଁ ଘୋଷଣା କରିଥିଲା ବିଜେପି। ବୁଧବାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଦଳର ତୁଙ୍ଗ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରି ଆର୍ଶୀବାଦ ନେଇ ଦଳୀୟ ସଂଗଠନ, ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସମ୍ପର୍କରେ ସୂଚନା ଦେଇଛନ୍ତି। ସେପଟେ ନୂଆ ଟିମ୍ ସହ କାମ କରି ସଂଗଠନକୁ ସୁଦୃଢ଼ କରିବାକୁ ହେବ ବୋଲି କହିଛନ୍ତି ମନମୋହନ।

## ‘ବଢ଼ିଲା ବାବୁଙ୍କ ଆର୍ଥିକ କ୍ଷମତା’

ଭୁବନେଶ୍ୱର, ୯ ।୭: ରାଜ୍ୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଆର୍ଥିକ କ୍ଷମତାକୁ ରାଜ୍ୟ ସରକାର ବଢ଼ାଇଛନ୍ତି । ବିଭିନ୍ନ ବିଭାଗର ଟେଣ୍ଡର ପରିମାଣକୁ ୫୦ କୋଟି ବଢ଼ାଯାଇ ବାବୁଙ୍କୁ ଆର୍ଥିକ କ୍ଷମତାଶାଳୀ କରାଯାଇଛି । ଓଡ଼ିଶା ଜେନେରାଲ ଫାଇନାନସିଆଲ ରୁଲ-୨୦୨୩ର ସଂଶୋଧନ ନିୟମ ଅନୁଯାୟୀ ବିଭିନ୍ନ କାର୍ଯ୍ୟର ଟେଣ୍ଡର କରିପାରିବେ ବୋଲି ଚିଠି କରିଛନ୍ତି ଅର୍ଥ ସଚିବ ଶାଶ୍ୱତ ମିଶ୍ର । ପ୍ରାଶାସନିକ ବିଭାଗ ଗୁଡ଼ିକ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରିପାରିବେ। ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଆଉ ଫାଇଲ୍ ପଠାଇବାର ଆବଶ୍ୟକତା ପଡ଼ିବ ନାହିଁ । ସର୍ବୋଚ୍ଚ ଯନ୍ତ୍ରୀ କୌଣସି କାର୍ଯ୍ୟର ଟେଣ୍ଡର କଲେ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ନେବେ। ପୂର୍ବରୁ ୫୦ କୋଟିରୁ ଅଧିକ ଟଙ୍କାର ଟେଣ୍ଡର ନିଲାମ ବେଳେ ସଂପୃକ୍ତ ବିଭାଗର ମନ୍ତ୍ରୀ କିମ୍ବା ମୁଖ୍ୟ ଶାସନ ସଚିବଙ୍କର ଅନୁମୋଦନ ନେବାକୁ ପଡୁଥିଲା । ହେଲେ ସଂଶୋଧିତ ନିୟମ ଅନୁସାରେ ମନ୍ତ୍ରୀଙ୍କର ଅନୁମୋଦନକୁ ଆଉ ଅପେକ୍ଷା କରିବାକୁ ପଡ଼ିବନାହିଁ ବୋଲି କୁହାଯାଉଛି।

## ଶ୍ରମିକ ଅଟକ ଘଟଣା: ନାଲି ଆଖି ଦେଖାଇଲେ ମହୁଆ



ଭୁବନେଶ୍ୱର, ୯ ।୭: ପଶ୍ଚିମବଙ୍ଗ ସାଂସଦ ମହୁଆ ମୈତ୍ର ରାଜ୍ୟ ସରକାରଙ୍କୁ ନାଲି ଆଖି ଦେଖାଇଛନ୍ତି । ଏକ ଭିଡିଓ ଜାରି ସେ କହିଛନ୍ତି ଯେ ଝାରସୁଗୁଡ଼ାରେ ଅଟକ ୪୨୧ ଶ୍ରମିକଙ୍କ ଭିତରେ ମୋ ନିର୍ବାଚନ ମଣ୍ଡଳୀର ୨୩ ଶ୍ରମିକ ଅଛନ୍ତି ।ସେମାନଙ୍କୁ ବେଆଇନ ଭାବେ ଝାରସୁଗୁଡ଼ା ଓରିଏଣ୍ଟ ଥାନା ଅଟକ ରଖିଛି ।ଅଟକ ଶ୍ରମିକଙ୍କୁ ଯଦି ତୁରନ୍ତ ଛଡ଼ାନଯାଏ ତାହେଲେ ମାମଲା ହେବ। ସେମାନେ ଏକୁଟିଆ ନାହାନ୍ତି ସେମାନଙ୍କ ପାଇଁ କୋର୍ଟର ଦ୍ୱାରସ୍ଥ ହେବି ବୋଲି ଟିଏମସି ସାଂସଦ ମୈତ୍ର ନିଜ ଭିଡିଓରେ କହିଛନ୍ତି ।ଶ୍ରମିକଙ୍କୁ ଛାଡ଼ିବାକୁ ଭିଡିଓ ଜରିଆରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ଡିଜିପିଙ୍କୁ ଅପିଲ୍ କରିଛନ୍ତି। ସୂଚନାଯୋଗ୍ୟ ଯେ ଦୁଇ ଦିନ ତଳେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅବୈଧ ଭାବେ ରହୁଥିବା ୪୪୪ରୁ ଅଧିକ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଏଥିରେ ମହୁଆଙ୍କ ନିର୍ବାଚନମଣ୍ଡଳି କ୍ରିଷ୍ଣନଗରରୁ କିଛି ଶ୍ରମିକ ଥିବା ସୂଚନା ରହିଛି। ଉତ୍ତରାଞ୍ଚଳ ଆଇଜିଙ୍କ ସୂଚନାନୁଯାୟୀ ଯାଞ୍ଚ ପରେ ସେମାନଙ୍କୁ ଛଡ଼ାଯିବ । ସେ ଆହୁରି କହିଛନ୍ତି ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱର ୫୦ ପ୍ରତିଶତ ପଶ୍ଚିମବଙ୍ଗରୁ ଆସୁଛି। ୫୦ ପ୍ରତିଶତ ବଙ୍ଗାଳୀ ପର୍ଯ୍ୟଟକ ଓଡ଼ିଶାର ହୋଟେଲରେ ରହୁଛନ୍ତି, ଏଠାକାର ରେସ୍ତୋରାଁରେ ଖାଉଛନ୍ତି। ବିଗତ ଦିନରେ ହେଉ ନ ଥିଲା, ବିଜେପି ସରକାର ଆସିଲା ପରେ ହେଉଛି । ଏଭଳି କହି ପର୍ଯ୍ୟଟକ ନ ଆସିବା ଧମକ ସେ ପରୋକ୍ଷରେ ଦେଇଛନ୍ତି । ଝାରସୁଗୁଡା ବିଧାୟକ କହିଛନ୍ତି, ଭାରତ ଧର୍ମଶାଳା ନୁହେଁ। ବେଆଇନ ଭାବରେ ରହିଥିଲେ କାର୍ଯ୍ୟାନୁଷ୍ଠାନ ହେବ।

## ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରୀ: ଗାଡ଼ିରୁ ଜବତ ୩ ଲକ୍ଷ ଟଙ୍କା

ଛତ୍ରପୁର, ୯ ।୭: ଭିଜିଲାନ୍ସ ଜାଲରେ ପଡିଛନ୍ତି ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡା। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡ଼ିରୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୩ ଲକ୍ଷ ଟଙ୍କା ଜବତ କରିଛି। ସେ ଛତ୍ରପୁର ବ୍ୟାଙ୍କ କଲୋନୀ ଭଡା ଘରୁ ଅଫିସ ଯାଉଥିବା ସମୟରେ ଭିଜିଲାନ୍ସ ଟିମ ଚଢ଼ାଉ କରିଥିଲା । ୩ ଦିନ ଧରି ଭିଜିଲାନ୍ସ ଟିମ ତାଙ୍କୁ ନଜରରେ ରଖିଥିଲା ବୋଲି ସୂଚନା ମିଳିଛି । ତାଙ୍କ ଗାଡ଼ିରୁ ୫୦୦ ଟଙ୍କିଆ ୩ ଲକ୍ଷ ଟଙ୍କା ଜବତ କରାଯାଇଛି । ତାଙ୍କର ଆଶୀର୍ବାଦ ଆପାର୍ଟମେଣ୍ଟରେ ଥିବା ଭଡା ଘରେ ଭିଜିଲାନ୍ସ ଟିମ୍ ପହଞ୍ଚି ଚଢ଼ାଉ କରିଛି।

## ପଞ୍ଚମ, ଅଷ୍ଟମ: ଫେଲ୍ ହେଲେ ପୁଣି ଦେବେ ପରୀକ୍ଷା



ଭୁବନେଶ୍ୱର, ୯ ।୭: ଏଣିକି ଫେଲ୍ ହେଲେ ଫେଲ୍ । ଆଉ ଥରେ ପରୀକ୍ଷା ଦେବାକୁ ପଡ଼ିବ । ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ତଥା ସଂସ୍କାର ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ରାଜ୍ୟର ମୋହନ ମାଝୀ ସରକାର । ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଏଣିକି ପଞ୍ଚମ ଶ୍ରେଣୀ ଓ ଅଷ୍ଟମ ଶ୍ରେଣୀରେ ଫେଲ୍ ହେଲେ ଫେଲ୍। ପରବର୍ତ୍ତୀ ଶ୍ରେଣୀକୁ ଆଉ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ । ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ହେବ ପରୀକ୍ଷା। ବର୍ଷ ଶେଷରେ ପରୀକ୍ଷା କରାଯିବ । ଯେଉଁମାନେ ଫେଲ୍ ହେବେ ଆଉ ଉପର ଶ୍ରେଣୀକୁ ଯାଇପାରିବେନି । ଅର୍ଥାତ୍, ଆଉ ଥରେ ପରୀକ୍ଷା ଦେବାକୁ ପଡିବ । ସେମାନେ ଦୁଇ ମାସ ଭିତରେ ପରୀକ୍ଷା ଦେଇପାରିବେ। ପ୍ରାଥମିକ ଶିକ୍ଷା ଶେଷ ନ ହେବା ଯାଏଁ ସ୍କୁଲରୁ ବାହାରିବେ ନାହିଁ ।

# ଷ୍ଟିୟରିଂ ଛାଡ଼, ଭାରତ ବନ୍ଦ: ଲୋକେ ହନ୍ତସନ୍ତ



- ସାଧାରଣ ଜୀବନଯାତ୍ରା ପ୍ରଭାବିତ
- ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଆନ୍ଦୋଳନ: ମହାସଂଘ
- ୧୭ ସୂତ୍ରୀ ଦାବି ଏଯାବତ୍ ପୂରଣ ହୋଇନାହିଁ: ଆଇଏନଟିୟୁସି

ଭୁବନେଶ୍ୱର, ୯ ।୭: ଓଡ଼ିଶା ବସ୍ ଓ ଟ୍ରକ ଡ୍ରାଇଭର ମହାସଂଘର ଷ୍ଟିୟରିଂ ଛାଡ଼ ଓ ଦେଶବ୍ୟାପୀ ବିଭିନ୍ନ ଟ୍ରେଡ ୟୁନିଅନ ଏପରି ଦୁଇଟି ଧର୍ମଘଟର ପ୍ରଭାବ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପଡିଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି ।ରାଜ୍ୟ ସରକାରଙ୍କ ସହ ଡ୍ରାଇଭର ସଂଘର ଚକଅଖ ବନ୍ଦ ଦ୍ୱିତୀୟ ଦିନରେ ପହଞ୍ଚିଛି,ଯେହେତୁ ସରକାରଙ୍କ ସହ ସଂଘର ଆନ୍ଦୋଳନରୁ ଓହରିବା ନେଇ ଆଲୋଚନା ବ୍ୟର୍ଥ ହୋଇଛି। ଛଅଦଫା ଦାବି ପୂରଣ ନେଇ ଲିଖିତାକାରରେ ଅବା ଔପଚାରିକ ଭାବରେ ବିଜ୍ଞପ୍ତି ପ୍ରକାଶ ନ ହେବା ପର୍ଯ୍ୟନ୍ତ ସଂଘ ଆନ୍ଦୋଳନ ଜାରି ରଖିବ। ଡ୍ରାଇଭରଙ୍କ ଆନ୍ଦୋଳନ କାରଣରୁ ଟ୍ରକ,ବସ୍ ଗଡୁ ନଥିବାରୁ ବିଭିନ୍ନ ଅଞ୍ଚଳରେ ପରିବହନ ବାଧାପ୍ରାପ୍ତ ହୋଇଛି। ବୁଧବାର ଏକ ଭିଡିଓ ବାର୍ତ୍ତାରେ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଡୁଲି କହିଛନ୍ତି ଯେ ଆମ ଦାବି ଗୁଡ଼ିକ ପୂରଣ କରିବାକୁ ରାଜ୍ୟ ସରକାର ସହମତ ହୋଇଥିଲେ ହେଁ ରାଜ୍ୟ ସରକାର ଏନେଇ ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଏହିଭଳି ଆଶ୍ୱାସନା ପାଇଥିଲେ ହେଁ କିଛି ସୁଫଳ ମିଳି ନଥିଲା। ସରକାରଙ୍କୁ ଆମେ ଅନୁରୋଧ କରୁଛୁ ଯେ ଆମ ଦାବିଗୁଡ଼ିକ ପୂରଣରେ କିଛି ଦୃଢ଼ ପଦକ୍ଷେପ ନିଅନ୍ତୁ। ଅପରପକ୍ଷେ ବିଭିନ୍ନ ଟ୍ରେଡ ୟୁନିୟନର ଡାକରାରେ ଭାରତ ବନ୍ଦ ବୁଧବାର ପାଳିତ ହେଉଛି। ୟୁନିଅନ ଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି ଯେ କେନ୍ଦ୍ର ସରକାରଙ୍କ ଶ୍ରମନୀତିଗୁଡ଼ିକ ଶ୍ରମିକ,କୃଷକ ବିରୋଧୀ ଓ କର୍ପୋରେଟ ସମର୍ଥିତ। ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ, ବାଣୀବିହାର, ଜୟଦେବ ବିହାର ପ୍ରଭୃତି ସ୍ଥାନରେ ବହୁ ଟ୍ରେଡ ୟୁନିୟନ ଧାରଣା ଓ ଶୋଭାଯାତ୍ରା ଆୟୋଜନ କରୁଥିବା ଦେଖାଯାଇଥିଲା। ଆଇଏନଟିୟୁସିର ଜାତୀୟ ଉପାଧ୍ୟକ୍ଷ ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ଯେ କେନ୍ଦ୍ର ସରକାର ଟ୍ରେଡ ୟୁନିଅନ ଗୁଡ଼ିକର ଦାବିଗୁଡ଼ିକୁ ବର୍ଷବର୍ଷ ଧରି ଉପେକ୍ଷା କରିଛନ୍ତି। ସରକାର ଏହି ୟୁନିୟନ ଗୁଡ଼ିକ ସହ ଉଚିତ ଆଲୋଚନା ବା ବୁଝାମଣା କରୁନାହାନ୍ତି। ୧୭ ସୂତ୍ରୀ ଦାବି ଏଯାବତ୍ ପୂରଣ ହୋଇନାହିଁ।

## ଆଜିଠୁଁ ପେଟ୍ରୋଲ, ଡିଜେଲର ଅଭାବ !



ଭୁବନେଶ୍ୱର, ୯ ।୭: ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଥିବା ଓ ସରକାର ବିଜ୍ଞପ୍ତି ପ୍ରକାଶ କରୁ ନଥିବାରୁ ଏହା ଅନିର୍ଦ୍ଦିଷ୍ଟ କାଳ ଧରି ଚାଲିପାରେ, ଏପରି ଆଶଙ୍କା ସୃଷ୍ଟି ହୋଇଛି। ହଜାର ହଜାର ଗାଡ଼ି ବନ୍ଦ ଥିବାରୁ ପେଟ୍ରୋଲ, ଡିଜେଲ ଓ ଏଲପିଜି ପରିବହନ ବାଧାପ୍ରାପ୍ତ ହୋଇଛି। ଉତ୍କଳ ପେଟ୍ରୋଲିୟମ ଡିଲର୍ସ ସଂଘର ସାଧାରଣ ସଂପାଦକ ସଂଜୟ ଲାଠ କହିଛନ୍ତି ଯେ ଗତ ୪୮ ଘଣ୍ଟା ମଧ୍ୟରେ ଇନ୍ଧନ ବୋଝେଇ କୌଣସି ଗାଡ଼ି ପେଟ୍ରୋଲ ପମ୍ପରେ ପହଞ୍ଚିନାହିଁ। ଯଦି ଆଜି ଗାଡି ନ ପହଞ୍ଚେ ତେବେ ଆସନ୍ତାକାଲିଠାରୁ ପେଟ୍ରୋଲ,ଡିଜେଲର ଅଭାବ ହେବ। ଇତିମଧ୍ୟରେ ବହୁ ଫିଲିଂ ଷ୍ଟେସନରେ ପେଟ୍ରୋଲ,ଡିଜେଲ ଏକ ପ୍ରକାର ଖାଲି ହୋଇଗଲାଣି। ପାରାଦୀପ, ବାଲେଶ୍ୱର, ଜଟଣୀ, ଝାରସୁଗୁଡ଼ାରେ ଆନ୍ଦୋଳନ ଚାଲିଥିବାରୁ ସେଠାକାର ପେଟ୍ରୋଲ ପମ୍ପଗୁଡ଼ିକ ପ୍ରଭାବିତ ହୋଇସାରିଲାଣି। ଯଦି ଆନ୍ଦୋଳନ ଜାରି ରହେ ତେବେ ପୋଲିସ ହୁଏତ ପରିବହନ ଉପରେ ହସ୍ତକ୍ଷେପ କରିପାରେ।



# ପବିତ୍ର ଗୁରୁପୂର୍ଣ୍ଣିମା





## 'ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ'

ଆଜି ଆଷାଢ଼ ମାସ ପୂର୍ଣ୍ଣିମା ତିଥି । ଏହି ତିଥିକୁ ଗୁରୁ ପୂର୍ଣ୍ଣିମା ରୂପେ ପାଳନ କରାଯାଏ । ହିନ୍ଦୁ ଧର୍ମରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଥିବା ଯୋଗୁଁ ଗୁରୁଙ୍କ ଭଗବାନର ସ୍ଥାନ ଦିଆଯାଇଛି । କାରଣ ଗୁରୁ ହିଁ ଶିଷ୍ୟଙ୍କୁ ନବଜୀବନ ପ୍ରଦାନ କରିଥାନ୍ତି । ସେମାନଙ୍କୁ ଅଜ୍ଞାନର ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଗୁରୁ ଶବ୍ଦଟି ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ଅନ୍ଧକାର ଏବଂ 'ରୁ'ର ଅର୍ଥ ପ୍ରକାଶ ହୋଇଥାଏ । ଏଥିପାଇଁ ଗୁରୁର ଅର୍ଥ ଅନ୍ଧକାରରୁ ପ୍ରକାଶକୁ ନେଇଯିବା । ତେଣୁ ଗୁରୁ ହିଁ ଶିଷ୍ୟଙ୍କ ଜୀବନରେ ସଫଳତାର ଉଚିତ ମାର୍ଗଦର୍ଶନ କରାଇଥାନ୍ତି । ପୁରାଣ ଅନୁସାରେ ଏହି ଦିନ ଭଗବାନ ବିଷ୍ଣୁଙ୍କ ଅବତାର ଗୁରୁ ବେଦ ବ୍ୟାସଜୀଙ୍କ ଜନ୍ମ ହୋଇଥିଲା । ସେ ମହାଭାରତ ଆଦି ଅନେକ ମହାନ ଗ୍ରନ୍ଥ ରଚନା କରିଥିଲେ । କୌରବ, ପାଣ୍ଡବ ଆଦି ସମସ୍ତେ ବେଦବ୍ୟାସଙ୍କୁ ହିଁ ଗୁରୁ ବୋଲି ମାନନ୍ତି । ଏଥିପାଇଁ ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା କୁହାଯାଏ । ଧର୍ମ ଗ୍ରନ୍ଥ ଅନୁସାରେ ଏହି ଦିନ ଯେଉଁ ବ୍ୟକ୍ତି ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତ କରିଥାଏ ତାର ଜୀବନ ସଫଳ ହୋଇଯାଇଥାଏ । ଏହି ଦିନ ଗୁରୁଙ୍କୁ ପୂଜା କରି ତାଙ୍କୁ ସମ୍ମାନ କରିବା ପରମ୍ପରା ପ୍ରଚଳିତ ରହିଛି । ହିନ୍ଦୁ ଧର୍ମ ଗ୍ରନ୍ଥରେ ଗୁରୁଙ୍କ ଭଗବାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି କୁହାଯାଇଛି । ଗୁରୁ ହିଁ ଶିଷ୍ୟମାନଙ୍କ ଭବିଷ୍ୟତ ଗଢ଼ିଥାନ୍ତି ଏବଂ ସେମାନଙ୍କୁ ଜୀବନର ସବୁଠାରୁ କଠିନ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି । ମହର୍ଷି ବେଦବ୍ୟାସ ଭବିଷ୍ୟତ ପୁରାଣରେ ଗୁରୁ ପୂର୍ଣ୍ଣିମା ବିଷୟରେ ଲେଖିଛନ୍ତି - 'ମମ ଜନ୍ମଦିନେ ସମ୍ୟକ୍ ପୂଜନୀୟଃ ପ୍ରୟତ୍ନତଃ । ଆଷାଢ଼ ଶୁକ୍ଳ ପକ୍ଷେତୁ ପୂର୍ଣ୍ଣିମାଂ ଗୁରୌ ତଥା । ପୂଜନୀୟୋ ବିଶେଷଣ ବସ୍ତ୍ରାଭରଣବେନୁଭିଃ, କୃତେ ତ୍ୱୟା ବିପ୍ର ମସ୍ୱରୂପସ୍ୟ ଦର୍ଶେନମ୍ ।' ଅର୍ଥାତ୍ - ଆଷାଢ଼ ଶୁକ୍ଳ ପୂର୍ଣ୍ଣିମା ମୋର ଜନ୍ମ ଦିବସ ଅଟେ । ଏହାକୁ ଗୁରୁ ପୂର୍ଣ୍ଣିମା କୁହାଯାଏ । ଏହି ଦିନ ଶ୍ରଦ୍ଧାର ସହ ଗୁରୁଙ୍କୁ ସୁନ୍ଦର ବସ୍ତ୍ର, ଆଭୂଷଣ, ଫଳ ପୁଷ୍ପ, ରତ୍ନ, ସ୍ୱର୍ଣ୍ଣ ମୁଦ୍ରା ଆଦି ସମର୍ପିତ କରି ତାଙ୍କର ପୂଜା କରିବା ଉଚିତ । ଏମିତି କରିବା ଦ୍ୱାରା ଗୁରୁଦେବଙ୍କ ମଧ୍ୟରେ ମୋର ହିଁ ସ୍ୱରୂପ ଦର୍ଶନ ହେବ । ପୁରାଣରେ ଗୁରୁଙ୍କୁ ନେଇ ଆଉ ଏକ ଶ୍ଳୋକ ମଧ୍ୟ ବର୍ଣ୍ଣିତ ରହିଛି - 'ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବୋ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ ।' ଅର୍ଥାତ୍ - ଗୁରୁ ହିଁ ବ୍ରହ୍ମା, ଗୁରୁ ହିଁ ବିଷ୍ଣୁ ଏବଂ ଗୁରୁ ହିଁ ଭଗବାନ ଶଙ୍କର ଅଟନ୍ତି । ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମା ଅଟନ୍ତି । ଏମିତି ଗୁରୁଙ୍କ ମୁଁ ପ୍ରଣାମ କରୁଛି । ଗୁରୁ ପୂର୍ଣ୍ଣିମା ଅର୍ଥାତ୍ ଗୁରୁଙ୍କ ପୂଜା ଏବଂ ଗୁରୁଙ୍କ ଆଦର କରିବାର ଦିନ । ଏହା କୌଣସି ବ୍ୟକ୍ତିଙ୍କ ପୂଜା ନୁହେଁ । ଗୁରୁଙ୍କ ଦେହ ଭିତରେ ଯେଉଁ ବିଦେହୀ ଆତ୍ମା ରହିଛି, ପରଂବ୍ରହ୍ମ ପରମାତ୍ମାଙ୍କ ଆଦର, ଜ୍ଞାନର ଆଦର ତଥା ପୂଜା ହିଁ ବ୍ରହ୍ମଜ୍ଞାନର ପୂଜନ କରିବା ତଥା ଗୁରୁଙ୍କ ପୂଜା କରିବା ।

**ଡକ୍ଟର ସୁରେଶ କୁମାର ନାୟକ**

-ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯ , କଟକ,
ମୋ: ୯୪୩୭୨୨୫୫୯୨



### ବିଶ୍ୱର ପ୍ରଥମ ଗୁରୁ ମାନ୍ୟତା

## ମହର୍ଷି ବେଦବ୍ୟାସ

ମହାଭାରତ ଏବଂ ଶ୍ରୀମଦ୍ ଭଗବତ ସମେତ ଅଠର ପୁରାଣର ରଚୟିତା ମହର୍ଷି ବେଦ ବ୍ୟାସଙ୍କ ଜନ୍ମ ଆଷାଢ଼ ପୂର୍ଣ୍ଣିମାରେ ହୋଇଥିଲା। ତାଙ୍କୁ ବିଶ୍ୱର ପ୍ରଥମ ଗୁରୁର ମାନ୍ୟତା ଦିଆଯାଇଛି ଏବଂ ତେଣୁ ସନାତନ ଧର୍ମରେ ତାଙ୍କ ଜନ୍ମ ବାର୍ଷିକୀକୁ ଗୁରୁ ପୂର୍ଣ୍ଣିମା ଭାବରେ ପାଳନ କରିବାର ପରମ୍ପରା ରହିଛି। ପ୍ରତିବର୍ଷ ଆଷାଢ଼ ପୂର୍ଣ୍ଣିମା ଦିନ ଗୁରୁ ପୂର୍ଣ୍ଣିମା ପର୍ବ ମହା ଆଡମ୍ବରରେ ପାଳନ କରାଯାଏ। ଏହାକୁ ବ୍ୟାସ ପୂର୍ଣ୍ଣିମା ଏବଂ ବେଦ ବ୍ୟାସ ଜୟନ୍ତୀ ଭାବରେ ମଧ୍ୟ ଜଣାଶୁଣା। ଗୁରୁ ପୂର୍ଣ୍ଣିମାରେ ଗୁରୁମାନଙ୍କୁ ପୂଜା କରିବାର ବହୁତ ମହତ୍ତ୍ୱ ଅଛି। ଏହା ସହିତ, ପବିତ୍ର ନଦୀରେ ସ୍ନାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏହା ସହିତ, ଗୁରୁମାନଙ୍କୁ ଉପହାର ଦେବାର ମଧ୍ୟ ପରମ୍ପରା ଅଛି। ଏହି ତାରିଖରେ ଦାନ କରାଯାଏ।

**ଗୁରୁ ପୂର୍ଣ୍ଣିମା ତାରିଖ ୨୦୨୫-** ଏହି ବର୍ଷ ଗୁରୁ ପୂର୍ଣ୍ଣିମା କେବେ ହେବ ସେ ବିଷୟରେ କିଛି ଦ୍ୱନ୍ଦ୍ୱ ରହିଛି। ପ୍ରକୃତରେ, ପୂର୍ଣ୍ଣିମା ତିଥି ଦୁଇଟି ଦିନରେ ପଡୁଛି। ହେଲେ ଗୁରୁ ପୂର୍ଣ୍ଣିମା ପାଳନ କରିବାର ଶୁଭ ସମୟ ହେଉଛି ଜୁଲାଇ ୧୦, ତେଣୁ ଗୁରୁ ପୂର୍ଣ୍ଣିମା ଜୁଲାଇ ୧୦ରେ ପାଳନ କରାଯିବ।

**ଗୁରୁ ପୂର୍ଣ୍ଣିମା ୨୦୨୫ ପୂଜା ଶୁଭ ମୁହୂର୍ତ୍ତ-** ବ୍ରହ୍ମ ମୁହୂର୍ତ୍ତ ଭୋର ୪:୧୦ ରୁ ୪:୫୦ ସମୟରେ। ଅଭିଜିତ୍ ମୁହୂର୍ତ୍ତ: ୧୧:୫୯ରୁ ୧୨:୫୪ ଅପରାହ୍ନରେ, ବିଜୟ ମୁହୂର୍ତ୍ତ: ୧୨:୪୫ରୁ ୩:୪୦ ଅପରାହ୍ନରେ। ଗୋଧୂଳି ମୁହୂର୍ତ୍ତ: ୭:୨୧ରୁ ୭:୪୧ ସନ୍ଧ୍ୟାରେ ପଡ଼ିବ।

**ଗୁରୁ ପୂର୍ଣ୍ଣିମା ପୂଜା ବିଧି-** ଗୁରୁ ପୂର୍ଣ୍ଣିମାରେ ସମସ୍ତ ଗୁରୁଙ୍କୁ ପ୍ରଣାମ କରାଯାଏ। ଏହି ଦିନ ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିବାର ପରମ୍ପରା ମଧ୍ୟ ରହିଛି। ଏହା ବ୍ୟତୀତ ମହର୍ଷି ବେଦ ବ୍ୟାସଙ୍କୁ ପ୍ରମୁଖ ଭାବରେ ପୂଜା କରାଯାଏ। ଗୁରୁ ପୂର୍ଣ୍ଣିମା ଦିନ ଶୁଭ ସମୟରେ ଭଗବାନ ବେଦ ବ୍ୟାସ, ଭଗବାନ ବିଷ୍ଣୁ ଏବଂ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରନ୍ତୁ। ସେମାନଙ୍କୁ ଫଳ, ଫୁଲ, ଅକ୍ଷତ ଅର୍ପଣ କରନ୍ତୁ। ଧୂପକାଠି ଲଗାଇ ଧ୍ୟାନରେ ବସନ୍ତୁ। ଆପଣଙ୍କ ଗୁରୁଙ୍କୁ ପୂଜା କରନ୍ତୁ। ଗୁରୁଙ୍କୁ ଉପହାର ଦିଅନ୍ତୁ, ତାଙ୍କ ପାଦ ସ୍ପର୍ଶ କରନ୍ତୁ ଏବଂ ତାଙ୍କ ଆଶୀର୍ବାଦ ନିଅନ୍ତୁ। ଏହି ଦିନ ଗରିବ ଲୋକଙ୍କୁ ଦାନ କରନ୍ତୁ।

### ବ୍ୟାସଦେବଙ୍କ ଅନ୍ୟନାମ

*(ବେଦବ୍ୟାସ: ବେଦମାନଙ୍କ ସଂଗ୍ରହ ଓ ବିଭାଗ କରିଥିବାରୁ...)*

ପୁରାଣାନୁସାରେ ଭିନ୍ନ ଭିନ୍ନ କଳ୍ପରେ ପ୍ରତ୍ୟେକ ଦ୍ୱାପର ଯୁଗରେ ଜନ୍ମଗ୍ରହଣ କରି ବେଦମାନଙ୍କ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷି ବେଦବ୍ୟାସ ଭାବେ ପରିଚିତ । ଏମାନେ ବ୍ରହ୍ମା ବା ବିଷ୍ଣୁଙ୍କର ଅବତାର ବୋଲି କଥିତ । ପ୍ରଥମ ଦ୍ୱାପର ଯୁଗରେ ସ୍ୱୟଂ ବ୍ରହ୍ମା ବେଦବ୍ୟାସ ରୂପେ, ଦ୍ୱିତୀୟ ଦ୍ୱାପରରେ ପ୍ରଜାପତି ବା ମନୁ, ତୃତୀୟ ଦ୍ୱାପରରେ ଶୁକ୍ରାଚାର୍ଯ୍ୟ, ଚତୁର୍ଥ ଦ୍ୱାପରରେ ବୃହସ୍ପତି ବେଦଭାଷ୍ୟ ରୂପେ ପରିଚିତ ହୁଅନ୍ତି । ସ୍ୱୟଂଭୁବ, ଉଶନା, ସବିତା, ମୃତ୍ୟୁ ବା ଯମ, ଇନ୍ଦ୍ର, ବସିଷ୍ଠ, ସାରସ୍ୱତ, ତ୍ରିଧାମ, ଋଷଭ ବା ତ୍ରିବୃଷ, ସୁତେଜା ବା ଭାରଦ୍ୱାଜ, ଅନ୍ତରୀକ୍ଷ ବା ଧର୍ମ, ବ୍ରୁବନ୍ ବା ସୁଚକ୍ଷୁ, ତ୍ରୟ୍ୟାରୁଣି, ଧନଞ୍ଜୟ, କୃତଞ୍ଜୟ, ଋତଞ୍ଜୟ, ଭରଦ୍ୱାଜ, ଗୌତମ, ଉତ୍ତମ ବା ହର୍ଯ୍ୟମ୍ନା, ବାଚଶ୍ରବା ବା ନାରାୟଣ ବା ବେଣ, ସୋମମୁଖ୍ୟାୟନ ବା ତୃଣବିନ୍ଦୁ, ଋକ୍ଷ ବା ବାଲ୍ମୀକି, ଶକ୍ତି, ପରାଶର, ଜାତୁକର୍ଣ୍ଣ ଓ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି ।

## -ଶ୍ରୀରାମଙ୍କ ୧୨ କଳା-

**ବିଦ୍ୟା କଳା -** ଯାହାର ବିଦ୍ୟା ଅଛି ସେ ଜ୍ଞାନବାନ। ଜ୍ଞାନ ପାଇବା ଏବଂ ହାସଲ କରିବା ମଧ୍ୟ ଏକ କଳା। ଜ୍ଞାନର ଅନେକ କଳା ମଧ୍ୟ ଅଛି। ଯେପରି ବେଦ ଜ୍ଞାନ, ଯୁଦ୍ଧ କଳା, ରାଜନୀତି କଳା ଇତ୍ୟାଦି

**ବିମଳ କଳା -** ଶ୍ରୀରାମଙ୍କ ମନରେ ପ୍ରତାରଣା, ଭେଦଭାବ ନଥିଲା, ସେ ଥିଲେ ନିରପେକ୍ଷ। ତାଙ୍କର କୌଣସି ଦୋଷ ନଥିଲା, ତାଙ୍କର ଚିନ୍ତାଧାରା ଶୁଦ୍ଧ।

**ବ୍ୟକ୍ତିତ୍ୱ -** ଜଣେ ବ୍ୟକ୍ତି ଯାହାଙ୍କର କେବଳ ଦର୍ଶନରେ ହିଁ ଆନନ୍ଦ ମିଳେ, ଯାହାଙ୍କ ବ୍ୟକ୍ତିତ୍ୱରେ ଏକ ଭିନ୍ନ ଚମକ ଥାଏ।

**କାନ୍ତି କଳା -** ଯାହାଙ୍କ ଚେହେରା ଦେଖିବା ମାତ୍ରେ ଜଣେ ହଜିଯାଏ, ତାଙ୍କ ସୌନ୍ଦର୍ଯ୍ୟ ଦ୍ୱାରା ପ୍ରଭାବିତ ହୁଏ। ସେଥିପାଇଁ ତ ଶ୍ରୀରାମଙ୍କୁ ଦେଖି ଋଷିମାନେ ମଧ୍ୟ ତାଙ୍କୁ ପତି ଭାବେ ଗ୍ରହଣ କରିବାକୁ ନେହୁରା ହୋଇଥିଲେ।

**ଉତ୍କର୍ଷିଣୀ ଶକ୍ତି -** ଯିଏ ଅନ୍ୟମାନଙ୍କୁ ପ୍ରେରଣା ଦିଏ, ସେମାନଙ୍କୁ ନିଜ କର୍ତ୍ତବ୍ୟ ଆଡକୁ ଜାଗ୍ରତ କରେ, ଯିଏ ଅନ୍ୟମାନଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରେ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରେ।



**ନୀର-କ୍ଷୀର ବିବେକ -** ଯିଏ ନିଜ ଜ୍ଞାନ ବଳରେ କେବଳ ନିଷ୍ପତ୍ତି ନିଏ। ଯିଏ ବିବେକଶୀଳ ଏବଂ ଲୋକଙ୍କ ପାଇଁ ସଠିକ୍ ମାର୍ଗ ପରାମର୍ଶ ଦେବାକୁ ସକ୍ଷମ।

**କର୍ମଣ୍ୟତା -** ଯିଏ କେବଳ ପରାମର୍ଶ ଦିଏ ନାହିଁ ବରଂ ସେହି ପରାମର୍ଶକୁ ନିଜେ ମଧ୍ୟ ଅନୁସରଣ କରେ।

**ଯୋଗଶକ୍ତି -** ଯୋଗ ଓ ଆଧ୍ୟାତ୍ମିକ ଶକ୍ତିରେ ନିପୁଣ। ଯିଏ ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଡିଥାଏ। ଯୋଗ ମଧ୍ୟ ଏକ କଳା।

**ସତ୍ୟର ଧାରଣା -** ସତ କହିବା ସମସ୍ତଙ୍କ ଶକ୍ତିରେ ନାହିଁ। ଯଦି ଜଣେ ଆଘାତପାଏ ବା ଖରାପ ଅନୁଭବ କରେ ତେବେ ମିଥ୍ୟା କୁହେ। କିନ୍ତୁ ଯେଉଁମାନେ ସତ୍ୟର ରାସ୍ତା ବାଛନ୍ତି ସେମାନେ କଠିନ ପରିସ୍ଥିତିରେ ମଧ୍ୟ ସତ୍ୟକୁ ଛାଡନ୍ତି ନାହିଁ।

**ବିନୟ କଳା -** ଜଣେ ସର୍ବଜ୍ଞ, ସର୍ବଶକ୍ତିମାନ ହୋଇ ମଧ୍ୟ ଯଦି ଅହଂକାର ତାଙ୍କ ସ୍ପର୍ଶ କରେ ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ସବୁବେଳେ ଶାଳୀନତାପୂର୍ଣ୍ଣ।

**ଆଧିପତ୍ୟ -** ଜଣେ କାହା ଉପରେ ବଳ ପ୍ରୟୋଗ କରି ନିଜର କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ଉଚିତ ନୁହେଁ, ଲୋକମାନେ ତାଙ୍କର ଅଧିକାରକୁ ଗ୍ରହଣ କରିବା ଉଚିତ ଏବଂ ତାଙ୍କୁ ସେମାନଙ୍କର ଗୁରୁ ବୋଲି ଭାବିବା ଉଚିତ। ଯାହାଙ୍କ ଆଧିପତ୍ୟରେ ଲୋକମାନେ ନିଜକୁ ସୁରକ୍ଷିତ ମନେ କରନ୍ତି।

**ଦୟାଳୁ କଳା -** ଯିଏ ଅନ୍ୟମାନଙ୍କ କଲ୍ୟାଣ ପାଇଁ କାମ କରେ, ଦାନ କରେ, ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ନିଜର ଦକ୍ଷତାକୁ ବ୍ୟବହାର କରେ।



## କାହିଁକି ରୁଦ୍ରାକ୍ଷ ପିନ୍ଧିବା ଉଚିତ

### ରୁଦ୍ରାକ୍ଷ ପିନ୍ଧିବାର ଲାଭ:

ହିନ୍ଦୁ ଧର୍ମରେ ରୁଦ୍ରାକ୍ଷକୁ ବହୁତ ପବିତ୍ର ବୋଲି ବିବେଚନା କରାଯାଏ। ଏହା ବିଶ୍ୱାସ କରାଯାଏ ଯେ ରୁଦ୍ରାକ୍ଷ ଭଗବାନ ଶିବଙ୍କ ଏକ ଅଂଶ। ତେଣୁ, ସନାତନ ଧର୍ମରେ ଏହାର ବିଶେଷ ଗୁରୁତ୍ୱ ଅଛି। ଏହା ଭକ୍ତଙ୍କ ଜୀବନରେ ଏକ ଆଧ୍ୟାତ୍ମିକ ଭୂମିକା ଗ୍ରହଣ କରେ। କୁହାଯାଏ ଯେ ରୁଦ୍ରାକ୍ଷ ଭଗବାନ ଶିବଙ୍କ ଲୁହରୁ ତିଆରି, ତେଣୁ ଦୁନିଆରେ ଏହାଠାରୁ ପବିତ୍ର ଆଉ କିଛି ନାହିଁ। ଏହାକୁ ପିନ୍ଧିଥିବା ଭକ୍ତଙ୍କ ଉପରେ ଭଗବାନ ଶିବଙ୍କ ବିଶେଷ ଆଶୀର୍ବାଦ ଥାଏ, ତେଣୁ ଶିବ ଭକ୍ତମାନେ ଏହାକୁ ସମସ୍ତ ପରିସ୍ଥିତିରେ ପିନ୍ଧିଥାନ୍ତି। ରୁଦ୍ରାକ୍ଷ ପିନ୍ଧିବା କେବଳ ଧାର୍ମିକ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ।

### ରୁଦ୍ରାକ୍ଷର କେତୋଟି ମୁଖ ଅଛି :

ହିନ୍ଦୁ ଧର୍ମରେ ରୁଦ୍ରାକ୍ଷର ନିଜସ୍ୱ ଭିନ୍ନ ବିଶ୍ୱାସ ଅଛି। ଜ୍ୟୋତିଷ ଶାସ୍ତ୍ରରେ ଏହା ବିଶ୍ୱାସ କରାଯାଏ ଯେ ରୁଦ୍ରାକ୍ଷ ପିନ୍ଧିଥିବା ବ୍ୟକ୍ତିଙ୍କ ସମସ୍ତ କଷ୍ଟ ଦୂର ହୋଇଯାଏ। ସୂଚନ ରଖାଯାଇପାରେ ଯେ ରୁଦ୍ରାକ୍ଷ ଗୋଟିଏ ମୁଖୀରୁ ୨୧ ମୁଖୀ ପର୍ଯ୍ୟନ୍ତ ମିଳିଥାଏ, ଯାହାର ନିଜସ୍ୱ ବିଶେଷତ୍ୱ ରହିଛି। କୁହାଯାଏ ଯେ ନୀତି ନିୟମ ଅନୁଯାୟୀ ରୁଦ୍ରାକ୍ଷ ପିନ୍ଧିଥିବା ବ୍ୟକ୍ତି କେବଳ ପ୍ରତ୍ୟେକ ସଙ୍କଟରୁ ଦୂରରେ ରହନ୍ତି ନାହିଁ, ବରଂ କୁଣ୍ଡଳୀରେ ଗ୍ରହମାନଙ୍କର ସ୍ଥିତି ମଧ୍ୟ ସଠିକ୍ ରହିଥାଏ।

### ରୁଦ୍ରାକ୍ଷ ପିନ୍ଧିବାର ସଠିକ୍ ନିୟମ :

ରୁଦ୍ରାକ୍ଷ ପିନ୍ଧିବା ପାଇଁ, ଶିବ ମନ୍ଦିରରେ ବ୍ରାହ୍ମଣଙ୍କ ଦ୍ୱାରା ଅଭିଷେକ ଏବଂ ପବିତ୍ର ରୁଦ୍ରାକ୍ଷ ନିଅନ୍ତୁ। ତା'ପରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତୁ ଏବଂ ଏହାକୁ ଆପଣଙ୍କ ଗଳାରେ ପିନ୍ଧନ୍ତୁ। ଗଳାରେ ପିନ୍ଧାଯାଉଥିବା ରୁଦ୍ରାକ୍ଷକୁ ମଧ୍ୟ ବହୁତ ପବିତ୍ର ବୋଲି ବିବେଚନା କରାଯାଏ, ତେଣୁ ଏହାକୁ ମଇଳା ହାତରେ ସ୍ପର୍ଶ କରନ୍ତୁ ନାହିଁ। ଏହା ବ୍ୟତୀତ, ସକାଳେ ଆପଣଙ୍କର ନିତ୍ୟକର୍ମ ସମାପ୍ତ କରିବା ପୂର୍ବରୁ ଆପଣଙ୍କ ଗଳାରୁ ମାଳା କାଢି ଦିଅନ୍ତୁ ଏବଂ ସ୍ନାନ ପରେ ହିଁ ଏହାକୁ ଆପଣଙ୍କ ଗଳାରେ ପୁଣି ରଖନ୍ତୁ। ଏହା ସହିତ, ଓମ୍ ନମଃ ଶିବାୟ ମନ୍ତ୍ର ଜପ କରନ୍ତୁ, ଆପଣ ଏହାକୁ ଆପଣଙ୍କ ଗଳାରେ ପିନ୍ଧନ୍ତୁ କିମ୍ବା କାଢି ଦିଅନ୍ତୁ, ପ୍ରତ୍ୟେକ ଥର ଏହା କରନ୍ତୁ। ମନେରଖନ୍ତୁ ଯେ ରୁଦ୍ରାକ୍ଷ ମାଳାରେ ସର୍ବଦା ଏକ ବିଷମ ସଂଖ୍ୟାର ମାଳ ରହିବା ଉଚିତ। ଏହା ସହିତ, କେବେବି ୨୭ ମାଳର ମାଳା ପିନ୍ଧନ୍ତୁ ନାହିଁ। ବିଶ୍ୱାସ କରାଯାଏ, ରୁଦ୍ରାକ୍ଷ ଆପଣଙ୍କ ସହିତ ରହିଥାଏ।



## ଘଟୋତ୍କଚଙ୍କ ମୃତ୍ୟୁ ପରେ ଦ୍ରୌପଦୀଙ୍କ ଅନୁତାପ



ଯେତେବେଳେ ଘଟୋତ୍କଚଙ୍କ ମୃତ୍ୟୁ ହେଲା, ଦ୍ରୌପଦୀ ସବୁଠାରୁ ଅଧିକ ଅନୁତାପ କଲେ। ତାଙ୍କର କ୍ରୋଧ ଜଣେ ସାହସୀ ଯୋଦ୍ଧାର ଜୀବନ ନେଇଗଲା ବୋଲି ସେ ଗଭୀର ଦୁଃଖ ଅନୁଭବ କଲେ। କିଛି ସୂତ୍ର ଅନୁସାରେ, ଦ୍ରୌପଦୀ ମଧ୍ୟ ତାଙ୍କର ଭୁଲ ବୁଝିପାରିଥିଲେ। ସେ ଅନୁଭବ କଲେ ଯେ ତାଙ୍କର କ୍ରୋଧ ଅତ୍ୟଧିକ। ଏପରି ଅନେକ ଘଟଣା ଅଛି ଯେତେବେଳେ ଦ୍ରୌପଦୀଙ୍କ କ୍ରୋଧ ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲା। ସତ କଥା ହେଉଛି ଯେ ଯେତେବେଳେ ଦ୍ରୌପଦୀ ରାଗିଥିଲେ, ଅନ୍ୟମାନଙ୍କ ପାଇଁ ମଧ୍ୟ ଏହାର ଭୟଙ୍କର ପରିଣାମ ହୋଇଥିଲା।

# ନବନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଲଟିଛି ଭୂତ କୋଠି !



ମାର୍ଶାଘାଇ, (ନିପ୍ର): ରାଜସ୍ୱ ବିଭାଗ ଉନ୍ନତ ଭିତ୍ତିଭୂମି ଯୋଗାଇ ଦେବାକୁ ବ୍ୟାପକ ଅର୍ଥ ବ୍ୟୟବରାଦ କରାଯାଇଛି । ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଅତ୍ୟାଧୁନିକ ସେବା ଉପଲବ୍ଧ କରିବାକୁ ମହତ୍ତ୍ୱ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ ହେଉଛି । ତଳସ୍ତରରେ ପ୍ରଶାସନିକ ଅବହେଳା ନିର୍ମାଣ ସଂସ୍ଥାର ବିଳମ୍ବିତ କାର୍ଯ୍ୟ ଯୋଗୁଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପାଚେରୀ ଭୁଶୁଡିବା ଓ କାନ୍ଥରେ ଫାଟ ସୃଷ୍ଟି ଯୋଗୁଁ ବିଳମ୍ବିତ ହୋଇଥିଲା ଓ ମରାମତି କାର୍ଯ୍ୟ ପରେ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟାଳୟରେ ତାଲା ଝୁଲୁଛି । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପଳାସପୁର ନବନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ୩୫ ଲକ୍ଷରୁ ଉର୍ଦ୍ଧ ବ୍ୟୟବରାଦ ରେ ନବନିର୍ମିତ କାର୍ଯ୍ୟାଳୟ ଅସମ୍ପୂର୍ଣ୍ଣ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଚେରୀ ଭୁଶୁଡିବା ଓ କାନ୍ଥରେ ଫାଟ ସୃଷ୍ଟି ହେବାରୁ ତତ୍କାଳୀନ ତହସିଲଦାର ରାଜସ୍ୱ କାର୍ଯ୍ୟାଳୟ ଗ୍ରହଣ କରିନଥିଲେ । ନିର୍ମାଣଧୀନ ପ୍ରକଳ୍ପ ୨୦୧୮ ମସିହା ରୁ ଆରମ୍ଭ ହୋଇ ୨୦୨୧ ମସିହାରେ ଶେଷ ହୋଇଥିଲେ ମଧ୍ୟ ପୁର୍ନବାର ପାଚେରୀ ଭୁଶୁଡିବା ପରେ ୫ ଲକ୍ଷ ବ୍ୟୟବରାଦରେ ପାଚେରୀ କାର୍ଯ୍ୟ ଓ ଝରକା, କବାଟ ଇତ୍ୟାଦି ମରାମତି କରାଯାଇଥିଲା । କିନ୍ତୁ ଗ୍ରାମ ଉନ୍ନୟନ ବିଭାଗ ନିମ୍ନ ମାନର ନିର୍ମାଣ କାର୍ଯ୍ୟ କରି ତରବରିଆ ଭାବରେ ରାଜସ୍ୱ ବିଭାଗ କୁ ହସ୍ତାନ୍ତର କରିଥିଲା । ଦୀର୍ଘ ଦିନ ହେବ ଦୁଇ ମହଲା ବିଶିଷ୍ଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନହେବାରୁ ଦଶିପୁର, ବାଲଣା, ପଳାସପୁର, ବାଘଡିଆ, ଗିରଙ୍ଗ, ଦହିମାଛ ର ଜନସାଧାରଣ ମାନେ ଜମିଜମା ସମ୍ପର୍କୀୟ ସୁବିଧାରୁ ବଞ୍ଚିତ ହେଉଛନ୍ତି । ନବନିର୍ମିତ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନହେବା ଫଳରେ ଦୁର୍ବୃତ୍ତମାନଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ସାଧାରଣରେ ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ସରପଞ୍ଚ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି ।

## ଷ୍ଟିଅରିଂ ଛାଡ ଆନ୍ଦୋଳନ: ଦ୍ୱିତୀୟ ଦିନରେ ଯାତାୟାତ ଠପ୍

ଚାରିଛକ,( ନିପ୍ର ): ଗତକାଲି ଠାରୁ ଆରମ୍ଭ ହୋଇଥିବା ଓଡିଶା ଡ୍ରାଇଭର ମହାସଂଘ ବନ୍ଦ ଡାକରାରେ ଆଜି ଚାରିଛକ ବଜାରରେ ଚାରିଛକ ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଦ୍ୱିତୀୟ ଦିବସରେ ଯାତାୟାତ ଠପ୍ ହେବା ସହ ସରକାରୀ ଓ ବେସରକାରୀ କର୍ଯ୍ୟାଳୟ ଅଧିକାଂଶ ବନ୍ଦ ରହିଥିଲା । ଆଜି ନିମାପଡା ବ୍ଲକ ଡ୍ରାଇଭର ମହାସଂଘର ସଭାପତି ଶୁକଦେବ ବେହେରାଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଭାଇମାନେ ଚାରିଛକ ବଜାରରେ ଏକତ୍ରିତ ହୋଇ ୭ ଦଫା ଦାବି ପୂରଣ ଆମର ଦାବି, ସରକାର ତୁମେ ମାନିନିଅ ବୋଲି ସ୍ଲୋଗାନ ଦେଇଥିଲେ । ବିଶେଷକରି ଜରୁରୀ କାଳୀନ ସେବା ଗାଡି ଗୁଡିକୁ ସ୍ୱଭାବିକ ଚାଲିଥିବା ବେଳେ ଅନ୍ୟଗାଡି ସବୁ ଚଳାଚଳ ବନ୍ଦ ରହିଥିଲା । ଯାନବାହାନ ଚଳାଚଳ ବନ୍ଦ ରହିବା ଫଳରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ କର୍ମଚାରୀମାନେ ଯାତାୟାତ କରିବାରେ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି ।

## ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ,(ନିପ୍ର): ପୌର ପରିଷଦ, ହିଞ୍ଜିଳିକାଟୁରେ କାର୍ଯ୍ୟରତ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା କଟକ ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ପଦୋନ୍ନତି ପାଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀରୁ ଅବ୍ୟାହତି ନେଇ ଅତିରିକ୍ତ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିବେ । ଏହି ଅବସରରେ ମଙ୍ଗଳବାର ପୌର ପରିଷଦ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କୁ ଭାବ ବିହ୍ୱଳ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପୌର ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷ ସୁବାସ ଚନ୍ଦ୍ର ପୋଲେଇ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧକ୍ଷା ସୁଚିତ୍ରା ପଣ୍ଡା, ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚାମାଳା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଜ କୁମାର ନାୟକ ବେହେରା ପ୍ରମୁଖ ମଞ୍ଚସିନ ଥିଲେ ।

## ନୂତନ ସି.ଡି.ପି.ଓ ଙ୍କ ଯୋଗଦାନ



କାଶୀନଗର (ନିପ୍ର): କାଶୀନଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ରେ ସିଡିପିଓ କନକ ଲତା ପୂଜାରୀଙ୍କ ବଦଳି ପରେ ତାଙ୍କ ସ୍ଥାନରେ କେ.କୋଟେଶ୍ୱରୀ ନୂତନ ସି.ଡି. ପି.ଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ୍‌ରୁ ବଦଳି ହୋଇ କାଶୀନଗରେ ଆସିଛନ୍ତି । ତାଙ୍କୁ ଆଇ.ସି.ଡି.ଏସ କାର୍ଯ୍ୟାଳୟର କର୍ମଚାରୀମାନେ ସ୍ୱାଗତ ଜଣେଇବା ସହ ସମ୍ବର୍ଦ୍ଧନା କରିଥିଲେ ।

## ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ପାଇଁ ପାରାଦ୍ୱୀପ ନଗର କଂଗ୍ରେସ ପକ୍ଷରୁ ପ୍ରସ୍ତୁତି

ପାରାଦ୍ୱୀପ(ନିପ୍ର): ଲୋକସଭାର ବିରୋଧୀଦଳ ନେତା ରାହୁଲଳ ଗାନ୍ଧୀଙ୍କ ଓଡିଶା ଗସ୍ତ ଏବଂ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବା ନିମନ୍ତେ, ପାରାଦ୍ୱୀପ ନଗର କଂଗ୍ରେସ୍ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳଙ୍କ ଅଧକ୍ଷତାରେ ମଙ୍ଗଳବାର ଅପରାହ୍ନ ୪.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ୍ ସଭାପତି ନଟବର ବାରିକ୍ ଏବଂ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ୍ ପ୍ରାର୍ଥୀ ନିରଞ୍ଜନ ନାୟକ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ ।

## ପିପିଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମଘଟ

ପିପିଲି,(ନି ପ୍ର): ସରକାରଙ୍କୁ ଦାୟି କଲେ ଅଙ୍ଗନବାଡି କର୍ମୀ । ସରକାର ଆସିବା ଦିନ ଠାରୁ ଆମ୍ଭଙ୍କୁ ଅବହେଳିତରେ ରଖିଛନ୍ତି । ଆମ୍ଭମାନଙ୍କ କୌଣସି ଦାୟିତ୍ୱ ସଠିକ ଭାବରେ ଡବଲ ଇଂଜିନ ସରକାର ତୁଲାଉ ନାହାନ୍ତି ବୋଲି ଗର୍ଜିଛନ୍ତି ଅଙ୍ଗନବାଡି କର୍ମୀ । ଅନେକ ସମସ୍ୟାକୁ ନେଇ ଆଜି ପିପିଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମୁଖରେ ପିପିଲି ବ୍ଲକ କାର୍ଯ୍ୟରତ ଅଙ୍ଗନବାଡି କର୍ମୀମାନେ ଏକତ୍ରିତ ହୋଇ ଧର୍ମଘଟ କରି ବିଭିନ୍ନ ସମସ୍ୟା ଉପରେ ଗର୍ଜିଛନ୍ତି । ସେମାନଙ୍କର ମାସିକ ୨୬ ହଜାର ଦରମା ଲାଗୁ କରିବା । ପୁରୁଣା ପେନସନ ଲାଗୁ କରିବା ସମେତ ଅନେକ ସମସ୍ୟାକୁ ନେଇ ଧର୍ମଘଟ କରିଛନ୍ତି ବୋଲି ଦେଖିବାକୁ ମିଳିଛି ।

## ଡ୍ରାଇଭର ସଂଘର ଆନ୍ଦୋଳନ

ଭଦ୍ରକ(ନିପ୍ର): ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡା ଠାରେ ଓଡ଼ିଶା ଡ୍ରାଇଭର ସଂଘର ଆନ୍ଦୋଳନ ଷ୍ଟେରିଙ୍ଗି ଛାଡ ଆନ୍ଦୋଳନ ଚାଲିଥିବା ବେଳେ ଭଣ୍ଡାରିପୋଖରୀ ବିଧାୟକ -ସଂଜୀବ୍ କୁମାର ମଲ୍ଲିକ୍ ଧାରଣ ସ୍ଥଳରେ ପହଞ୍ଚି ଆନ୍ଦୋଳନରେ ଉପସ୍ଥିତ ଥିବା ଗାଡ଼ି ଚାଳକମାନଙ୍କୁ ଭେଟିବା ସହିତ ସମସ୍ୟା ବା ଦାବି ସମ୍ପର୍କରେ ଆଲୋଚନା କରିବା ସହ ଡ୍ରାଇଭର ସଂଘର ସମସ୍ୟା ର ସମାଧାନ ପାଇଁ ରାଜ୍ୟ ସରକାର ତଥା ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ସହିତ ଆଲୋଚନା କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ଭଣ୍ଡାରିପୋଖରୀ ବିଧାୟକ ।

## ଆସିକା ଅମଲା ସଙ୍ଘ ପକ୍ଷରୁ ୧୦ ଦଫା ଦାବି ନେଇ କଳା ବ୍ୟାଜ ପରିଧାନ




ଆସିକା(ନିପ୍ର): ଓଡିଶା ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଆସିକା ଅମଲା ସଙ୍ଘ ପକ୍ଷରୁ କଳାବ୍ୟାଜ ପରିଧାନ କରିଛନ୍ତି । ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ଶାନ୍ତି ପୂର୍ଣ୍ଣ ଭାବେ ପ୍ରତିବାଦ କରିବେ । ରାଜ୍ୟ ସରକାର ଯଦି ଜୁଲାଇ ୧୪ ତାରିଖ ମଧ୍ୟରେ ସଙ୍ଘ ପକ୍ଷରୁ ଉପସ୍ଥାପନା କରାଯାଇଥିବା ୧୦ ଦଫା ନପୁରଣ ହୁଏ ତେବେ ଅମଲା ସଙ୍ଘ ସପୂର୍ଣ ସାମୁହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି । ଅମଲା ସଙ୍ଘର ଦାବୀ ଗୁଡିକ ହେଲା ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ଓ ଆର ଏସ ପି -୨୦୧୭ ନିୟମ ଅନୁଯାୟୀ ସ୍ତର-୯ କୁ ବୃଦ୍ଧି କରିବା, ସରକାରଙ୍କ ପତ୍ର ସଂଖ୍ୟା ୮୮୯୮/ ଜି.ଏ. ଏବଂ ପି.ଜି. ବିଭାଗରେ ୧୫.୩.୨୦୨୪ ଏବଂ ସମସ୍ତ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସହ କ୍ୟାଡର ପୁନର୍ଗଠନ କରାଯିବା, କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ, ଅଖିଳ ଭାରତୀୟ ସେବା କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ, ଗତ ୨୦୨୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ଏବଂ ୧୯୯୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବାରେ ୧୦୦% ପଦୋନ୍ନତି ଦାବୀ,ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା,ପଦୋନ୍ନତି ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ବରିଷ୍ଠ ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକୀୟ ବାସସ୍ଥାନ ଅବଧି ୦୪ ବର୍ଷ ପର୍ଯ୍ୟନ୍ତ ସ୍ଥିର କରିବା ସେକ୍ସନ୍ ଅଫିସର ପଦବୀକୁ ପଦୋନ୍ନତି, ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ୟୁଜର ଆଇଡି ବିଭିନ୍ନ ରାଜସ୍ୱ ମାମଲା ପରିଚାଳନା ପାଇଁ ସୃଷ୍ଟି କରାଯିବା ଉଚିତ,କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯିବା ଉଚିତ ବୋଲି ଅମଲା ସଙ୍ଘ ଦାବୀ ରଖିଛନ୍ତି ।

## ରାଜ୍ୟ ପରିବହନ ବିଭାଗର ସଫଳତା
## ଜୁଲାଇ ସୁଦ୍ଧା ୩ ମାସରେ ୧୨୧କୋଟିର ରାଜସ୍ୱ ଆଦାୟ

କଟକ, (ନିପ୍ର): ରାଜ୍ୟ ପରିବହନ ବିଭାଗ ଅଧୀନରେ ଥିବା କଟକ ସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ୩ମାସ ମଧ୍ୟରେ ସର୍ବାଧିକ ୧୨୧କୋଟି ୬୮ଲକ୍ଷ ୨୯ହଜାର ଟଙ୍କାର ରାଜ୍ସ ଆଦାୟ କରାଯାଇଛି । ସରକାରଙ୍କ ପକ୍ଷରୁ ଗତ ୩ ମାସ ମଧ୍ୟରେ ୫୫କୋଟି ୫୦ଲକ୍ଷ ଟଙ୍କାର ରାଜ୍ସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଗାଡ଼ି ଫିଟନେସ, ପରମିଟ, ରେଜିଷ୍ଟ୍ରେସନ, ଡିଏଲ ଓ ଜରିମାନା ବାବଦରେ ଏହି ପରିମାଣର ଟିକସ ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ତେବେ ସରକାର ବର୍ଷ ଶେଷ ସୁଦ୍ଧା ଜିଲ୍ଲାରୁ ୨୫୩କୋଟି ଟଙ୍କାର ରାଜ୍ସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ଗତ ଏପ୍ରିଲରେ ଟିକସ ଆଦାୟ ପରିମାଣ ୯୬.୧, ମେ ମାସରେ ୧୦୪.୬ ଓ ଜୁନରେ ୧୩୦.୪ ପ୍ରତିଶତ ଛୁଇଁପାରିଛି ବୋଲି ପରିବହନ ଅଧିକାରୀ ତଥା ଡେପୁଟି କମିଶନର ବିରଞ୍ଚି ନାରାୟଣ ଅଧିକାରୀ ସୂଚନା ଦେବା ସହିତ ବର୍ଷ ଶେଷରେ ଆଦାୟ ପରିମାଣ ଗତ ପ୍ରତିଶତକୁ ଟପିଯିବ ବୋଲି ସୂଚନା ଦେଇଛନ୍ତି ।

## ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ

ବୋଲଗଡ, (ନିପ୍ର ): ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ ଅବସରରେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟଠାରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ ବୁଧବାରଦିନ ପାଳତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଭ୍ୟ ଆଶୁତୋଷ ସିଂହଙ୍କ ନେତୃତ୍ୱରେ ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳଠାରେ ପ୍ରତିଷ୍ଠା ଦିବସ ପାଳନ କରାଯିବା ସହ ମହାବିଦ୍ୟାଳୟରେ ଛାତ୍ରମାନଙ୍କ ପାଇଁ ସାଧାରଣ କୋଠରୀ ଏବଂ ସାଇକେଲ ଷ୍ଟାଣ୍ଡ ପାଇଁ ୨୦୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନଙ୍କ ଠାରୁ ସ୍ୱାକ୍ଷର ବିଶିଷ୍ଟ ଦାବିପତ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଦାଶ ମହୋଦୟଙ୍କୁ ଦିଆଯାଇଥିଲା । ଅଧକ୍ଷ ଶ୍ରୀ ଦାସ ଛାତ୍ରମାନଙ୍କ ଦାବିକୁ ଯଥାର୍ଥ ମନ କରି ଆଗାମୀ ଜୁଲାଇ ମାସ ଶେଷ ସୁଦ୍ଧା ସେମାନଙ୍କର ଦାବି ସମାଧାନ କରାଇବା ପାଇଁ ସମସ୍ତ ଛାତ୍ରମାନଙ୍କ ସର୍ମୁଖରେ ପ୍ରତିଶ୍ରୁତି ଦେଇଥିଲେ ।

## ଭଦ୍ରକ ଚାନ୍ଦବାଲିରେ ଭାରତ ବନ୍ଦ କାର୍ଯ୍ୟକ୍ରମ ସଫଳ

ଭଦ୍ରକ/ଚାନ୍ଦବାଲି (ନିପ୍ର): କର୍ପୋରେଟ ଓ ସାଂପ୍ରଦାୟିକ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବାକୁ ଯାଇ କେନ୍ଦ୍ରର ମୋଦି ସରକାର ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ଆଣିବା ସହ ଭାରତର ସରକାରୀ ଶିକ୍ଷାର ସାଂପ୍ରଦାୟିକରଣ କରିବାକୁ ଯାଉଛନ୍ତି । ଭାରତ ବର୍ଷର ସମ୍ବିଧାନର ମୁଖବନ୍ଧରେ ଥିବା ଧର୍ମନିରପେକ୍ଷ ଓ ସମାଜବାଦକୁ ହଟାଇବା ପାଇଁ ମୋଦି ସରକାର ଷଡଯନ୍ତ୍ର କରୁଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସଟି ଲଗାଇ ମୋଦି ସରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ କରିଛନ୍ତି । ମୋଦି ସରକାରଙ୍କ ଏହି ଜନବିରୋଧି ନୀତିକୁ ବିରୋଧ କରି, ଶ୍ରମ କୋର୍ଡ ବାତିଲ ଓ ଓଡିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଦାବି ନେଇ ମିଳିତ ଟ୍ରେଡ଼ ୟୁନିୟନ ଓ ଫେଡେରେସନ ସମୂହ ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଠାରେ ବନ୍ଦ ଆନ୍ଦୋଳନ ସଂଗଠିତ ହୋଇଛି । ଭଦ୍ରକ- ଚାନ୍ଦବାଲି ରାଜ୍ୟ ରାଜପଥକୁ ଚାନ୍ଦବାଲି ବଜାରରେ ବନ୍ଦ ରଖିବା ସହ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ,ଚାନ୍ଦବାଲି କୋର୍ଟ, ଚାନ୍ଦବାଲି ବଜାର, ମତୋ ବଜାର, ଘଣ୍ଟେଶ୍ୱର ବଜାର, ଯଶିପୁର ବଜାର, ଧାମରା ବଜାର, ଚାନ୍ଦବାଲି ମହାବିଦ୍ୟାଳୟ, ମତୋ ମହାବିଦ୍ୟାଳୟ, ଘଣ୍ଟେଶ୍ୱର ମହାବିଦ୍ୟାଳୟ, ଚାନ୍ଦବାଲି ବ୍ଲକର ସମସ୍ତ ରେଭିନ୍ୟୁ କାର୍ଯ୍ୟାଳୟ, ଚାନ୍ଦବାଲି ବ୍ଲକର ସମସ୍ତ ଫେରିଘାଟ ବନ୍ଦ ରହିଥିଲା । ଏହି ବନ୍ଦ ଆନ୍ଦୋଳନରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିପିଆଇ ର ଯୁବ ନେତା ଗୌରହରି ମିଶ୍ର, ସିପିଆଇ ଜୋନ୍ ସଂପାଦକ ଅନନ୍ତ ପ୍ରସାଦ ମହାନ୍ତି , ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଜେନା, ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଲଙ୍ଗଳେଶ୍ୱରରେ ୭୬ ତମ ବନମହୋତ୍ସବ

ରମ୍ଭା(ନିପ୍ର): ଖଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମ ଚିଲିକା ଉପକୂଳରେ ୭୬ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଖଲ୍ଲିକୋଟ ସେବା ଫାଉଣ୍ଡେସନର ସଭାପତି ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳର ଅଧିକାରୀ ବବୁଲ ମଲ୍ଲିକ, ସମ୍ମାନୀତ ଅତିଥି ଭାବେ କେଶପୁର ବିଟର ବନପାଳ ବଳରାମ ସାହୁ, ସେବା ସଂଘର ସଭାପତି ପ୍ରହଲ୍ଲାଦ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସମାଜସେବୀ ହରେକୃଷ୍ଣ ମଲ୍ଲିକ , ମୁଖ୍ୟବକ୍ତା ଭାବେ ମତ୍ସ୍ୟ ବିଭାଗ ଉପ ନିର୍ଦ୍ଦେଶକ ବ୍ରହ୍ମପୁରର ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ବୃକ୍ଷ ହିଁ ଆମ ଜୀବନ ଉପରେ ଆଲୋକପାତ କରିଥିଲେ । ଏହା ପରେ ଚିଲିକା ଉପକୂଳରେ ଠାକୁରାଣୀ ଠାରୁ ରିଙ୍ଗବନ୍ଧ ପର୍ଯ୍ୟନ୍ତ ୧୦୦ରୁ ଉର୍ଦ୍ଧ୍ୱ ଶାଗୁଆନ, ଅଁଳା, ଡାଳିମ୍ବ, ଅଶୋକ, ଅର୍ଜୁନ, ପିଜୁଳି, କରଞ୍ଜ ଆଦି ଚାରା ରୋପଣ କରାଯାଇଥିଲା । ଜନସାଧାରଣଙ୍କ ମଧ୍ୟରେ ସଚେତନତା କରାଯାଇ ଚାରା ସୁରକ୍ଷା ଓ ଯତ୍ନ ପାଇଁ ତାର ନିର୍ମିତ ଘେରା ଘୋଡଣି ଦ୍ୱାରା ଆବୃତ୍ତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଦିଲୀପ ବେହେରା, ଶେଷଦେବ ବେହେରା, ବିନୋଦ କୁମାର ବେହେରା, ନରସିଂହ ବେହେରା, ସମେତ ବହୁ ବୃକ୍ଷ ପ୍ରେମୀ ଯୋଗଦେଇଥିଲେ ।

## 'ଏକ ପରିଚୟ ଦେଶ ପାଇଁ ' ଅଭିଯାନ ଆରମ୍ଭ

ଭଦ୍ରକ(ନିପ୍ର): ଜାତୀୟ ଆଇନ୍ ସେବା ପ୍ରାଧୀକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ୯୦ ଦିନିଆ ଜିଲ୍ଲା ଆଇସେବା ପ୍ରାଧିକରଣ ଭଦ୍ରକ ମଧ୍ୟସ୍ଥତା କେନ୍ଦ୍ରରେ ବିଶେଷ ମଧ୍ୟସ୍ଥା ଅଭିଯାନ ଦେଶ ପାଇଁ ଯାହାକି ୧ ଜୁଲାଇ ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ । ମଧ୍ୟସ୍ଥତା ଦ୍ୱାରା ବିବାଦରେ ଥିବା ପକ୍ଷଗୁଡ଼ିକ ଅଦାଲତରେ ମାମଲାର ବିଚାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରନ୍ତି । ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା ଏକ ଅପୂର୍ବ ସୁଯୋଗ ଆଣିଥାଏ । ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ସମାଧାନ ପଦ୍ଧତି ମାଧ୍ୟମରେ ମିଳିଥାଏ । ଏହା ବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଖର୍ଚ୍ଚରୁ ମୁକ୍ତି ମିଳିଥାଏ । ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି । ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିଚାର ଶୁଣାଣୀର ଏକ ବିକଳ୍ପ ବ୍ୟବସ୍ଥା । ମାମଲାକୁ ମଧ୍ୟସ୍ଥତା ଦ୍ୱାରା ସମାଧାନ ପ୍ରକ୍ରିୟାକୁ ଚୟନ କରିଲେ ବହୁତ ଶିଘ୍ର ସମାଧାନ ହେବା ସଙ୍ଗେ ସଙ୍ଗେ ଅର୍ଥ ଏବଂ ସମୟ ଖର୍ଚ୍ଚରୁ ମୁକ୍ତି ମିଳିପାରିବ ।

## କଟକରେ ଉପଲବ୍ଧ ହେଉଛି ରୋବଟିକ ସର୍ଜରୀ




କଟକ,(ନିପ୍ର): ସଂପ୍ରତି କଟକରେ ବି ରୋର୍ବଟ ଦ୍ୱାରା ସର୍ଜରୀ ଉପଲବ୍ଧ ହେଉଛି । ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ମାଧ୍ୟମରେ ଅଳ୍ପ ସମୟରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇ ପାରୁଛି । ସ୍ଥାନୀୟ ଓଏମପି ସ୍ଥିତ ଶ୍ରୀଯା ହସପିଟାଲରେ ସହରର ପ୍ରଥମ ରୋବଟିକ ଆଣ୍ଠୁ ରିପ୍ଲେସମେଣ୍ଟ ସର୍ଜରୀ ଆରମ୍ଭ ହୋଇଛି ବୋଲି ହସ୍ପିଟାଲ କର୍ତ୍ତୁପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ପୂର୍ବରୁ ରାଜ୍ୟ ବାହାରେ ଓ ଭୁବନେଶ୍ୱରର ହାତଗଣତି ହସ୍ପିଟାଲରେ ଏହି ଚିକିତ୍ସା ଉପଲବ୍ଧ ହେଉଥିଲା । ବର୍ତ୍ତମାନ ରୋଗୀମାନେ କଟକରେ ମଧ୍ୟ ଏହି ଚିକିତ୍ସା ପାଇପାରିବେ । ରୋବଟିକ ସର୍ଜରୀ ଦ୍ୱାରା ରୋଗୀ ଶିଘ୍ର ସୁସ୍ଥ ହେବା ସହ ସଂକ୍ରମଣର ଆଶଙ୍କା ପ୍ରାୟତଃ ରହିବ ନାହିଁ । ଆଗକୁ ଶ୍ରୀଯା ହସପିଟାଲରେ ରୋବଟିକ ହିପ ସର୍ଜରୀ ମଧ୍ୟ ଆରମ୍ଭ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

# ମହାନଦୀ ବଢ଼ିଲେ ନଦୀକୂଳିଆ ଗ୍ରାମବାସୀଙ୍କ ଚିନ୍ତା ବଢାଏ କୁମ୍ଭୀର



ବୌଦ୍ଧ,(ନିପ୍ର): ବୌଦ୍ଧଜିଲ୍ଲା ଦେଇ ମହାନଦୀ ୧୧୦ କିଲୋମିଟର ବୋହିଯାଇଛି । ଏହି ମହାନଦୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପଧାରଣ କରିଥାଏ । ଶୀତ ଋତୁରେ ମହାନଦୀ ଶାନ୍ତ ରହିଥିବା ବେଳେ ଖରାଦିନେ ମହାନଦୀ ଶୁଷ୍କ ହୋଇପଡିଥାଏ । ବର୍ଷା ଦିନେ ଏହାର ରୂପ ପରିବର୍ତ୍ତନ ହୋଇଥାଏ । ବର୍ଷା ଦିନେ ମହାନଦୀ ଉଗ୍ରରୂପ ଧାରଣ କରିଥାଏ । ଏହି ସମୟରେ ମହାନଦୀରେ ବନ୍ୟାଜଳ ଆସି ମହାନଦୀ କୂଳଲଙ୍ଘି ନଦୀକୂଳରେ ଥିବା ବିଭିନ୍ନ ଗ୍ରାମକୁ ବନ୍ୟାଜଳ ପ୍ରବେଶ କରି ବ୍ୟାପକ କ୍ଷତି ଘଟାଇ ଥାଏ । ମହାନଦୀ ବନ୍ୟାଜଳ ପ୍ରବେଶ କରି ବହୁ ରାସ୍ତାଘାଟ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥାଏ । ଏହି ସମୟରେ ମହାନଦୀରେ ବିଭିନ୍ନ ସ୍ଥାନରେ କୁମ୍ଭୀର ଦେଖିବାକୁ ମିଳିଥାଏ । କୁମ୍ଭୀର ଦେଖି ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ହୋଇପଡିଥାନ୍ତି । ମହାନଦୀ ସାତକୋଶିଆ ଗଣ୍ଡ ଟିକରପଡା ଠାରେ ବନ୍ୟ ପ୍ରାଣୀ ଅଭୟାରଣ୍ୟରେ ବିଭିନ୍ନ ବିଲୁପ୍ତ ପ୍ରଜାତିର କୁମ୍ଭୀର ଅଛନ୍ତି । ଏହା ଘଡିଆଳ କୁମ୍ଭୀର ପାଇଁ ଏକ ପ୍ରଜନନ କ୍ଷେତ୍ର ଭାବରେ କାର୍ଯ୍ୟକରୁଅଛି । ଏଠାରେ କୁମ୍ଭୀର ଆବାସସ୍ଥଳୀ ରହିଥିବା ବେଳେ ନଦୀ ବଢିଲେ ପାଣି ଗୋଳିଆ ହୋଇଉଠେ ଫଳରେ କୁମ୍ଭୀର ସେଠାରୁ ଉପରକୁ ଚାଲି ଆସିଥାନ୍ତି । ଏବଂ ବୌଦ୍ଧଜିଲ୍ଲାର ବିଭିନ୍ନ ଘାଟ ନିକରେ ଦେଖାଦେଇଥାନ୍ତି । ଏପରିକି କୁମ୍ଭୀରମାନେ ମହାନଦୀ ସହିତ ସଂଯୋଗ ହୋଇଥିବା ନଦୀ ଓ ନାଳକୁ ମଧ ବିଭିନ୍ନ ସମୟରେ ଚାଲି ଯାଇଥାନ୍ତି । ଗତ ୨୦୨୪ ମେ ମାସରେ କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ରେଞ୍ଜର ସୁନାଖଣିଆ ଅଞ୍ଚଳରେ ୩୫ଟି ଘଡିଆଳ କୁମ୍ଭୀର ଜନ୍ମ ହୋଇଥିବା ଜଣାପଡିଛି । ଠିକ ସେହିପରି ଚଳିତ ବର୍ଷ ମଧ୍ୟ ମେ ମାସରେ ସାତକୋଶିଆ ଗଣ୍ଡର ବଳଦମରା ଠାରେ ୨୯ଟି ଗଡିଆଳ କୁମ୍ଭୀର ଜନ୍ମ ନେଇଛନ୍ତି । ବର୍ତ୍ତମାନ ଘଡିଆଳ ଗୁଡିକ ପ୍ରାୟ ଦୁଇମାସ ହୋଇଛନ୍ତି । ଏଠାରେ ଗତ ପାଞ୍ଚ ବର୍ଷରେ ୧୫୭ ଟି ଘଡିଆଳ କୁମ୍ଭୀର ଜନ୍ମ ହୋଇଥିବା ଜଣାପଡିଛି । ମହାନଦୀର ବଢିପାଣିରେ ବୌଦ୍ଧବ୍ଲକର ବାଉଁଶୁଣୀ, ତେନ୍ତୁଳିପାଲି, ଡମ୍ବଗାର୍ଡ ଆଦି ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥାଏ । ସେହିପରି ବୌଦ୍ଧ ସହର ମର୍ଜାକୁଦ ହରଭଙ୍ଗା ବ୍ଲକର କାଲେଶ୍ୱର, ବଙ୍କାପଡା, କୃଷ୍ଣମୋହନପୁର, କରଡି, ରାମଗଡ, ଧଳପୁର, କୁତ୍ରି, ମାରଡା, ଅତଲସରା, ପାଣିଘରା, କୁଡାସିଙ୍ଗା ଆଦି ମହାନଦୀର ଘାଟ ଅଂଚଳରେ ବିଭିନ୍ନ ସମୟରେ କୁମ୍ଭୀର ଦେଖିବାକୁ ମିଳିଥାଏ । ବର୍ଷାହେଲେ ମହାନଦୀରେ ପାଣି ଆସିଲେ କୁମ୍ଭୀର ଗୁଡିକ ଉପରକୁ ଉଠି ଆସିଥାନ୍ତି । ଏବଂ ବନ୍ୟା ପାଣି ଛାଡିବା ପରେ ସେମାନେ ଆପେଆପେ ଚାଲିଯାଇଥାନ୍ତି । ବେଳେ ବେଳେ କୁମ୍ଭୀର ତଳକୁ ଯାଇନ ପାରି ଅଧିକ ଦିନ ରହିଯାଇଥାନ୍ତି । ଘଡିଆଳ କୁମ୍ଭୀର ଶାନ୍ତ ସ୍ୱଭାବର ହୋଇଥିବା ବେଳେ ସେମାନେ ମାଛ ଖାଇଥାନ୍ତି ଓ କାହାର କିଛି କ୍ଷତି କରିନଥାନ୍ତି । ହେଲେ ମଗର କୁମ୍ଭୀର ଗୁଡିକ ଅଧିକ ହିଂସ୍ର ପ୍ରବୃତିର ହୋଇଥାନ୍ତି । ଯାହାକି ଜୀବନ ପ୍ରତି ବିପଦ ରହିଛି । ମହାନଦୀରେ କୁମ୍ଭୀର ଦେଖାଦେବା ପରେ ସ୍ଥାନିୟ ଲୋକେ ଆତଙ୍କିତ ହୋଇପଡିଥାନ୍ତି ଓ ମହାନଦୀକୁ ଯିବାକୁ ଭୟକରନ୍ତି । ହେଲେ ଗୋରୁଗାଈମାନେ ନଦୀକୁ ଚାଲିଯାଉଥିବାର ଦେଖିବାକୁ ମିଳିଥାଏ । ଗୋରୁଗାଈଙ୍କ ସୁରକ୍ଷାକୁ ନେଇ ଗ୍ରାମବାସୀମାନେ ଚିନ୍ତା ପ୍ରକଟ କରିଥାନ୍ତି । ଲୋକମାନେ କୁମ୍ଭୀର ଭୟରେ ନଦୀକୁ ଯାଇନ ଥାନ୍ତି । ଯାହା ଫଳରେ ସେମାନଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡିଥାଏ । ବିଶେଷ କରି ମତ୍ସ୍ୟଜିବୀମାନଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡିଥାଏ । ଲୋକମାନେ କୂଳରେ କୁମ୍ଭୀର ଦେଖିବା ପାଇଁ ଭିଡ ଜମାଇଛନ୍ତି । ମହାନଦୀରେ ବଢି ପାଣିରେ କୁମ୍ଭୀର ଆସିବା ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇ ଲୋକମାନଙ୍କୁ ନଦୀକୁ ନ ଯିବା ପାଇଁ ବାରଣ କରାଯାଇଥାଏ । ଏବଂ କୁମ୍ଭୀରର ସୁରକ୍ଷା ଦୃଷ୍ଟିରୁ ନଦୀ କୂଳରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇ କୁମ୍ଭୀର ଉପରେ ନଜର ରଖାଯାଇ ଥାଏ । ହେଲେ ଜିଲ୍ଲାରେ କୁମ୍ଭୀର ଦ୍ୱାରା କୌଣସି ଜୀବନ ହାନୀ ହୋଇନଥିବା ଜଣାପଡିଛି । ସେଥିପାଇଁ ବୌଦ୍ଧ ବନଖଣ୍ଡ ପକ୍ଷରୁ ଆଗୁଆ ପ୍ରସ୍ତୁତି କରାଯାଇଥାଏ ଓ ମହାନଦୀ ବନ୍ୟପ୍ରାଣୀ କୁଶଙ୍ଗ ରେଂଜ ପକ୍ଷରୁ ଗତ ମେ ମାସଠାରୁ ନଦୀକୂଳିଆ ଗ୍ରାମବାସୀଙ୍କୁ ସତର୍କ ଓ ସଚେତନତା କରାଯାଇଥାଏ ।

ତିଥି : (ଗୁରୁପୂର୍ଣ୍ଣିମା): (ମୂଳା ଧନୁ )
ଅମୃତ ବେଳା : ଦି.ଘ ୩।୪୨ ଗତେ ଘ . ୬।୧୨ ମଧ୍ୟେ

## ଆଜିର ଅନୁଚିନ୍ତନ

ଜୀବନ କେବଳ ନିଜକୁ ଖୋଜିବା ନୁହେଁ, ବରଂ ନିଜକୁ ତିଆରି କରିବା ଗୁରୁତ୍ୱପୂର୍ଣ୍ଣ।
- ଜର୍ଜ ବର୍ଣ୍ଣାଡ ସ

## ଆମେରିକା-ଭାରତ : ଦୃଷ୍ଟିଭଙ୍ଗୀରେ ଭିନ୍ନତା

ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଚୀନ,ଭାରତ ଓ ଅନ୍ୟ କେତେକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ବାଣିଜ୍ୟିକ ଶୁଳ୍କ ଜାରି କରିବା ନେଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ନାପସନ୍ଦ ପ୍ରକାଶ ପାଇଛି। ଡାଇରୀ ବା ଦୁଗ୍ଧଜାତ ଉତ୍ପାଦ ଯେପରିକି ଚାଉଳ,ଗହମ,ଏପରିକି ଆନୁବଂଶିକ ଆପରିବର୍ତ୍ତିତ ଉତ୍ପାଦ ଯେପରିକି ସୋୟାବିନ୍ ଉପରେ ଟାରିଫ ହ୍ରାସ ପାଉ ବୋଲି ଆମେରିକା ଚାହୁଁଥିଲେ ହେଁ ଭାରତ ପକ୍ଷରୁ ଏହାର ପ୍ରତିରୋଧ କରାଯାଇଛି,ଯାହା ଔଚିତ୍ୟରକ୍ଷା କରେ। ବାଣିଜ୍ୟିକ ବୁଝାମଣା, ଯେ କୌଣସି ଦେଶର ଜାତୀୟ ସ୍ୱାର୍ଥ ଆଧାରିତ ହୋଇଥାଏ। ଏ ପରିପ୍ରେକ୍ଷୀରେ ଆମେରିକାର ସମୟ ଆଧାରିତ କୌଣସି ବାଣିଜ୍ୟିକ ଚୁକ୍ତିରେ ଭାରତ ସ୍ୱାକ୍ଷର କରିବ ନାହିଁ, ଏହା ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଡାଇରୀ ଉତ୍ପାଦକୁ ବିଚାରକୁ ନିଆଯାଇପାରେ । ମାତ୍ର ଦୁଇରୁ ତିନିଟି ଗାଈ ପାଳୁଥିବା କୃଷକ ସଂଖ୍ୟା ଭାରତରେ ପ୍ରାୟ ୮୦ ନିୟୁତ। ଯଦି ଭାରତର ସହରାଞ୍ଚଳ ମାର୍କେଟ ପାଇଁ ଆମେରିକୀୟ ଡାଇରୀଜାତ ପଦାର୍ଥଗୁଡ଼ିକ ନିମନ୍ତେ ଖୋଲି ଦିଆଯାଏ, ତେବେ ଭାରତର ଗୋପାଳନ କରୁଥିବା ବର୍ଗଙ୍କ ସ୍ୱାର୍ଥ କେବଳ ଉଜୁଡ଼ିଯିବ ନାହିଁ,ଅଧିକନ୍ତୁ ସେମାନଙ୍କ ଜୀବିକା ବିପନ୍ନ ହୋଇଯିବ। ଟ୍ରମ୍ପ ବ୍ରିକ୍ସକୁ ଆମେରିକା ବିରୋଧୀ ମନେ କରି ଅତିରିକ୍ତ ୧୦ ପ୍ରତିଶତ ଟାରିଫ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକ ଉପରେ ଲଦି ଦେଉଛି।

ଏ ପରିପ୍ରେକ୍ଷୀରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଆମେରିକା ଉପରେ ନିର୍ଭରତାକୁ ଯେତେ କମାଇବେ ସେତେ ଭଲ। କାରଣ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ତାଙ୍କ ନିଜ ରାଷ୍ଟ୍ର ପାଇଁ ଆର୍ଥିକ ଫାଇଦା ଆଣୁଥିବା ବେଳେ ଅନ୍ୟ ରାଷ୍ଟ୍ର ନିମନ୍ତେ ବାଣିଜ୍ୟିକ ସମସ୍ୟା ବହୁ ମାତ୍ରାରେ ଆଣିଦେବ । ଆମେରିକା ତାହାର ବାଣିଜ୍ୟିକ ସୁବିଧାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଭାରତ ରିଓଡିଜେନେରୋସ୍ଥିତ ବ୍ରିକ୍ସର ଏକ ଅଧିବେଶନ 'ପରିବେଶ ,ସିଓପି-୩୦ ଓ ବୈଶ୍ୱିକ ସ୍ୱାସ୍ଥ୍ୟ'ରେ ସ୍ପଷ୍ଟ କରିଛି ପାଣିପାଗଜନିତ ନ୍ୟାୟ ପାଇଁ ବିକଳ୍ପ ନୁହେଁ ବରଂ ନୈତିକ କର୍ତ୍ତବ୍ୟ। ବ୍ରିକ୍ସ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯେଉଁମାନେ ଆବଶ୍ୟକ ଆର୍ଥିକ ସହାୟତା ଚାହୁଁଛନ୍ତି ତାହା ସେମାନଙ୍କୁ ଯୋଗାଇବା,ବୈଷୟିକ ଜ୍ଞାନକୌଶଳର ଆଦାନ ପ୍ରଦାନ ଆବଶ୍ୟକ। ଏହା ଦ୍ୱାରା ପାଣିପାଗ ଜନିତ ଭବିଷ୍ୟତ ଆକାଂକ୍ଷା ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଇବ।

ଆଗାମୀ ବ୍ରିକ୍ସରେ ଭାରତ ପ୍ରତିନିଧିତ୍ୱ କରିବ ଓ ମାନବତାକୁ ସର୍ବପ୍ରଥମ ପ୍ରାଧାନ୍ୟ ଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ପଷ୍ଟୋକ୍ତି, ବିଶ୍ୱ ପାଇଁ ଏକ ପ୍ରମୁଖ ଆହ୍ୱାନ। ଏହା ଯଦି ବଡ଼ଭାଇପଣିଆ ଦେଖାଉଥିବା ଆମେରିକାର ଉପଲବ୍ଧି ହୁଅନ୍ତା ତେବେ ଏହା ବାଣିଜ୍ୟକୁ ଅଧିକ ଗୁରୁତ୍ୱ ନ ଦେଇ ମାନବତା ଯାହା ବିଶ୍ୱ ପାଇଁ ସବୁଠୁ ଆକାଂକ୍ଷିତ ଲକ୍ଷ୍ୟ, ତାହାକୁ ଧ୍ୟାନ ଦେଇପାରନ୍ତା।

# ଆଧୁନିକ ଶିକ୍ଷା : ନୈତିକ ମୂଲ୍ୟବୋଧ ବିକାଶ ପାଇଁ ଉପଯୁକ୍ତ କି ?

ଅସିତ ମହାନ୍ତି

ଆଧୁନିକ ଶିକ୍ଷାରେ ନୈତିକ ମୂଲ୍ୟବୋଧକୁ ପୋଷଣ କରିବାର କ୍ଷମତା ଅଛି, କିନ୍ତୁ ଏହା ପ୍ରକୃତରେ ଏହା କିପରି ସଂରଚିତ ଏବଂ କାର୍ଯ୍ୟକାରୀ ହୁଏ ତାହା ଉପରେ ନିର୍ଭର କରେ। ପ୍ରଶ୍ନ ଉଠେ, ଆଧୁନିକ ଶିକ୍ଷାର ଅଭାବ କେଉଁଠି ରହିଛି ? ଏକାଡେମିକ୍ ଅତ୍ୟଧିକ ଗୁରୁତ୍ୱ : ଅନେକ ସିଷ୍ଟମ୍ ଚରିତ୍ର ବିକାଶ ଉପରେ ଗ୍ରେଡ୍, ପ୍ରତିଯୋଗିତା ଏବଂ ମାନକ ପରୀକ୍ଷଣକୁ ପ୍ରାଥମିକତା ଦେଇଥାଏ । ନୈତିକ ଶିକ୍ଷାକୁ ପ୍ରାୟତଃ ଦୈନନ୍ଦିନ ଶିକ୍ଷାରେ ଏକୀକୃତ କରିବା ପରିବର୍ତ୍ତେ ଏକ ପୃଥକ ବିଷୟ (ଯେପରିକି 'ମୂଲ୍ୟ ଶିକ୍ଷା') ଭାବରେ ବିବେଚନା କରାଯାଏ। ଯଦିଓ କେତେକ ବିଦ୍ୟାଳୟରେ କିଛି ନୈତିକ ଶିକ୍ଷା ବିଷୟରେ ଅଲଗା ଚର୍ଚ୍ଚା କରିଥାନ୍ତି କିନ୍ତୁ ତାହା କେବଳ ନିମ୍ନ ଶ୍ରେଣୀ ମାନଙ୍କରେ । ଯେତେବେଳେ ସେମାନେ ଉଚ୍ଚ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥାନ୍ତି ସେଗୁଡିକୁ ଭୁଲିଯାଇଥାନ୍ତି । କାରଣ ନୈତିକ ଶିକ୍ଷା, ଶିକ୍ଷା ପାଠ୍ୟକ୍ରମରୁ ଅଲଗା । ମୂଲ୍ୟବୋଧ ଗୁଡିକୁ ମୁଖ୍ୟ ପାଠ୍ୟକ୍ରମରେ ଯୋଡ଼ା ଯାଇ ନାହିଁ । ଯେପରି ପୂର୍ବରୁ ଆମେ ଗଳ୍ପ,ଏକାଙ୍କିକା ପଢୁଥିଲୁ , ଯେଉଁଥିରେ ମହାନ ଗାଳ୍ପିକ ଏବଂ ସାହିତ୍ୟିକରମାନଙ୍କର ଲେଖା ପାଠ୍ୟକ୍ରମରେ ଯୋଡାଯାଇଥିଲା । ଏହା ଜୀବନର ପ୍ରତ୍ୟେକ ପଦକ୍ଷେପରେ ମନେ ପକାଇଦେଉଥିଲା ଯେ ଆମେ କେଉଁଠାରେ ଭୁଲ ବା ଅକରଣୀୟ କାର୍ଯ୍ୟ କରୁଛୁ । କିନ୍ତୁ ଦୁଃଖର କଥା ଆଜି ସେହି ସାହିତ୍ୟକାରମାନଙ୍କର ଲେଖାକୁ ପାଠ୍ୟକ୍ରମରୁ ବାଦ୍ ଦିଆଯାଇଛି । ବର୍ତ୍ତମାନ ପାଠ୍ୟକ୍ରମ ସମାଜ ବ୍ୟବସ୍ଥା ପୁଞ୍ଜିବାଦ ଏବଂ ଗ୍ଲୋବାଲାଇଜେସନ ଅର୍ଥନୀତିକୁ ଆଖିରେ ରଖି ଡିଜାଇନ କରାଯାଇଛି । ଏଥିରେ ପୁଣି ମୂଲ୍ୟବୋଧର ସ୍ଥାନ କେଉଁଠି ? ଯେକୌଣସି ଉପାୟରେ ଲାଭ ପାଇବାର ଅଛି । ଲାଭ ପାଇବା ଭିତରେ ପୁଣି ମୂଲ୍ୟବୋଧ ଏବଂ ନୈତିକତାର ଆବଶ୍ୟକତା କ'ଣ ଦରକାର ? ତାହେଲେ ସମାଜ ବ୍ୟବସ୍ଥା ଏବଂ ଏହାର ଅର୍ଥନୀତିକୁ ଆଖିଆଗରେ ରଖି ସମାଜରେ ସମସ୍ତ ବିଷୟକୁ ଡିଜାଇନ କରାଯାଇଥାଏ । ଶିକ୍ଷା ସେଥିରୁ କିପରି ପୃଥକ ରହି ପାରିବ। ସେଇଥିପାଇଁ କିଛି ବର୍ଷ ପୂର୍ବେ , ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଏନ.ଭି ରମନା ତାଙ୍କ ଭାଷଣରେ କହିଥିଲେ ଯେ ଆଧୁନିକ ଶିକ୍ଷା ପ୍ରକୃତିରେ ଉପଯୋଗୀ ଏବଂ ଛାତ୍ରଙ୍କ ଚରିତ୍ର ଗଢିବାରେ କିମ୍ବା ନୈତିକ ମୂଲ୍ୟବୋଧରେ ସାହାଯ୍ୟ କରିପାରିବ ନାହିଁ। ସେ କହିଥିଲେ ଯେ ପ୍ରକୃତ ଶିକ୍ଷା ନୈତିକ ଏବଂ ନୈତିକ ମୂଲ୍ୟବୋଧର ବିକାଶ ସହିତ ବ୍ୟକ୍ତିର ସାମଗ୍ରିକ ବିକାଶକୁ ଅନ୍ତର୍ଭୁକ୍ତ କରିବା ଉଚିତ। ସିଜେଆଇ



କହିଥିଲେ ଯେ ଆଧୁନିକ ଶିକ୍ଷା ଉପଯୋଗୀ ପ୍ରଣାଳୀ ଉପରେ ଧ୍ୟାନ ଦିଆଯାଇଛି ଏବଂ ଏହା ଛାତ୍ରଙ୍କ ଚରିତ୍ର ଗଠନ ଏବଂ ଛାତ୍ରମାନଙ୍କର ନୈତିକ ମୂଲ୍ୟବୋଧର ବିକାଶ ପାଇଁ ଉପଯୁକ୍ତ ନୁହେଁ । ପ୍ରକୃତ ଶିକ୍ଷା ଧୈର୍ଯ୍ୟ, ପାରସ୍ପରିକ ବୁଝାମଣା ଏବଂ ପାରସ୍ପରିକ ସମ୍ମାନର ବିକାଶ କରେ । ମାନବିକ ମୂଲ୍ୟବୋଧର ପ୍ରକୃତ ମୂଳ ବିକାଶ ପାଇଁ ଶିକ୍ଷାଗତ ଯାତ୍ରାକୁ ଜାରି ରଖେ । ପ୍ରଧାନ ବିଚାରପତି କହିଥିଲେ ଯେ ବିଶ୍ୱ ନାଗରିକ ଭାବରେ ଛାତ୍ରମାନେ ଏକ ପ୍ରଗତିଶୀଳ ବିଶ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଉଚିତ । ଶ୍ରୀ ସତ୍ୟସାଇ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଜୁକେସନର ୪୦ ତମ ସମ୍ମିଳନୀରେ ଯୋଗ ଦେଇ ସିଜେଆଇ ଛାତ୍ରମାନଙ୍କୁ କହିଥିଲେ ଯେ ସେମାନେ ବ୍ୟକ୍ତିଗତ ଆବଶ୍ୟକତା କିମ୍ବା ଇଚ୍ଛାକୁ ଧରିବା ଉଚିତ ନୁହେଁ ଏବଂ ପରିବାର, ପଡ଼ୋଶୀ, ଗ୍ରାମ, ସମ୍ପ୍ରଦାୟ ଇତ୍ୟାଦି ମଧ୍ୟରେ ରହିବା ଉଚିତ । ସେ କହିଥିଲେ ଯେ ଯଦି ଆପଣ ଏହାର ଅଭ୍ୟାସ ଆରମ୍ଭ କରନ୍ତି, ତେବେ ଆପଣ ଶୀଘ୍ର ବିବାଦ ଏବଂ ହିଂସା ମୁକ୍ତ ଏକ ଭଲ ଦୁନିଆରେ ବାସ କରିବେ। ଯେଉଁ ବିଷୟଟିକୁ ବ୍ୟବସ୍ଥାକୁ ଚଳାଉଥିବା ରାଜନୈତିକ ଦଳଗୁଡିକୁ ଚିନ୍ତନ କରିବାର ଥିଲା ସେ ବିଷୟରେ ପ୍ରଧାନ ବିଚାରପତିଙ୍କୁ ଚିନ୍ତା କରିବାକୁ ପଡିଲା । ଏହି ବିଷୟରେ ମାନବତାବାଦୀ ଚିନ୍ତନର ବାହକ, ରବିନ୍ଦ୍ରନାଥ ଠାକୁର , ବିବେକାନନ୍ଦ , ପ୍ରେମଚାନ୍ଦ, ନେତାଜୀ ସୁଭାଷଙ୍କ ଭଳି ମନୀଷୀମାନେ ମୂଲ୍ୟବୋଧ ଭିତ୍ତିକ , ଚରିତ୍ର ଗଠନ ଏବଂ ନୈତିକ ଶିକ୍ଷା ଉପରେ ଜୋର ଦେଇଥିଲେ। କିନ୍ତୁ ସେଥିପ୍ରତି ଶାସକ ଗୋଷ୍ଠୀ ଆଜି ପର୍ଯ୍ୟନ୍ତ ଧ୍ୟାନ ଦେଇନାହାନ୍ତି , କାରଣ ସାଶକ ଗୋଷ୍ଠୀକୁ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ଆବଶ୍ୟକତା ନାହିଁ । ଏହାହିଁ ହେଉଛି କାରଣ ସିଲାବସ ପାଠ୍ୟ ପୁସ୍ତକରୁ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ସମ୍ବନ୍ଧୟୀ ବିଷୟବସ୍ତୁ ଏବଂ ମନୀଷୀମାନଙ୍କ ଦ୍ୱାରା ଲେଖାଯାଇଥିବା ଲେଖାଗୁଡିକୁ ଅଲଗା କରାଯାଉଛି । ଚରିତ୍ର ଏବଂ ମୂଲ୍ୟବୋଧ ତ ସଂଘର୍ଷଶୀଳ ବ୍ୟକ୍ତିତ୍ୱ ଏବଂ ସେମାନଙ୍କ ଦ୍ୱାରା ଲେଖାଯାଇଥିବା ପ୍ରଗତିଶୀଳ ଲେଖାଗୁଡ଼ିକରୁ ପ୍ରାପ୍ତ କରାଯାଇ ପାରିବ। ଆପଣମାନେ କିଛି ପୁରୁଣା ଲୋକମାନଙ୍କ ଠାରୁ ଶୁଣିଥିବେ ଯେ ,ବ୍ରିଟିଶ ସରକାର 'ଟମି' ବୋଲି ଗୋଟିଏ ବାହିନୀ ସୃଷ୍ଟି କରିଥିଲା ।'ଟମି' ଗୋଟିଏ ଇଂରେଜ ସୈନ୍ୟବାହିନୀ। ସେମାନଙ୍କର କୌଣସି ଶିକ୍ଷା ନଥିଲା, ଯେଉଁଠାରେ ଆନ୍ଦୋଳନ ହେଉଥିଲା ଏହି ଟମି ବାହିନୀକୁ ଦମନ କରିବାକୁ ଛାଡି ଦିଆଯାଉଥିଲା ।ଏହି ବାହିନୀର କୌଣସି ଚିନ୍ତା , ଚରିତ୍ର ଏବଂ ମୂଲ୍ୟବୋଧ ନଥିଲା। ଏମାନଙ୍କର ଆଚରଣ ଥିଲା ଜାନୁଆର ଭଳି। ଏମାନେ ଲୋକମାନଙ୍କ ଉପରେ ଚଳାଉଥିଲେ ଅକଥନୀୟ ଅତ୍ୟାଚାର । ବାସ୍ତବରେ ଏପରି ବାହିନୀ କେଉଁମାନଙ୍କର ଦରକାର ? ଏହା ଦରକାର ଥିଲା ବ୍ରିଟିଶ ସରକାରଙ୍କର । କିନ୍ତୁ ବର୍ତ୍ତମାନ ଇଂରେଜ ନାହାନ୍ତି କିନ୍ତୁ ଏହି ପ୍ରକାର ବାହିନୀ ବର୍ତ୍ତମାନ ଶାସକ ଶ୍ରେଣୀ ପାଇଁ ଦରକାର । ଜନସଂଖ୍ୟାର ଏକ ବିରାଟ ଅଂଶକୁ ବୁଦ୍ଧି ବିବେକହୀନ ଏହିଭଳି ଏକ ବାହିନୀ ଦରକାର । ଯାହା ଆଜି ଆମ ଦେଶରେ ଦେଖିବାକୁ ମିଳୁଛି । ଯଦି ଜଣେ ଛାତ୍ର ବା ଛାତ୍ରୀ ପାଖରେ ନୈତିକ ମୂଲ୍ୟବୋଧ , ଚରିତ୍ର , ଚିନ୍ତା ଚେତନା ଏବଂ ବିଚାର ଥାଏ, ତାହେଲେ ସେ ଠିକ ଏବଂ ଭୁଲ, ନ୍ୟାୟ ଅନ୍ୟାୟ ମଧ୍ୟରେ ପାର୍ଥକ୍ୟକୁ ବୁଝିପାରିବ। ତା ମାନସରେ ଗଢି ଉଠିବ ସ୍ନେହ, ମମତା, ଦୟା, କ୍ଷମା ଏବଂ ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନ କରିବାର ଅସୀମିତ କ୍ଷମତା । ଯଦି ଏହି ଅମୂଲ୍ୟ ଗୁଣ ଗୁଡିକୁ ନଷ୍ଟ କରିଦିଆଯାଏ ତାହେଲେ ସେ ହେବ ଏକ ଅସାମାଜିକ ପ୍ରାଣୀ । ବାସ୍ତବରେ ଏହାହିଁ ହେଉଛି ଗୋଟିଏ ଚକ୍ରାନ୍ତ ଯାହା ଇଂରେଜମାନେ କରୁଥିଲେ ଏବଂ ବର୍ତ୍ତମାନ ସାଶକ ଗୋଷ୍ଠୀମାନେ କରୁଛନ୍ତି ।ଶିକ୍ଷା ହେଉଛି ଏପରି ଏକ ମାଧ୍ୟମ ଯାହା ମାଧ୍ୟମରେ ଏହି ଚରିତ୍ର ଗୁଡିକୁ ଯୁବ ସମାଜରେ ପହଞ୍ଚା ଯାଇପାରିବ, କିନ୍ତୁ ଦୁଃଖର କଥା, ସିଲାବସକୁ ବ୍ୟବସ୍ଥାର ଅନୁରୂପକ ଏପରି ଭାବେ ଡିଜାଇନ କରାଯାଇଛି ଯେଉଁଥିରେ ପ୍ରକୃତ ମନୁଷ୍ୟ ମଧ୍ୟରେ ଯେଉଁ ମାନବିକ ଗୁଣଗୁଡିକ ରହିବା କଥା ସେଗୁଡିକ ଦେଖିବାକୁ ମିଳେନା । ସମସ୍ତ ଆଧୁନିକ ଶିକ୍ଷାରେ, ଏହାର ବର୍ତ୍ତମାନର ରୂପରେ, ପ୍ରାୟତଃ ନୈତିକ ଅଭିବୃଦ୍ଧି ଅପେକ୍ଷା ବୌଦ୍ଧିକ ସଫଳତାକୁ ପ୍ରାଥମିକତା ଦେଇଥାଏ। ତଥାପି ଶିକ୍ଷଣର ପ୍ରକୃତ ଉଦ୍ଦେଶ୍ୟ ପାଠ୍ୟପୁସ୍ତକକୁ ଅତିକ୍ରମ କରିଥାଏ-ଏହା ସଚ୍ଚୋଟତା, ସହାନୁଭୂତି ଏବଂ ସାମାଜିକ ଦାୟିତ୍ୱ ସହିତ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଗଠନ କରିବାରେ ନିହିତ । ନୈତିକ ମୂଲ୍ୟବୋଧକୁ ବିକଶିତ କରିବା ପାଇଁ, ଶିକ୍ଷା ବ୍ୟବସ୍ଥା କେବଳ ସୂଚନାତ୍ମକରୁ ପରିବର୍ତ୍ତନଶୀଳ ହେବା ଆବଶ୍ୟକ। ଏହାର ଅର୍ଥ ହେଉଛି ସ୍ଥାନୀୟ ସାଂସ୍କୃତିକ ଜ୍ଞାନକୁ ଗ୍ରହଣ କରିବା, ବିଭିନ୍ନ ବିଭାଗରେ ନୈତିକ ଯୁକ୍ତିକୁ ଏକୀକୃତ କରିବା। ଶିକ୍ଷକ, ପାଠ୍ୟକ୍ରମ ଏବଂ ସମ୍ପ୍ରଦାୟଗୁଡିକ ଏପରି ମସ୍ତିଷ୍କକୁ ପୋଷଣ କରିବା ପାଇଁ ସହଯୋଗ କରିବା ଆବଶ୍ୟକ ଯାହା କେବଳ ସମାଲୋଚନାତ୍ମକ ଭାବରେ ଚିନ୍ତା କରେ ନାହିଁ ବରଂ ନୈତିକ ଭାବରେ ବଞ୍ଚେ । କେବଳ ସେତେବେଳେ ଶିକ୍ଷା କେବଳ ବ୍ୟକ୍ତିଗତ ଉନ୍ନତି ପାଇଁ ନୁହେଁ, ବରଂ ସାମୂହିକ ସୌହାର୍ଦ୍ଦ୍ୟ ପାଇଁ ଏକ ଶକ୍ତି ହୋଇପାରିବ।

ସୁଜନପୁର , ଯାଜପୁର
୯୪୩୭୨୮୮୦୨୮

# ଘାନାରେ ଭାରତ ପାଇଁ ସମ୍ଭାବନା

ସୌମେନ୍ଦ୍ର ଜେନା

ପି.ଭି. ନରସିଂହ ରାଓ ୧୯୯୫ରେ ଘାନାକୁ ଗସ୍ତ କରିବାର ପ୍ରାୟ ୩୦ ବର୍ଷ ପରେ ମୋଦି ଘାନାର ରାଜଧାନୀ ଆକ୍ରାରେ ଥିବା କୋଟୋକା ବିମାନ ବନ୍ଦରରେ ପହଞ୍ଚିବା ପରେ ଘାନା ରାଷ୍ଟ୍ରପତି ଜନ୍.ଏମ୍. ମହାମା ରେଡ କାର୍ପେଟ ବିଛାଇ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୧ ତୋପ ସଲାମି ଦିଆଯାଇଥିଲା। ମନ୍ତ୍ରୋଚ୍ଚାରଣ, ପାରମ୍ପରିକ ସଂଗୀତଗାନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଉପସ୍ଥିତ କଳାକାରମାନଙ୍କ ନିକଟରେ କିଛି ସମୟ ଅଟକିଯାଇ ସେମାନଙ୍କ ପ୍ରଦର୍ଶନକୁ ଉପଭୋଗ କରିବା ସହ ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ଘାନାର ପ୍ରଥମ ମହିଳାଙ୍କ ପାଇଁ କଟକ ତାରକସୀରେ ପ୍ରସ୍ତୁତ ଏକ ହ୍ୟାଣ୍ଡବ୍ୟାଗ ପ୍ରଧାନମନ୍ତ୍ରୀ ମୋଦି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଅତୀତରେ ବ୍ରିଟେନ ଶାସନାଧୀନ ଥିବା ଆଫ୍ରିକୀୟ ରାଷ୍ଟ୍ର ଘାନା ୧୯୫୭ରେ ସ୍ୱାଧୀନତା ଲାଭ କରିଥିଲା। କୋକୋ ଉତ୍ପାଦନରେ ବିଶ୍ୱର ଦ୍ୱିତୀୟ ସ୍ଥାନରେ ଥିବା ଏହି ରାଷ୍ଟ୍ର ସହ ଭାରତର ସଂପର୍କ ୧୯୫୭ରୁ ରହିଆସିଛି। ଭାରତର ସ୍ୱାଧୀନତା ସଂଗ୍ରାମରୁ ପ୍ରେରଣା ପାଇଥିବା ଘାନାର କ୍ୱାମେ ଏନ୍‌କ୍ରୋମା ୧୯୫୦ରେ ବିଦେଶୀଙ୍କୁ ନିଜ ଦେଶରୁ ତଡିବା ଲାଗି ଆହ୍ୱାନ ଦେଇ ଅଭିଯାନ ଆରମ୍ଭ କରିଥିଲେ । ତେଣୁ କ୍ରୋମାଙ୍କୁ ଘାନାର ଗାନ୍ଧି କୁହାଯାଏ । ତାଙ୍କ ନାମରେ ନୂଆଦିଲ୍ଲୀର ଏକ ସଡ଼କର ନାମକରଣ କରାଯାଇଛି । ସ୍ୱାଧୀନତା ପରେ ଅନେକ ଅସ୍ଥିରତା ମଧ୍ୟରେ ଘାନା ଏବେ ଗଣତାନ୍ତ୍ରିକ ବିଚାର ଓ ବିକାଶକୁ ପ୍ରାଧାନ୍ୟ ଦେଉଛି, ଆଫ୍ରିକୀୟ ଅର୍ଥନୀତି ମଧ୍ୟରେ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ରର ମାନ୍ୟତା ପାଇଛି । ପ୍ରାକୃତିକ ସଂପଦ, ମୂଲ୍ୟବାନ ଖଣିଜ ସଂପଦରେ ଭରପୂର ଥିବା ଏହି ୬୦ଲକ୍ଷ ଜନସଂଖ୍ୟାର ରାଷ୍ଟ୍ରପାଇଁ ଅନେକ ସୁଯୋଗ ରହିଛି, ଯେଉଁଥିରେ ଭାରତ ସହଯୋଗୀ ହେବାକୁ ଚାହୁଁଛି ।

ମୋଦିଙ୍କ ଗସ୍ତକାଳରେ ଦୁଇଦେଶର ପ୍ରତିନିଧିସ୍ତରୀୟ ମିଳିତ ବୈଠକ ପରେ ମିଳିତ ଘୋଷଣା ପ୍ରକାଶ ପାଇଥିଲା। ଦୁଇରାଷ୍ଟ୍ରର ନେତା ବିଶ୍ୱ ସମସ୍ୟାର ସମାଧାନ ପାଇଁ ଆଲୋଚନା ଓ କୂଟନୀତିକୁ ଗୁରୁତ୍ୱ ଦେବାକୁ ଏକମତ ହୋଇଥିଲେ। ଦୁଇରାଷ୍ଟ୍ରଙ୍କ ମଧ୍ୟରେ ଚାରିଗୋଟି ବୁଝାମଣା ହୋଇଥିଲା। ଘାନାର ରାଷ୍ଟ୍ରପତି ମହାମା ଗତବର୍ଷ ୨୦୨୪ ଡିସେମ୍ବରରେ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଥିବା ହେତୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ଶୁଭେଚ୍ଛା ଜଣାଇଥିଲେ । ଘାନାରେ ନିର୍ମାଣ, ଉତ୍ପାଦନ, ଔଷଧ ପ୍ରସ୍ତୁତି, ବିକଳ୍ପ ଚିକିତ୍ସା ପାଇଁ ଅଧିକ ଗୁରୁତ୍ୱ ଦେବାକୁ ଘାନା ରାଷ୍ଟ୍ରପତି ମହାମା ଆଗ୍ରହ ପ୍ରକାଶ କରିଥିଲେ। ବିଶ୍ୱସଂସ୍ଥାଗୁଡିକର ଋଣ ପରିଚାଳନା କ୍ଷେତ୍ରରେ ମାର୍ଗଦର୍ଶନ, କୃଷିବିକାଶ, ସାଂସ୍କୃତିକ ସହଯୋଗ ଘାନା ଚାହୁଁଥିବା ସେ କହିଥିଲେ। ଭାରତର ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବକ୍ତବ୍ୟରେ ଘାନାର ଗଣତନ୍ତ୍ରର ପ୍ରଶଂସା କରିଥିଲେ। ଭାରତର ବ୍ୟବସାୟୀମାନେ ଘାନାର ୯୦୦ ପ୍ରକଳ୍ପ କ୍ଷେତ୍ରରେ ସାମିଲଥିବା କଥା କହିଥିଲେ। ଦୁଇଦେଶ ମଧ୍ୟରେ ବିକାଶ ଆଧାରିତ ସହଯୋଗ ବଢିବା ଦରକାର ବୋଲି ପ୍ରକାଶ କରିଥିଲେ। ଆର୍ଥିକ ପୁନର୍ଗଠନରେ ଘାନାକୁ ଭାରତ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଭାରତରେ ଘାନାର ପ୍ରଶିକ୍ଷାର୍ଥୀମାନଙ୍କ ପ୍ରଶିକ୍ଷଣ ପାଇଁ ଥିବା ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ ବୋଲି ପ୍ରକାଶ କରିଥିଲେ। ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଘାନାର ସେନାଙ୍କୁ ପ୍ରଶିକ୍ଷଣ, ଉପକୂଳ ସୁରକ୍ଷାରେ ସହଯୋଗ, ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଓ ସହଯୋଗ ଭାରତ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ଦିନରେ ସୋଲାର ଏଲାୟନ୍ସର ବୈଠକ ଘାନାରେ ହେବାକୁ ଯାଉଥିବା ହେତୁ ସଫଳତା କାମନା କରିବା ସହ ସ୍ୱଚ୍ଛ ଇନ୍ଧନଗ୍ୟାସର ବ୍ୟବହାରକୁ ଜୋର ଦେବାକୁ କହିଥିଲେ। ଘାନାରେ ଆଗାମୀ ଦିନରେ ୟୁପିଆଇ ମାଧ୍ୟମରେ ଦେଣନେଣ କରିବାକୁ ସେ ଘାନାକୁ ସହଯୋଗ କରିବା ସଂକ୍ରାନ୍ତରେ ପ୍ରକାଶ କରିଥିଲେ। ଆଗାମୀ ପାଞ୍ଚ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଘାନାରେ ଆୟୁଷ ଚିକିତ୍ସା କେନ୍ଦ୍ର, ଆୟୁର୍ବେଦ ଚିକିତ୍ସାକୁ ବ୍ୟାପକ କରିବାକୁ ଭାରତ ସାହାଯ୍ୟ କରିବ । ସୁନା, କାଜୁ, କୋକୋ, ବକ୍ସାଇଟରେ ସମୃଦ୍ଧ ଘାନାର ପ୍ରାକୃତିକ ସମ୍ବଳର ଉତ୍ସକୁ ଭାରତ ଉପଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛି। ଭାରତ ପ୍ରତିବର୍ଷ ଘାନାରୁ ଆବଶ୍ୟକ ୭୦ପ୍ରତିଶତ ସୁନା କ୍ରୟ କରୁଛି । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସାଂସ୍କୃତିକ, ଶୈକ୍ଷିକ, ସଂପର୍କ ସୁଦୃଢ କରିବାକୁ ଜୋର୍ ଦିଆଯିବ ବୋଲି ଭାରତର ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। ଘାନାରେ ମୋଟ ଜନସଂଖ୍ୟାର ୭୫ପ୍ରତିଶତ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ, ୧୯୫୭ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଘାନା ଗସ୍ତ କରିଥିଲେ । ତା'ପରଠାରୁ ଦୁଇଦେଶ ମଧ୍ୟରେ ସଂପର୍କ ବୃଦ୍ଧି ପାଇଛି। ବିଗତ ଦିନରେ ଚୀନ ପକ୍ଷରୁ ଭାରତକୁ ରପ୍ତାନି ହେଉଥିବା ମୂଲ୍ୟବାନ ଖଣିଜ ସଂପଦ ଯୋଗାଣ ଉପରେ କଟକଣା ଲଗାଯିବା ହେତୁ ଭାରତ ଏବେ ବିକଳ୍ପ ଯୋଗାଣ ଉତ୍ସର ସନ୍ଧାନରେ ଥିବାରୁ ଘାନା ଏଥିରେ ସାହାଯ୍ୟ କରିପାରେ । ବିଗତ ୧୬ବର୍ଷ ଧରି ଆଫ୍ରିକା ମହାଦେଶରେ ନିବେଶ କ୍ଷେତ୍ରରେ ଚୀନ ପ୍ରଥମ ସ୍ଥାନରେ ରହିଥିବା ହେତୁ ଭାରତ ନିଜର ନିବେଶ ଏବଂ ବାଣିଜ୍ୟକୁ ବୃଦ୍ଧି କରିବାକୁ ପ୍ରାୟ ୪୬ଟି ଦେଶରେ କୂଟନୀତିକ କାର୍ଯ୍ୟାଳୟ ଖୋଲି ସାରିଲାଣି।

ପ୍ରଧାନମନ୍ତ୍ରୀ ମୋଦି ଗସ୍ତକାଳରେ କ୍ରୋମାଙ୍କ ସମାଧି ସ୍ଥଳରେ ମାଲ୍ୟାର୍ପଣ କରିଥିଲେ। ଘାନା ରାଷ୍ଟ୍ରପତିଙ୍କ ଦ୍ୱାରା "ଦି ଅଫିସର ଅଫ୍ ଦି ଅର୍ଡର ଅଫ୍ ଘାନା" ସମ୍ମାନରେ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଘାନାର ରାଷ୍ଟ୍ରପତିଙ୍କ ସହ ଉପ ରାଷ୍ଟ୍ରପତି ପ୍ରଫେସର ଆନା ଜେନ ଓପୋକୁ ଅଗ୍ୟୋମା ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଘାନା ସଂସଦରେ ହୋଇଥିଲା । ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦକୁ ବନ୍ଦ କରିବା, ବିକାଶକୁ ଜୋର ଦେବାକୁ ଘାନାର ସହଯୋଗକୁ ସେ ପ୍ରଶଂସା କରିଥିଲେ । ଆଫ୍ରିକାରେ ଘାନାର ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥାପନ ପାଇଁ କ୍ୱାମେ ଏନ୍‌କ୍ରୁମାଙ୍କୁ ସ୍ମରଣ କରିଥିଲେ। ଭାରତରେ ୨୫୦୦ ରାଜନୈତିକ ଦଳ, ୨୨ପ୍ରକାର ଭାଷା, ଭିନ୍ନ ଭିନ୍ନ ବିଚାରର ରାଜନୈତିକ ଦଳର ଶାସନ ରାଜ୍ୟଗୁଡିକରେ ଚାଲୁଥିବା ବିଷୟ ସେ ପ୍ରକାଶ କରିଥିଲେ। ଗ୍ଲୋବାଲ ସାଉଥର ବିଷୟକୁ ଭାରତ କିପରି ଭିନ୍ନ ଭିନ୍ନ ମଞ୍ଚରେ ଉପସ୍ଥାପନ କରିଆସୁଛି ତାହା ଉଲ୍ଲେଖ କରିଥିଲେ। ପ୍ରକୃତ ଗଣତନ୍ତ୍ର ଆଲୋଚନା ଓ ବିତର୍କ ମଧ୍ୟରେ ରହିଥିବା କଥା ମୋଦି କହିଥିଲେ । ଦୁଇଦେଶ ମଧ୍ୟରେ ରଣନୀତିକ ସହଯୋଗର ସଂପର୍କ ସ୍ଥାପନା ପାଇଁ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଭାରତର ଅର୍ଥନୀତି ଏବେ ବିଶ୍ୱରେ ଦ୍ରୁତତର ରହିଛି ଏବଂ ଆଗାମୀ ଦିନରେ ତୃତୀୟ ସ୍ଥାନ ଦଖଲ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଘାନାରେ ଏବେ ପ୍ରାୟ ପନ୍ଦର ହଜାର ଭାରତୀୟ ଲୋକେ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ମଧ୍ୟରେ ଅଧିକ ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଭାରତ ସରକାରଙ୍କ ଅନେକଗୁଡିଏ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ ଘାନାରେ କାର୍ଯ୍ୟକରୁଛି । ଆଗାମୀ ଦିନରେ ଆମେରିକା, ରୁଷିଆ, ଚୀନ ପରି ରାଷ୍ଟ୍ରଗୁଡିକରୁ ଭାରତକୁ ଯୋଗାଣ ଭିନ୍ନ ଭିନ୍ନ କାରଣରୁ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଛି, ଯାହା ଏବେଠୁ ଜଣାପଡିଲାଣି। ତେଣୁ ଭାରତ ପରି ଏକ ବଡ ରାଷ୍ଟ୍ରପାଇଁ ଯୋଗାଣକୁ ଜାରିରଖିବାଲାଗି ନୂଆ ନୂଆ ଉତ୍ସଗୁଡିକର ସନ୍ଧାନ କରିବାକୁ ହେବ। ଏହା ଛଡା ଭାରତ ସରକାର ନିଜର ସୁରକ୍ଷା ଉପକରଣ ଏବଂ ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର, ସାଇବର ସୁରକ୍ଷା ପାଇଁ ସହଯୋଗ,ସଫ୍ଟୱେର କ୍ଷେତ୍ରରେ ସହଯୋଗ ପାଇଁ ନୂଆ କ୍ରେତାର ସନ୍ଧାନରେ ରହିଛନ୍ତି। ଭାରତର ଅର୍ଥନୀତିକୁ ବିଶ୍ୱରେ ତୃତୀୟ ସ୍ଥାନରେ ପହଞ୍ଚାଇବାକୁ ଲକ୍ଷ୍ୟରଖି ବର୍ତ୍ତମାନର ସରକାର ବ୍ୟାପକ ପ୍ରୟାସ କରୁଛନ୍ତି । ବଡ ରାଷ୍ଟ୍ରଗୁଡିକ ଅନେକ ସମୟରେ ନିଜ ନିଜର ସମସ୍ୟାକୁ ଅନ୍ୟମାନଙ୍କ ସହ ଯୋଡିବାକୁ ଚାହିଁ ବିଶ୍ୱର ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ହେତୁ ପ୍ରତ୍ୟେକଟି ରାଷ୍ଟ୍ର ନିଜ ନିଜର ସଂପର୍କ, ବ୍ୟବସାୟ, ଯୋଗାଣ ଓ ସହଯୋଗୀମାନଙ୍କ ସନ୍ଧାନରେ ରହିଛନ୍ତି । ସେ କ୍ଷେତ୍ରରେ ଭାରତକୁ ଆଗକୁ ନେବାକୁ ସରକାର ଚାହୁଁଛନ୍ତି। ଆଫ୍ରିକାରେ ୫୦ରୁ ଅଧିକ ରାଷ୍ଟ୍ର ରହିଥିବା ଏବଂ ପ୍ରଚୁର ପ୍ରାକୃତିକ ସଂପଦ ରହିଥିବା ଯୋଗୁଁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଆଜିଯାଏଁ ସେଠାରେ ଶୋଷଣ କରି ଆସୁଥିଲେ ହେଁ ସ୍ଥାନୀୟ ବିକାଶକୁ ଜୋର ଦେଇନାହାନ୍ତି, ଯାହାକୁ ଭାରତ ଗୁରୁତ୍ୱ ଦେଉଛି । କରୋନା ସମୟରେ କେହି ମାଗଣାରେ ଟିକା ଦେବାକୁ ଚାହିଁ ନଥିଲେ ମଧ୍ୟ ଭାରତ ସାରା ବିଶ୍ୱରେ ଟିକା ଓ ଔଷଧ ବିତରଣ କରି ନିଜ ସ୍ଥିତିକୁ ସୁଦୃଢ କରିଥିଲା। ଏବେ ଦକ୍ଷିଣବିଶ୍ୱର ରାଷ୍ଟ୍ରଗୁଡିକ ସହ ସଂପର୍କକୁ ସୁଦୃଢ କରି ଆତଙ୍କବାଦ, ଦାରିଦ୍ର୍ୟ, କୁପୋଷଣ, ଅଶିକ୍ଷା, ଅବ୍ୟବସ୍ଥା ବିରୁଦ୍ଧରେ ଭାରତ ଲଢିବାକୁ ଚାହୁଁଥିଲାବେଳେ ଘାନା ସେଥିରେ ସହଯୋଗୀ ରାଷ୍ଟ୍ର ହୋଇପାରିବ । କାରଣ ଘାନାର ଜୁବୁଲି ହାଉସ, ବିଦେଶ ସେବା ପ୍ରତିଷ୍ଠାନ, କୋମେଣ୍ଡା ଚିନିକଳ, ଭାରତ-ଘାନା କୋଫି ଆନ୍ନନ ଆଇସିଟି ସେଣ୍ଟର,ଟେମୋ ଏମ୍ପାଦାନ ରେଳ ଲାଇନ ଆଦି ଭାରତ ନିର୍ମାଣ କରିସାରିଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଏବଂ ଘାନା ଷ୍ଟାଣ୍ଡାର୍ଡ ଅଥରିଟୀ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ଗୁଣାତ୍ମକ ପ୍ରମାଣପତ୍ର ପ୍ରଦାନ ପାଇଁ । ଘାନା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରାଡିସନାଲ ଏଣ୍ଡ ଅଲ୍‌ଟରନେଟିଭ ମେଡିସିନ୍ ସହ ଭାରତର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟିଚିଙ୍ଗ ଏଣ୍ଡ ରିସର୍ଚ୍ଚ ଇନ ଆୟୁର୍ବେଦ ମଧ୍ୟରେ ପାରମ୍ପରିକ ଚିକିତ୍ସା, ଶିକ୍ଷା, ପ୍ରଶିକ୍ଷଣ ଏବଂ ଗବେଷଣା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ପଶ୍ଚିମ ଆଫ୍ରିକା ପାଇଁ ଘାନାକୁ ଖାଦ୍ୟ ଉତ୍ପାଦନର କେନ୍ଦ୍ର ଭାବେ ଗଢିବାକୁ ଭାରତ ପ୍ରୟାସ କରୁଛି । ୨୦୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ୩.୧ ବିଲିଅନ ଡଲାର ରହିଛି। ଏଥିରେ ଭାରତର ରପ୍ତାନୀ ୧.୩୪ ବିଲିଅନ ଡଲାର ରହିଛି । ଘାନାରେ ପୁଞ୍ଜିନିବେଶ କରିବାରେ ଭାରତ ଆଗୁଆ ରହିଛି । ପ୍ରକଳ୍ପ ନିର୍ମାଣରେ ୨ୟ ସ୍ଥାନରେ ଥିଲାବେଳେ ବିଦେଶୀ ନିବେଶରେ ୫ମ ସ୍ଥାନରେ ଅଛି । ଭାରତ ଘାନା ସହ ବନ୍ଧୁତା ସ୍ଥାପନ କରିବାକୁ ଯିବାବେଳେ ସେଠାକାର ପ୍ରକୃତ ସମସ୍ୟା ସଂପର୍କରେ ଜାଣିବା ଦରକାର। ଦେଶରେ ସୁନା, କୋବାଲଟ୍ ଏବଂ ଲିଥିୟମ ପରି ମୂଲ୍ୟବାନ ଖଣିଜଦ୍ରବ୍ୟ ଭରି ରହିଥିଲେ ମଧ୍ୟ ତାହା ଶହଶହ ବର୍ଷ ଧରି ବିଦେଶୀ ଲୋକଙ୍କ ଦ୍ୱାରା ଲୁଟ ହୋଇଆସିଛି। ସ୍ୱାଧୀନତା ପୂର୍ବରୁ ବ୍ରିଟେନ ଦ୍ୱାରା ଆଉ ଏବେ ଚୀନ ଦ୍ୱାରା ଏହି ସଂପଦର ଲୁଟ ଜାରି ରହିଛି । ଦୁର୍ନୀତିଗ୍ରସ୍ତ ରାଜନେତା, ଅଧିକାରୀ, ମାଫିଆମାନେ ସେମାନଙ୍କୁ ସାହାଯ୍ୟ କରୁଛନ୍ତି । ଗତ ପାଞ୍ଚ ବର୍ଷରେ ପ୍ରାୟ ଏକହଜାର ଚୀନା ଲୋକଙ୍କୁ ବେଆଇନ ଭାବେ ସୁନା ଖୋଳିବା ଅପରାଧରେ ଘାନା ସରକାର ଧରିଛନ୍ତି । ହିସାବରୁ ଯାହା ଜଣାଯାଏ ପ୍ରାୟ ୬,୮୦,୦୦୦ ଚୀନାଲୋକ ଘାନାରେ ସୁନାଚୋରି ପଛରେ ସକ୍ରିୟ ରହିଛନ୍ତି। ଚୀନା କମ୍ପାନୀଗୁଡିକ ବେଆଇନ ଭାବେ ଖଣି ଖୋଳିବାଲାଗି ଘାନାରେ ଅର୍ଥ ଦେଉଛନ୍ତି। ଚୀନା ଚୋରମାନେ ଜଙ୍ଗଲକାଟି ସଫାକରିବା, ନଦୀଗୁଡିକୁ ଖୋଳି ରାସାୟନିକ ଉତ୍ସରେ ପରିଣତ କରିଦେଉଛନ୍ତି। ମୋଦିଙ୍କ ଘାନାଗସ୍ତ କାଳରେ ଏକ ଖବର ପ୍ରକାଶ ପାଇଥିଲା ଯେ ଘାନାରୁ ବାହାରକୁ ଚୋରାରେ ସୁନାଚାଲାଣ କରୁଥିବା ୧୦ଜଣ ଚୀନା ଲୋକଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ବନ୍ଧୁକ, ସୁନା, ଟଙ୍କା ଆଦି ଜବତ କରାଯାଇଥିଲା। ୬ ଜାନୁଆରୀ ୨୦୨୫ରେ ଶାସନକୁ ଫେରିବାପରେ ରାଷ୍ଟ୍ରପତି ମହମା ଅର୍ଥନୀତିକୁ ସୁଧାରିବା ପାଇଁ କଠୋର ନୀତି ଅବଲମ୍ବନ କରିବାରେ ଲାଗିଛନ୍ତି। ଘାନା ମୁଣ୍ଡରେ ୪୬ ବିଲିଅନ ଡଲାରର ବିଦେଶୀ ଋଣ ରହିଛି । ସେଥିରେ ଫ୍ରାନ୍ସ ଏବଂ ଚୀନର ଋଣ ଅଧିକ ରହିଛି। ଘାନାକୁ ଋଣ ଦେଇଥିବା ପ୍ରାୟ ୨୫ଟି ଦେଶ ସହ ଋଣ ସୁଝିବା ପାଇଁ ୨.୮ ବିଲିଅନ ଡଲାର ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିଠାରୁ ଘାନା ଋଣ କରିବା ପୂର୍ବରୁ ସଂପୃକ୍ତ ଦେଶସହ ଆଲୋଚନା କରିବାକୁ କୁହାଯାଇଛି। ଦେଶ ଜିଡିପିର ୭୯.୬ ପ୍ରତିଶତ ଋଣ ରହିଛି। ବିଦେଶରୁ ଆଖିବୁଜା ଋଣ ନେଇ ଖର୍ଚ୍ଚ କରିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦେଶରେ ଥିବା ବ୍ୟବସାୟିକ ବ୍ୟାଙ୍କଗୁଡିକର ସୁଧହାର ୩୨ପ୍ରତିଶତ ଥିବା ଯୋଗୁ ସ୍ଥାନୀୟ କମ୍ପାନୀଗୁଡିକଙ୍କ ପାଇଁ ଋଣ କରିବା କଷ୍ଟକର ହୋଇପଡିଛି। ଏଥିପାଇଁ ବିଦେଶୀ ପୁଞ୍ଜି ନିବେଶ ଦୁର୍ବଳ ରହିଛି। ବିଦ୍ୟୁତର ଯୋଗାଣଗତ ଅସୁବିଧା ଏବଂ ମୂଲ୍ୟରେ ବୃଦ୍ଧି ଯୋଗୁଁ ଦେଶରେ ଶିଳ୍ପର ବିକାଶ କଷ୍ଟକର ହୋଇଛି, ଦେଶରେ ଦାରିଦ୍ର୍ୟ ବୃଦ୍ଧିପାଇଛି। ମୁଦ୍ରାସ୍ଫୀତି ଏବଂ ବଜାରରେ ଦରଦାମ ବୃଦ୍ଧିଯୋଗୁ ସହରା□ଳରେ ବସବାସ କରୁଥିବା ଲୋକେ ଖାଦ୍ୟ ସଂକଟରେ ପଡୁଛନ୍ତି। ଦୁର୍ନୀତି ସରକାରୀ କଳକୁ ଦୁର୍ବଳ କରିଛି। ଫଳରେ ପ୍ରଶାସନ ଉପରୁ ଲୋକଙ୍କ ମନରେ ଭରସା ତୁଟିଯାଉଛି। ଅର୍ଥ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଜାଲି ନୋଟର ପ୍ରସାର ବୃଦ୍ଧିପାଇଛି। ବିଦେଶରୁ ଆସିଥିବା ୧୨ଟି କଣ୍ଟେନରରେ ଜାଲ ଆମେରିକୀୟ ଡଲାର ଏବଂ ଘାନାର ନୋଟଥିବା ବାକ୍ସ ସବୁକୁ ନିକଟରେ ଜବତ କରାଯାଇଥିଲା। କୋଇଲା ଚାଲାଣ ହେଉଥିବା ଗାଡିରେ ଘାନା ନୋଟର ବସ୍ତା ମଧ୍ୟ ଚାଲାଣ ହେବା ଦେଖିବାକୁ ମିଳିଛି । ଘାନାରେ ପ୍ରତିବର୍ଷ ୬୫ହଜାର ହେକ୍ଟର ଜଙ୍ଗଲ ନଷ୍ଟ କରାଯାଇ ଖଣି ଖୋଳା ଚାଲିଛି, ଯାହାର ପ୍ରଭାବ ଜୈବ ବିବିଧତା ଏବଂ ପରିବେଶ ଉପରେ ପଡୁଛି । ସହରା□ଳରେ ପ୍ରଦୂଷଣ ଏବଂ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ । ଲୋକେ ମଧୁମେହ, କର୍କଟ, ହୃଦ୍‌ରୋଗ, ଏଡ୍ସ ଆଦି ରୋଗରେ ସଂକ୍ରମିତ ହୋଇ ଜୀବନ ହାରୁଛନ୍ତି । ଦେଶର ଉତ୍ତର ଭାଗରେ ସୀମାର ନିକଟବର୍ତ୍ତୀ ଅଞ୍ଚଳରେ ପଡୋଶୀ ରାଷ୍ଟ୍ରର ସନ୍ତ୍ରାସବାଦୀଙ୍କ ପ୍ରଭୁତ୍ୱ ରହିଥିବା ଯୋଗୁଁ ସେମାନେ ଅନୁପ୍ରବେଶ କରି ଅସ୍ଥିରତା ଓ ରକ୍ତପାତ ସୃଷ୍ଟିକଲାପରି ଆଶଙ୍କା ସବୁବେଳେ ଲାଗିରହିଛି ।

ମୋଦିଙ୍କ ଏହି ଗସ୍ତର ପ୍ରଭାବ ଦୁଇଦେଶର ସଂପର୍କକୁ ଆଗାମୀ ଦିନରେ ସୁଦୃଢ କରିବ ବୋଲି ଆଶା କରାଯାଏ, ଯାହା ଘାନାର ଗଣମାଧ୍ୟମରେ ମୋଦିଙ୍କ ଗସ୍ତର ବ୍ୟାପକ ପ୍ରସାରଣରୁ ଜଣାପଡେ। ଲୋକେ ଚୀନର ଋଣଜାଲରୁ ମୁକ୍ତ ହେବାପାଇଁ ଭାରତର ସହାୟତା ଚାହୁଁଛନ୍ତି। ଖଣିଜ ସଂପଦର ଚୀନା ଲୁଟକୁ ବନ୍ଦ କରିବାକୁ ଚାହୁଁଛନ୍ତି । ସୁରକ୍ଷା ପାଇଁ ମଧ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ପ୍ରଶିକ୍ଷଣ ସେନାପାଇଁ ଦରକାର ଅଛି। ଶ୍ରୀଲଙ୍କାକୁ ସାହାଯ୍ୟ କରିଥିବା ଭାରତ ଏସବୁ କ୍ଷେତ୍ରରେ କେତେଦୂର ସଫଳ ସହାୟତା ଦେଇପାରିବ ତାହା ସମୟ ହିଁ କହିବ । କିନ୍ତୁ ଭାରତର ବିରୋଧୀଦଳ ବିଦେଶ ସଂପର୍କକୁ ଦୁର୍ବଳ କଲାପରି ଯେପରି ଅପପ୍ରଚାର କରିଚାଲିଛି ତାହା ସେମାନଙ୍କ ଗାତ୍ରଦାହର ନମୁନା ମାତ୍ର । ବିଶ୍ୱରେ ଭାରତକୁ ଆଜିଯାଏଁ ଦୁର୍ବଳ କରି ରଖିଆସିଥିବା ରାଜନୈତିକ ଦଳର ଲୋକେ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସିଛନ୍ତି, ଯାହା ସେମାନଙ୍କ ଈର୍ଷାର ପରିପ୍ରକାଶ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଟୁରନ୍ତ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେଲେ ଚାଷୀ ଆନ୍ଦୋଳନ

କାଶୀନଗର,୯ ।୭ (ନିପ୍ର); କାଶୀନଗର ବୃହତ ଉଠା ଜଳସେଚନ କାହା ସ୍ୱାର୍ଥରେ ? ଗଜପତି ଜ଼ିଲ୍ଲା, କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବ ପଞ୍ଚାୟତ ମଧ୍ୟରେ ଥିବା ସାରା ଗ୍ରାମକୁ ଜ଼ିଲ୍ଲା କୃଷକ ମୋର୍ଚ୍ଚା ସଭାପତି (ବିଜେପି ) ଙ୍କ ଗସ୍ତ ସମୟରେ ସେ ସେଠାରେ ଥିବା ଉଠା ବୃହତ ଜଳସେଚନ କାର୍ଯ୍ୟାଳୟକୁ ପରିଦର୍ଶନ ସହ ଅନୁଧ୍ୟାନ କରିବାକୁ ଯାଇଥିଲେ। ସେଠାକାର ଗ୍ରାମବାସୀଙ୍କ ସହ ଆଲୋଚନା ସମୟରେ ଜାଣିବାକୁ ପାଇଥିଲେ ଯେ ଉକ୍ତ ଉଠା ବୃହତ ଜଳସେଚନ କୋଉଁ କାମକୁ ନାହିଁ। କେବଳ ନାମକୁ ମାତ୍ର। ଚାଷୀମାନଙ୍କୁ ଠକିବାର ଏକ ନୂଆ ପ୍ରକ୍ରିୟା କାହିଁକି ନା ମନ୍ତ୍ରୀ, ଜିଲ୍ଲାପାଳ, ସ୍ଥାନୀୟ ନେତା ସମସ୍ତେ ଆସି ଦେଖିକି ଜୁନ ମାସରେ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଆଜି ଯାଏଁ କାର୍ଯ୍ୟ କ୍ଷମ ହୋଇନି ଯାହାକି ଚାଷୀ ମାନଙ୍କୁ ହତାଶ କରିଛି। ସ୍ଥାନୀୟ ଗ୍ରାମର ଜନସାଧାରଣଙ୍କ କହିବା ହେଲା ଏଠାରେ ଇଏ ଜଳସେଚନ କଣ ପାଇଁ ଅଛି ଆମେ କେହି ଜାଣିପାରୁନୁ। କାରଣ ନା ଦିନେ କୌଣସି ଅଧିକାରୀ କିମ୍ବା କୌଣସି ଜନ୍ତ୍ରୀ ଆସିବାର ଆମେ ଦେଖିବାକୁ ପାଉନାହୁଁ। ବୃହତ୍ ଉଠା ଜଳସେଚନ ନାମରେ କାମ ଆରମ୍ଭ ହେଲାବେଳେ ଆମ୍ଭ ବ୍ଲକର ଅର୍ଦ୍ଧାଧିକ ପଞ୍ଚାୟତର ଚାଷୀଙ୍କ ମନରେ ଜମିକୁ ପ୍ରତ୍ୟେକ ଋତୁରେ ପାଣି ମିଳିବ ବୋଲି ଖୁସିର ଯେଉଁ ସୀମା ଥିଲା ତାହା ଆଜି ବାସ୍ତବିକ ରୂପ ନେଲାବେଳକୁ ସେହି ଖୁସି ଆଜି ମରିଯାଇଛି। ତେଣୁ ଆଗାମୀ ଦିନରେ ଉକ୍ତ ପ୍ରକଳ୍ପର ସଠିକ ପରିଚାଳନା ନହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚେତାବନୀ ଦେଇଛନ୍ତି ।

## ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ୨୪ ଘଣ୍ଟିଆ ଧର୍ମଘଟ

ରାଉରକେଲା,୯ ।୭ (ନିପ୍ର); ଦେଶର ୧୦ଟି ପ୍ରମୁଖ ଶ୍ରମିକ ସଙ୍ଗଠନ ଏବଂ କର୍ମଚାରୀ ସଂଗଠନମାନଙ୍କ ଆହ୍ୱାନରେ ସମଗ୍ର ଦେଶରେ ୨୪ ଘଣ୍ଟିଆ ଧର୍ମଘଟ ଓ ହରତାଳ ଡାକରାରେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ଦ୍ ପ୍ରଭାବ ଦେଖିବାକୁ ମିଳିଛି। ରାଉରକେଲା ସହରର ବିଭିନ୍ନ ସ୍ଥାନରେ ବନ୍ଦ୍ ପ୍ରଭାବରେ ସରକାରୀ ବସ୍ ସମେତ ଆମ ବସ୍ ସେବା ମଧ୍ୟ ପ୍ରଭାବିତ ହୋଇଛି। ଏଥିସହିତ ଘରୋଇ ବସ୍ ସମେତ ଟ୍ରକ୍ ଓ ଅନ୍ୟାନ୍ୟ ଗାଡି ଚଳାଚଳ ମଧ୍ୟ ବନ୍ଦ୍ ରହିଛି। ରାଉରକେଲା ଇସ୍ପାତ କାରଖାନାକୁ ଶ୍ରମିକ ପ୍ରବେଶ ନ କରିବା ପାଇଁ ସହରର ବିର୍ସାଛକଠାରେ ଶ୍ରମିକ ସଙ୍ଗଠନ ପକ୍ଷରୁ ସକାଳଠାରୁ ରିଂଗ୍ ରୋଡକୁ ଅବରୋଧ କରାଯାଇଛି। ପୋଲିସ୍ ପକ୍ଷରୁ ସତର୍କତା ପଦକ୍ଷେପ ସ୍ୱରୂପ ଟ୍ରାଫିକ୍ ଛକ ଏବଂ ସେକ୍ଟର-୨୧ ଠାରେ ଜନସାଧାରଣଙ୍କୁ ବିର୍ସାଛକକୁ ନଯିବା ପାଇଁ ବାରଣ କରାଯାଉଛି। କେନ୍ଦ୍ର ସରକାର ୪୪ଟି ଶ୍ରମ ଆଇନ୍ ବାତିଲ କରି ୪ଟି ଶ୍ରମ କୋର୍ଡ଼ ଆଣିବା ବିରୋଧରେ ୧୦ଟି ଶ୍ରମିକ ସଙ୍ଗଠନ ଓ କର୍ମଚାରୀ ସଂଗଠନମାନଙ୍କ ପକ୍ଷରୁ ଏହି ଧର୍ମଘଟ ଓ ହରତାଳ ଡାକରା ଦିଆଯାଇଥିବା ବେଳେ ୧୭ ଦଫା ଦାବିକୁ ନେଇ ଏହି ଧର୍ମଘଟ ହୋଇଛି। ଏହି ଧର୍ମଘଟରେ ବ୍ୟାଙ୍କ୍, ବୀମା, ଡାକ ସେବା, କୋଇଲା ମାଇନିଂ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଶର ୨୫ କୋଟିରୁ ଅଧିକ ଶ୍ରମିକ ଓ କର୍ମଚାରୀ ଯୋଗ ଦେଇଛନ୍ତି। ବିର୍ସାଛକଠାରେ ସିଆଇଟିୟୁ କେନ୍ଦ୍ରୀୟ ଉପସଭାପତି ବିଷ୍ଣୁ ମହାନ୍ତିଙ୍କ ସମେତ ୧୦ଟି ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଧର୍ମଘଟର ସଫଳ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ସେହିପରି କଳୁଙ୍ଗା ଶିଳ୍ପାଞ୍ଚଳ ଧର୍ମଘଟ ଡାକରାରେ ପ୍ରଭାବିତ ହୋଇଛି। ଏଠାରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ରହି ପିକେଟିଂ ଓ ରାସ୍ତା ରୋକ ମାଧ୍ୟମରେ ଧର୍ମଘଟକୁ ସଫଳ କରିବାରେ ସକ୍ଷମ ହୋଇଥିଲେ। ସେହିପରି ଆୟକର ବିଭାଗର କର୍ମଚାରୀମାନେ ଏହି ଦିନିକିଆ ଧର୍ମଘଟରେ ଯୋଗଦାନ କରିଛନ୍ତ। କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ଶ୍ରମିକ ମହାସଂଘ , ନୂଆଦିଲ୍ଲୀ ଡାକରାରେ, ଆୟକର କର୍ମଚାରୀ ମହାସଂଘ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ନ୍ୟାୟ ଦାବି କରି ଆଜିର ଧର୍ମଘଟରେ ଯୋଗଦେଇଛନ୍ତି। ରାଉରକେଲା ୟୁନିଟର ସଦସ୍ୟମାନଙ୍କର ଏହି ଧର୍ମଘଟରେ ଅଂଶଗ୍ରହଣ ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ପଡ଼ି ରହିଥିବା ସମସ୍ୟା ଏବଂ ଅବନତିଶୀଳ ସେବା ପରିସ୍ଥିତି ପ୍ରତି ସେମାନଙ୍କର ଗଭୀର ଚିନ୍ତାକୁ ପ୍ରତିଫଳିତ କରିଛି। ସେମାନଙ୍କ ପ୍ରମୁଖ ଦାବିଗୁଡିକ ମଧ୍ୟରେ ରହିଛି, ୮ମ କେନ୍ଦ୍ରୀୟ ବେତନ କମିଶନ(ସିପିସି) ଗଠନ,ଏନପିଏସ/ୟୁପିଏସକୁ ବାତିଲ ଏବଂ ପୁରୁଣା ପେନସନ ଯୋଜନା (ଓପିଏସ) ପୁନଃସ୍ଥାପନ। ଆଇସିଟି ନୀତିର ପୁନରୁଦ୍ଧାର ଏବଂ ସଂଶୋଧନ। ନିରୀକ୍ଷକ ଏବଂ ଅଫିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଇଁ ନିଯୁକ୍ତି ନିୟମର ସଂଶୋଧନ। କ୍ୟାଡର ସମୀକ୍ଷା ଏବଂ ପୁନର୍ଗଠନ-୨୦୧୮କୁ କାର୍ଯ୍ୟକାରୀ କରିବା। କୋଭିଡ-୧୯ ସମୟ ମଧ୍ୟରେ ସ୍ଥଗିତ ତିନୋଟି କିସ୍ତିର ତୁରନ୍ତ ମୁକ୍ତି। ବିଭାଗରେ ଖାଲି ପଡିଥିବା କର୍ମଚାରୀମାନଙ୍କ ସଂଖ୍ୟା ପୂରଣ କରିବା। ଏହି ଧର୍ମଘଟରେ ଆଇଟିଇଏଫ, ରାଉରକେଲା ୟୁନିଟର ପ୍ରଶାନ୍ତ କାମର, ଶାଖା ସଚିବ ରାଉରକେଲା ପ୍ରଶାନ୍ତ କୁମାର, ସଚିବ ସୁଆନ୍ ନନ୍ଦନ କୁମାର, କମଲ ନୟନ ସିହ୍ନା, କୃଷ୍ଣ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ମିଳିତ ଭାବେ ଏହି ବନ୍ଦ ଡାକରା ଦିଆଯାଇଥିଲା ବେଳେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ଓ କର୍ପୋରେଟ ସମର୍ଥକ କହି ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି। ରାଉରକେଲା ବିର୍ସାଛକଠାରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ମୁତୟନ କରାଯାଇଛି। ଏହି ବନ୍ଦ ଦ୍ୱାରା ବ୍ୟାଙ୍କ ଓ ଡାକ ସେବା ବ୍ୟାହତ ହେବା ସହ କୋଇଲା ଖନନ ବନ୍ଦ ରହିଛି। ବିଭିନ୍ନ ଶିଳ୍ପ ଓ ସରକାରଙ୍କ ଦ୍ୱାରା ପରିଚାଳିତ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବା ନେଇ ବିଭିନ୍ନ ଶ୍ରମିକ ସଂଗଠନ ନେତା କହିଛନ୍ତି। ନିଜର ମତବ୍ୟକ୍ତ କରି ଟ୍ରେଡ୍ ୟୁନିୟନଗୁଡ଼ିକ କହିଛନ୍ତି ଯେ ସଂସଦରେ ଯେଉଁ ୪ଟି ନୂଆ ଲେବର କୋଡ୍ ପାରିତ ହୋଇଛି, ସେଥିରେ ଶ୍ରମିକମାନଙ୍କ ଅଧିକାରକୁ ଅଣଦେଖା କରାଯାଇଛି। ଶ୍ରମିକମାନେ ଯେପରି ଆନ୍ଦୋଳନ କରିନପାରିବେ ସେ ଦିଗରେ ପଦକ୍ଷେପ ନିଆଯାଇଛି।

କାର୍ଯ୍ୟ ସମୟକୁ ବଢ଼ାଇ ଦିଆଯାଇଛି। ଶ୍ରମ ଆଇନ ଉଲ୍ଲଂଘନ କଲେ ନିଯୁକ୍ତିଦାତାଙ୍କୁ ଦଣ୍ଡରୁ ରକ୍ଷା କରିବାକୁ ବ୍ୟବସ୍ଥା କରାଯାଇଛି। ଏହା ସହିତ ପବ୍ଲିକ ସେକ୍ଟରଗୁଡ଼ିକର ଘରୋଇକରଣ, ଚାକିରିରେ ଆଉଟସୋର୍ସିଂ ଓ ଠିକା ଶ୍ରମିକଙ୍କ ଉପଯୋଗକୁ ସେମାନେ ବିରୋଧ କରୁଛନ୍ତି।

## ସ୍ୱାଧୀନତା ସଂଗ୍ରାମୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ହିଞ୍ଜିଳିକାଟୁ,୯/୭(ନି.ପ୍ର): ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଇତିହାସର ଗୌରବମୟ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ଅଳଙ୍କୃତ କରିଥିବା ବହୁ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଅନନ୍ୟ। ଓଡ଼ିଶାର ବରପୁତ୍ରମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ସକାଶେ ହିଞ୍ଜିଳିକାଟୁ ପୌର ପରିଷଦ ପକ୍ଷରୁ ଏକ ସ୍ମରଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରାଙ୍କ ଆନ୍ତରିକ ନିଷ୍ଠା ଓ ତ୍ୱରିତ ପଦକ୍ଷେପ ଯୋଗୁଁ ୩ ଜଣ ମହାପୁରୁଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହେବା ସହ ସହରର ସୌନ୍ଦର୍ଯ୍ୟ କରଣ ଦ୍ୱିଗୁଣିତ ହୋଇଛି। ଏହି ପରିପ୍ରେକ୍ଷୀରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳର ବରପୁତ୍ର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭବ୍ୟ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ପୁଷ୍ପ,ଦ୍ୱୀପ ଓ ସୁଗନ୍ଧିତ ଧୂପ ଅର୍ପଣ ସହ ନାରିକେଳ ଭାଙ୍ଗି ରିବନ କାଟି ୩ ସ୍ୱାଧୀନତା ସଂଗ୍ରାମୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ କରିଥିଲେ।

## ପିତୃମାତୃହୀନ ଶିଶୁଙ୍କ ଚିହ୍ନଟ ନିମନ୍ତେ ସର୍ବେକ୍ଷଣ

ଭଦ୍ରକ,୯ ।୭ (ନିପ୍ର); ଭଦ୍ରକ ଜିଲ୍ଲାପରିଷଦ ସମ୍ମିଳନୀ ସଭାଗୃହ ପରିଷଦରେ ଅନୁଷ୍ଠିତ ପରିବାରରେ ରହୁଥିବା ପିତୃମାତୃହୀନ ଶିଶୁ ଓ ଏକକ ପିତୃମାତୃହୀନ ଶିଶୁଙ୍କୁ ଚିହ୍ନଟ ନିମନ୍ତେ ଏକ ତାଲିମ କାର୍ଯ୍ୟ ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ସମେତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଜିଲ୍ଲାପାଳ ଭଦ୍ରକ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦାନ କରି ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ସର୍ବେକ୍ଷଣରେ ସମ୍ପୂର୍ଣ୍ଣ ସହଯୋଗ ଓ ନିର୍ଭୁଲ ତଥ୍ୟ ପ୍ରଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିବାରରେ ପ୍ରକୃତ ଶିଶୁମାନେ କିଭଳି କେଉଁ ଅବସ୍ଥାରେ ଅଛନ୍ତି ତାଙ୍କୁ ଚିହ୍ନଟ କରି ଉପଯୁକ୍ତ ଫର୍ମାଟରେ ତଥ୍ୟ ପ୍ରଦାନ କରିବା ପାଇଁ ପି.ଡ଼ି. ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ସିଡିପିଓ, ସୁପର ଭାଇଜର ଯୋଗଦାନ କରିଥିଲେ। ପ୍ରଶିକ୍ଷଣ ନେବାପରେ ସେକ୍ଟର ସ୍ତରରେ ସମଗ୍ର ଅଙ୍ଗନୱାଡ଼ିକର୍ମୀଙ୍କୁ ତାଲିମ ଦେବାସହ ତଥ୍ୟପୂର୍ଣ୍ଣ କରି ଜିଲ୍ଲାସ୍ତରକୁ ପ୍ରେରଣ କରିବାପାଇଁ ସୂଚନା ପ୍ରଦାନ କରାଯାଇଥିଲା।

## ଉତ୍କଳମଣି ନୋଡାଲ ସ୍କୁଲରେ ଶିକ୍ଷକ ଅଭାବ

### ଗେଟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ଧାମନଗର,୯ ।୭ (ନିପ୍ର); ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଉତ୍କଳମଣି ନୋଡ଼ାଲ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ଅଭାବକୁ ନେଇ ଗେଟରେ ତାଲା ପକାଇଛନ୍ତି ଛାତ୍ର ଛାତ୍ରୀ ଓ ଅଭିଭାବକ। ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟ ରେ ଦୀର୍ଘଦିନ ହେବ ଗଣିତ ଓ ହିନ୍ଦୀ ଶିକ୍ଷକ ନାହାନ୍ତି, ୧୦ ବର୍ଷ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ବି ନାହାନ୍ତି। ଏଣୁ ମଙ୍ଗଳବାର ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଖୋଲିବା ପୂର୍ବରୁ ଗେଟରେ ତାଲା ପକାଇ ଶିକ୍ଷକ ନିଯୁକ୍ତି ନେଇ ପ୍ରତିବାଦ ଓ ଦାବି କରିଥିଲେ। ସୂଚନା ଥାଉକି ଉକ୍ତ ବିଦ୍ୟାଳୟ ଟି ପୁରାତନ ବିଦ୍ୟାଳୟ ,୧୯୬୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ୬ ରୁ ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲ୍ ଉପରେ ୩ ଟି ପଞ୍ଚାୟତର ଥିବା ଗ୍ରାମ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କିଛି ଗ୍ରାମର ଛାତ୍ରଛାତ୍ରୀ ପାଠ ପଢିବାକୁ ନିର୍ଭର କରିଥାନ୍ତି। ଏହି ସ୍କୁଲରେ ଚଳିତ ବର୍ଷ ୧୮୦ ଜଣ ପିଲା ପାଠ ପଢୁଛନ୍ତି। ଏଥିଲାଗି ବିଭିନ୍ନ ବିଷୟ ଓ କ୍ରୀଡାକୁ ମିଶାଇ ୮ ଜଣ ଶିକ୍ଷକଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ହେଲେ ଗଣିତ ଓ ହିନ୍ଦୀ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଗଣିତରେ ୨ ବର୍ଷ ପୂର୍ବେ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ହିନ୍ଦୀ ବିଷୟ ପାଇଁ ୫ ବର୍ଷ ପୂର୍ବେ ଶିକ୍ଷକ ଅବସର ଗ୍ରହଣ କରିସାରିଛନ୍ତି। ସେହିପରି ୧୦ ବର୍ଷ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ସେହିପରି ଏବେ ଜିଏ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି ତାଙ୍କର ମନମୁଖି କାର୍ଯ୍ୟ ନେଇ ଶିକ୍ଷା ଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି।

ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀମାନେ ଭଦ୍ରକ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ବି କୌଣସି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ , ଏପରି କି ପ୍ରଧାନ ଶିକ୍ଷୟିତ୍ରୀଙ୍କର କୌଣସି ଉଦ୍ୟମ ରହିଲା ନାହିଁ। ବାଧ ହୋଇ ସ୍କୁଲ ଗେଟରେ ତାଲା ପକାଇ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୨ ରୁ ୩ ଘଣ୍ଟା ଗେଟ ଆଗରେ ଛିଡ଼ା ହୋଇ ରହିଥିଲେ। ଘଟଣା ସଂପର୍କରେ ଭଦ୍ରକ ଡିଇଓ ଖବର ପାଇବା ପରେ ଶିକ୍ଷକ ନିଯୁକ୍ତି ନେଇ ତତ୍ପରତା ଦେଖାଇଥିଲେ। ତତକ୍ଷଣାତ୍ ଜାହାଙ୍ଗୀର ଜନତା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସୁରଜ ମହାପାତ୍ରଙ୍କୁ ଡେପୁଟେଶନରେ ପଠାଇଥିଲେ। ସେ ସପ୍ତାହରେ ୪ ଦିନ ବନ୍ଧଟିଆ ଉତ୍କଳମଣି ନୋଡ଼ାଲ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷାଦାନ କରିବା ନେଇ ଚିଠି କରିଥିଲେ। ତାହା ସହ ଶୀଘ୍ର ଅନ୍ୟ ବିଷୟର ଶିକ୍ଷକ ଓ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେଲା ପରେ ତାଲା ଖୋଲିଥିଲେ। ସେପଟେ ଚିଠି ମିଳିବା ପରେ ସୂରଜ ମହାପାତ୍ର ସ୍କୁଲରେ ଯୋଗ ଦେଇଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ।

## ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ପାଇଁ କଂଗ୍ରେସର ପ୍ରସ୍ତୁତି

ପାରାଦ୍ୱୀପ,୯ ।୭ (ନିପ୍ର); ଲୋକସଭାର ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କ ଓଡିଶା ଗସ୍ତ ଏବଂ ଭୁବନେଶ୍ୱର ବରମୁଣ୍ଡା ପଡିଆରେ ସମ୍ବିଧାନ ବଞ୍ଚାଅ ସମାବେଶକୁ ସଫଳ କରିବା ନିମନ୍ତେ, ପାରାଦ୍ୱୀପ ନଗର କଂଗ୍ରେସ୍ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇ ଯାଇଛି । ଏହି ବୈଠକରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ୍ ସଭାପତି ନଟବର ବାରିକ୍ ଏବଂ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ ।

## ପଞ୍ଚାୟତ ସମିତି ବୈଠକ

କାଶୀନଗର,୯ ।୭ (ନିପ୍ର); କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ମଧ୍ୟରେ ଏକାଦଶ ତମ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧକ୍ଷା ବାଲା ସାଇଆମ୍ମା ଅଧକ୍ଷତାରେ ଆରମ୍ଭ ହୋଇଥିବା ବେଳେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ଡମ୍ବୁରୁଧର ମଲ୍ଲିକ ବୈଠକରେ ଆଭିମୁଖ୍ୟ ଓ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ପରିଷଦ ସଭ୍ୟା ଆର ରାଜ୍ୟ ଲକ୍ଷ୍ମୀ,ଉପାଧାକ୍ଷା ଏସ.କଲ୍ୟାଣୀ ତଥା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ମଂଚାସୀନ ଥିଲେ। ଗ୍ରାମୀଣ ଓଡ଼ିଶାର ବିକାଶ ଜନସାଧାରଣ ଜୀବନ ମାନ ବୃଦ୍ଧି, ଅର୍ଥନୈତିକ ବୃଦ୍ଧି,ନୂତନ ଯୋଜନା ପ୍ରଣୟନ ନିମନ୍ତେ ପୂର୍ବରୁ ବିକଶିତ ଗାଁ ବିକଶିତ ଓଡିଶା ଆନୁକୂଲ୍ୟରେ ହୋଇଥିବା ଗ୍ରାମ ସଭାମାନଙ୍କ ଦ୍ୱାରା ଅନୁମୋଦନ ଉପରେ ଆଲୋଚନା କରାଯାଇଥିଲା।

ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ ଓ କର୍ମଚାରୀ ମାନେ ଅନୁପସ୍ଥିତ ନେଇ ବୈଠକ ରେ ସରଗରମ ଆଲୋଚନା କରାଯାଇଥିଲା। ଖାରଡ଼ା ପଞ୍ଚାୟତ ଅଧୀନରେ ଥିବା ଧୂବା ଜୟପୁର ଠାରୁ ଗୋଟିପଡୁ ଗ୍ରାମ କୁ ଯାତାୟାତ ରାସ୍ତା ନ ଥିବା ଅଭିଯୋଗ ଆସିଥିଲା.ଖାଣ୍ଡବ ସମିତି ସଭ୍ୟ ଜଗନ୍ନାଥ ଦୋରା, କୀଡୀଗାଁ ସେମିତି ସଭ୍ୟ ଶ୍ରୀଧର ଓ ବୁଦୁରା ସମିତି ସଭ୍ୟ ବାବୁ ରାଓ, ଶିଆଳି ସରପଞ୍ଚ ରାମ ପ୍ରସାଦ ପଟନାୟକ ଓ ଖାରଡ଼ା ସରପଞ୍ଚ ଅଖିଳ ପାତ୍ର ସରକାରଙ୍କ ଉନ୍ନତିମୂଳକ ଯୋଜନା ଗୁଡିକ କିପରି କାର୍ଯ୍ୟକ୍ଷମ ହେବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରଶ୍ନ ପଚାରି ଆଲୋଚନା କରିଥିଲେ।

## ତିନି ରାସ୍ତା ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର

ଭାପୁର,୯ ।୭ (ନିପ୍ର); ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଭାପୁର ବ୍ଲକର ତିନି ଗୋଟି ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ଭାପୁର ସଦର ମହକୁମାଠାରୁ ବିଜିପୁର ଗ୍ରାମ ପର୍ଯ୍ୟନ୍ତ ୩.୫ କି.ମି. ରାସ୍ତାର ଉନ୍ନତିକରଣ ପାଇଁ ୩ କୋଟି ୧୯ ଲକ୍ଷ ୯୬ ହଜାର ଟଙ୍କା, ରାକମା-କଇଁଫୁଲିଆ ଗ୍ରାମଠାରୁ ଭାପୁର ରାସ୍ତା ୩ କୋଟି ୩୧ ଲକ୍ଷ ଟଙ୍କା ଏବଂ ଗୋବର୍ଦ୍ଧନ ପ୍ରସାଦ ଗ୍ରାମଠାରୁ ବୋଲଗଡ଼ ବ୍ଲକ ପାଟବନ୍ଧ ଗ୍ରାମ ପର୍ଯ୍ୟନ୍ତ ୧୪ କୋଟି ୮୧ ଲକ୍ଷ ୭୫ ହଜାର ଟଙ୍କା ଚୁକ୍ତିନାମା ହୋଇଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରକାଶ । ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା,ଜିଲ୍ଲା ପରିଷଦ ସଭ୍ୟ ବିଜୟ ସାମନ୍ତରାୟ,ସୁଶାନ୍ତ କୁମାର ସାହୁ,ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ସସ୍ମିତା ମୁଣ୍ଡୁରି,ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ରଥ ଏବଂ କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଖଣ୍ଡପଡା ବ୍ଲକରେ ବିଧାୟକଙ୍କ ଫଳକ ରାଜନୀତି ଜୋର ଓ କାର୍ଯ୍ୟ ଘର ଶୁନ୍ ବୋଲି ଆଲୋଚନା ଚାଲିଥିବାବେଳେ ଭାପୁର ବ୍ଲକରେ ଗତ ୭ ମାସ ତଳେ କରବର ଗ୍ରାମ ନିକଟ ମହାନଦୀ ବନ୍ଧର ଉନ୍ନତିକରଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇନାହିଁ । ସେହିପରି, ଆଜି ୩ ଗୋଟି ରାସ୍ତାର ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ କାର୍ଯ୍ୟ କେବେ ଆରମ୍ଭ ଓ ଶେଷ ହେବ ତାହା ସ୍ଥାନୀୟ ଜନସାଧାରଣ ଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ସାତପଡ଼ା ବନାଞ୍ଚଳ ପକ୍ଷରୁ ବୃକ୍ଷରୋପଣ

କୃଷ୍ଣପ୍ରସାଦ,୯ ।୭ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୁର୍ବେଦିକ ଚିକିତ୍ସାଳୟ, ସାତପଡ଼ା, ବାସୁଦେବ ହାଇସ୍କୁଲ ବାଘମୁଣ୍ଡା ନୂଆଗାଁ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସାତପଡ଼ା ପରିସରରେ ପିସ୍ତା ବାଦାମ, ଅଁଳା, ଅର୍ଜୁନ, ବଉଳ, କରଞ୍ଜ, ପିଜୁଳି ଆଦି ଶତାଧିକ ଚାରା ରୋପଣ କରାଯିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବନପାଳ ପ୍ରଣୟ କୁମାର ଜୟସିଂହ, ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ, ଡାକ୍ତର ଭାସ୍କର ଚନ୍ଦ୍ର ଜେନା, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ ନଳିନୀକାନ୍ତ ବଡ଼ଜେନା, ଅନୁଷ୍ଠାନର ଅଧକ୍ଷା କବିତା ମହାରଣା, ବନରକ୍ଷୀ ଅବଦୁଲ ଓକିଲ ଖାନ, ବନ ସୁରକ୍ଷା କର୍ମୀ, ବିଦ୍ୟାଳର କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଏକ୍ରିକ ପ୍ରକଳ୍ପ ହମାରା ବଚପନ ଟ୍ରଷ୍ଟର କର୍ମକର୍ତ୍ତା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶବ୍ୟାପୀ ଧର୍ମଘଟ




ଗୁଣୁପୁର,୯ ।୭ (ନିପ୍ର): ମିଳିତ ଶ୍ରମିକ ସଂଗଠନ ତରଫରୁ ଦେଶବ୍ୟାପୀ ଧର୍ମଘଟ,ହଡତାଲରେ ଭାରତ ବନ୍ଦ ଡାକରାରେ ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ଓ ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ତରଫରୁ ଗୁଣପୁର ନାଗଭୂଷଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ବାଇପାସ୍ ଛକ ଠାରେ ରାସ୍ତା ଅବରୋଧ କରିବା ସହ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୭ ଦଫା ଦାବି ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ୨୬ ହଜାର ଟଙ୍କା, ପେନସନ ପ୍ରଦାନ କରିବା , ପାଚିକାଙ୍କୁ ସାମାଜିକ ନିରାପତ୍ତା ପ୍ରଦାନ କରିବା, ୪ଟି ଶ୍ରମ କୋଡ଼ ବାତିଲ କରିବା,ନୂତନ ଶିକ୍ଷା ନୀତି ୨୦୨୦ କୁ ବାତିଲ କରିବା, ୨୦୨୨ ବିଦ୍ୟୁତ୍ ର ଘରୋଇ କରଣ ବନ୍ଦ କରିବା, କୃଷକ ବିରୋଧୀ କୃଷି ଆଇନ୍ ବାତିଲ କରିବା, ଓପିଏସ୍ କୁ ଲାଗୁକରିବା ଓ ଏନପିଏସ ଓ ୟୁପିଏସକୁ ବାତିଲ କରିବା, ୨୦୦ ଦିନ କାମ ଦୈନିକ ୬୦୦ ମଜୁରୀ ପ୍ରଦାନ କରିବା, କର୍ପୋରେଟ ଲୁଟ ବନ୍ଦ କରିବା, ଜଙ୍ଗଲ ଆଇନ ୨୦୨୩ ବାତିଲ କରିବା, ସମସ୍ତଙ୍କୁ ମାଗଣା ବୈଜ୍ଞାନିକ ଶିକ୍ଷା ପ୍ରଦାନ କରିବାରେ ମଜୁରୀ ସୀମା ଉଚ୍ଛେଦ କରିବା, କୃଷି ଋଣ ଉପରେ ସବସିଡି ପ୍ରଦାନ କରିବା, କୃଷି ଉତ୍ପାଦନ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା, ପ୍ରଭୃତି ଦାବି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିବେଦକ ତଥା ଉପଦେଷ୍ଟା ଦକ୍ଷିଣ ଓଡିଶା ପାଚିକା ଓ ସହାୟିକା ମହାସଂଘ ତ୍ରିପତି ଗମାଙ୍ଗ,ଜିଲ୍ଲା ସଭାପତି ମୁନି ଶବର, ମୁକ୍ତି ଲତା ଶବର, କୈଳାସ ଶବର, ନିରଞ୍ଜନ ବିଡିକା, ମୋଜେସ ବିଡିକା, ସିମାଦ୍ରୀ ପାତିକା, ମୁରଲୀ ମୁତୁକା ମୋହନ, ମିନ ଶବର, ମୁତୁକା ତ୍ରିପତି, ପ୍ରତିମା ଶବର, ସମ୍ପଲକ୍ଷ ଶବର ଅଗୟ ଶବର ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରମିକ ସଙ୍ଗଠନର ଭାରତ ବନ୍ଦ ଡାକରା,ବିରୋଧୀ ଦଳଙ୍କ ସମର୍ଥନ




ଡ଼ାବୁଗାଁ,୯ ।୭ (ନିପ୍ର); ଦେଶବ୍ୟାପୀ ଚକ ଅଖ ବନ୍ଦ ଡାକରା ଦେଇଛି ଶ୍ରମିକ ସଙ୍ଗଠନ। ୧୭ ଦଫା ଦାବିରେ ୧୦ ଟି ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ଭାରତ ବନ୍ଦ ଧର୍ମଘଟ ଆନ୍ଦୋଳନ ଡାକରା ଦିଆଯାଇଛି । ୧୭ ଦଫା ଦାବି ନେଇ ୫ ବାମପନ୍ଥୀ ଦଳ ଓ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ (ସିଟିୟୁ) ଓ ସ୍ୱାଧୀନ ସର୍ବଭାରତୀୟ ଫେଡେରେସନକୁ ନେଇ ଗଠିତ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ଧର୍ମଘଟରେ ସାମିଲ ଥିଲେ। ଏହି ଅବସରରେ ଡାବୁଗାଁ ଠାରେ ମଧ୍ୟ ବିଭିନ୍ନ ସାଙ୍ଗଠନ ସହ ବିରୋଧୀଦଳର ମଧ୍ୟ ସମର୍ଥନ ଥିବା ଦେଖୁବାକୁ ମିଳିଛି। ଅଙ୍ଗନବାଡି ଏବଂ ଆଶା କର୍ମୀମାନେ ମଧ୍ୟ ଏହି ଅବସରେ ଡାବୁଗାଁ ବିଡ଼ିଓ ଶରତ ମାଝିଙ୍କୁ ସେମାନଙ୍କ ସଙ୍ଘ ତରଫରୁ ଏକ ଲିଖିତ ପତ୍ର ପ୍ରଦାନ କରିଥିଲେ।

## ଜନ ଅଭିଯୋଗ ଶୁଣାଣିରେ ୨୭୪ ଅଭିଯୋଗ ପଞ୍ଜୀକୃତ

ଯାଜପୁର,୯ ।୭ (ନିପ୍ର);ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୮ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୭୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## କେସିଙ୍ଗା ବ୍ଲକ୍ କିକିଆ ଗ୍ରାମପଞ୍ଚାୟତରେ ତାଲା ପକାଇଲେ ଗ୍ରାମବାସୀ



### କିଡ଼ନୀ ରୋଗରେ ମଲେଣି ୮ ଜଣ,୨୦ ଆକ୍ରାନ୍ତ! ପ୍ରଶାସନର ନିଦ ଭାଙ୍ଗିବ କେବେ ?

କେସିଙ୍ଗା,୯ ।୭ (ନିପ୍ର): ସରକାର ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁ କୋଣ ଅନୁକୋଣେ କୋଟି କୋଟି ଟଙ୍କା ବ୍ୟୟରେ ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ ସୁବିଧା କରିଛନ୍ତି। ହେଲେ ତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କିକିଆ ଗ୍ରାମ ପଞ୍ଚାୟତର ଡଙ୍ଗରମୂର୍ଲି ଗ୍ରାମର ଖୋଏର ଡିଗ୍ରାପଡ଼ା ୱାର୍ଡ ନମ୍ବର ୧୦ରେ । ପାଖାପାଖି ୩୦ ଟି ପରିବାର ବସବାସ କରୁଛନ୍ତି । ଏମାନେ ମୁଖ୍ୟତଃ ଗାଁ ମଝିରେ ଥିବା ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ନଳକୂପ ରେ ପାଣି ବାହାରିବା ବଦଳରେ ଲୁହା ଗୁଣ୍ଡ ବାହାରୁଛି । ଗ୍ରାମର ଲୋକ ସେହି ନଳକୂପର ପାଣି ପିଇ କିଡ଼ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏବେ ପର୍ଯ୍ୟନ୍ତ ଆଠ ଜଣ କିଡ଼ନୀ ରୋଗରେ ମୃତ୍ୟୁବରଣ କରିଛନ୍ତି । କୋଡ଼ିଏ ଜଣ ଆକ୍ରାନ୍ତ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଧ୍ୟାନ ଦେଇ ସରକାର ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ଡଙ୍ଗର ମୂର୍ଲି ଗ୍ରାମରେ ଅଟକଳମୂଲ୍ୟ ଟ.୧,୨୭,୪୦,୭୯୦ ରେ ନିର୍ମିତ ହୋଇଛି ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ ହେଲେ। ତାହା କୌଣସି କାମରେ ଆସୁନି । ପାଇପ୍ ସବୁ ପୋତା ହେଇଛି । ଚଟାଣ ବି ତିଆରି ହୋଇନି। ସେଇ ପାଇପ୍ ରେ ପାଣି ବି ଆସୁନି ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ହେଲେ କାହାର ନଜର ନାହିଁ । ଡଙ୍ଗର ମୂର୍ଲି ରେ ନିର୍ମିତ ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ ୨୮.୫.୨୦୨୧ରେ ସମ୍ପୂର୍ଣ୍ଣ ହେଲାଣି ବୋଲି ଲେଖା ଅଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପାଇପ୍ ପୋତା ହେଇଛି । ଚଟାଣ ବି ତିଆରି ହୋଇନି। ସେଥିରେ ବି ପାଣି ଆସୁନି ଯେତେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଗାଧୋଇବା ପାଇଁ ଗୋଟେ ପୋଖରୀ ଅଛି ସେଥିରେ ବି ପାଣି ନାହିଁ। ଲୋକେ ପାଣି ପାଇଁ ଯିବେ କୁଆଡେ ? ତେଣୁ ଆଜି ସକାଳୁ କିକିଆ ଗ୍ରାମ ପଞ୍ଚାୟତ ଅଫିସ୍ ରେ ସରପଞ୍ଚ, ନାଏବ ସରପଞ୍ଚ ଓ ଦୁଇ କାଉନ୍ସିଲରଙ୍କୁ ବସିଥିବା ବେଳେ ତାଲା ପକାଇଲେ । ସେହି ସରକାର ଏହାର ତଦନ୍ତ କରି କିପରି ଡଙ୍ଗର ମୂର୍ଲି ଗ୍ରାମର ଲୋକଙ୍କୁ ସୁବିଧାରେ ପାଣି ପାଇବେ ତାହାର ବ୍ୟବସ୍ଥା କରନ୍ତୁ ବୋଲି ଗ୍ରାମବାସୀ ଦାବି କରୁଛନ୍ତି।

# ମୋଦିଙ୍କୁ ମିଳିଲା ନାମ୍ବିଆର ସର୍ବୋଚ୍ଚ ସମ୍ମାନ

## ଆମର ଅତୁଟ ବନ୍ଧୁତାକୁ ଉତ୍ସର୍ଗ କରୁଛି

ନୂଆଦିଲ୍ଲୀ,୯।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନାମିବ୍ୟାର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି । ବୁଧବାର ନାମିବ୍ୟାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଟସଚିଆ ମିରାବିଲିସ୍' ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି ୨୦୧୪ରେ ଦାୟିତ୍ୱ ଗ୍ରହଣ କରିବାଠୁ ଏହା ତାଙ୍କୁ ବିଦେଶୀ ସରକାରଙ୍କ ଦ୍ୱାରା ଦିଆଯାଇଥିବା ୨୭ତମ ଅନ୍ତର୍ଜାତୀୟ ସମ୍ମାନ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ନନ୍ଦି-ନଦୈତୱା ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏଥିରେ ଦୁଇ ଦେଶ ଶକ୍ତି ଏବଂ ସ୍ୱାସ୍ଥ୍ୟସେବା ସମେତ ଅନେକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଚାରୋଟି ଚୁକ୍ତି ସ୍ୱାକ୍ଷର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୁଧବାର ନାମବ୍ୟାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଟସଚିଆ ମିରାବିଲିସ୍' ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ପାଞ୍ଚ-ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ନାମିବ୍ୟାରେ ଅଛନ୍ତି । ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ନାମିବ୍ୟା ଏବଂ ଭାରତର ତୃତୀୟ ପ୍ରଧାନମନ୍ତ୍ରୀଙ୍କ ଗସ୍ତ । ନାମିବ୍ୟାର



ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ-ନଦୈତୱାହ କହିଛନ୍ତି, 'ନାମିବ୍ୟା ସମ୍ବିଧାନ ଦ୍ୱାରା ମୋତେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ମୁଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସର୍ବୋତ୍ତମ ପ୍ରାଚୀନ ୱେଲୱିଟସଚିଆ ମିରାବିଲିସ୍ ଅର୍ଡର ପ୍ରଦାନ କରି ସମ୍ମାନିତ । ପ୍ରଧାନମନ୍ତ୍ରୀ ମୋଦି ନାମିବ୍ୟା ଏବଂ ବିଶ୍ୱ ସ୍ତରରେ ସାମାଜିକ-ଆର୍ଥିକ ବିକାଶ ଏବଂ ଶାନ୍ତି ଏବଂ ନ୍ୟାୟର ପ୍ରୋତ୍ସାହନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ।' ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଏହି ପୁରସ୍କାରରେ ସମ୍ମାନିତ ହେବା ମୋ ପାଇଁ ଅତ୍ୟନ୍ତ ଗର୍ବ ଏବଂ ସମ୍ମାନର ବିଷୟ । ମୁଁ ରାଷ୍ଟ୍ରପତି, ନାମିବ୍ୟା ସରକାର ଏବଂ ଏଠାକାର ଲୋକଙ୍କ ପ୍ରତି ମୋର ହୃଦୟର କୃତଜ୍ଞତା ଜ୍ଞାପନ କରୁଛି । ମୁଁ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ଏହି ସମ୍ମାନକୁ ବିନମ୍ରତାର ସହ ଗ୍ରହଣ କରୁଛି ।' ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଏହା ଭାରତ ଏବଂ ନାମିବ୍ୟା ମଧ୍ୟରେ ବନ୍ଧୁତାର ପ୍ରମାଣ । ମୁଁ ଏହି ସମ୍ମାନ ନାମିବ୍ୟା ଏବଂ ଭାରତର ଲୋକଙ୍କୁ, ସେମାନଙ୍କର ନିରନ୍ତର ପ୍ରଗତି ଏବଂ ବିକାଶ ଏବଂ ଆମର ଅତୁଟ ବନ୍ଧୁତାକୁ ଉତ୍ସର୍ଗ କରୁଛି । ଜଣେ ପ୍ରକୃତ ବନ୍ଧୁ କେବଳ କଷ୍ଟକର ସମୟରେ ଜଣାପଡ଼େ । ଭାରତ ଏବଂ ନାମିବ୍ୟା ସେମାନଙ୍କର ସ୍ୱାଧୀନତା ସଂଗ୍ରାମ ସମୟରୁ ପରସ୍ପର ସହିତ ଠିଆ ହୋଇଛନ୍ତି । ଆମର ବନ୍ଧୁତା ରାଜନୀତିରୁ ନୁହେଁ, ବରଂ ସଂଘର୍ଷ, ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସରୁ ସୃଷ୍ଟି । ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦ୍ୱାରା ପରିପୂର୍ଣ୍ଣ ହୋଇଛି । ଭବିଷ୍ୟତରେ ବି ଆମେ ବିକାଶ ପଥରେ ପରସ୍ପରର ହାତ ଧରି ଆଗକୁ ବଢ଼ିବା ଜାରି ରଖିବୁ।' ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବ୍ରାଜିଲର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କଲାର ଅଫ୍ ଦି ନ୍ୟାସନାଲ୍ ଅର୍ଡର ଅଫ୍ ଦି ସାଉଦର୍ଣ୍ଣ କ୍ରସ୍' ପ୍ରଦାନ କରାଯାଇଥିଲା । ପାଞ୍ଚ ରାଷ୍ଟ୍ର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତ୍ରିନିଦାଦ ଏବଂ ଟବାଗୋର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ରିପବ୍ଲିକ୍ ଅଫ୍ ତ୍ରିନିଦାଦ ଏବଂ ଟୋବାଗୋ' ପ୍ରଦାନ କରାଯାଇଥିଲା । ଘାନା ବି ତାଙ୍କୁ 'ଅଫିସର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଅଫ୍ ଘାନା' ସମ୍ମାନରେ ସମ୍ମାନିତ କରିଥିଲା ।

# ନାମ୍ବିଆରେ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ କରିବ ଭାରତ



ନୂଆଦିଲ୍ଲୀ,୯।୭: ନାମ୍ବିଆରେ ଏକ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ମଧ ଏକ ବୁଝାମଣାପତ୍ର ମଧ ସ୍ୱାକ୍ଷର କରିଛନ୍ତି। କେନ୍ଦ୍ରୀୟ ଔଷଧ ଗବେଷଣା ପ୍ରତିଷ୍ଠାନ ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସରେ ନାମ୍ବିଆର ଯୋଗଦାନ ପାଇଁ ସ୍ୱୀକୃତି ପତ୍ର ମଧ ଉପସ୍ଥାପନ କରାଯାଇଛି। ନାମ୍ବିଆର ରାଜଧାନୀ ୱିଣ୍ଡହୋକ୍ର ଷ୍ଟେଟ୍ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନାମ୍ବିଆର ରାଷ୍ଟ୍ରପତି ନେଟୁମ୍ବୋ ନନ୍ଦୀ-ନଦୈତୱାଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ପରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗର ନୂତନ କ୍ଷେତ୍ର ଅନୁସନ୍ଧାନ କରି ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଭାଗୀତାକୁ ଆହୁରି ଘନିଷ୍ଠ କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦି ୱିଣ୍ଡହୋକର ଜାତୀୟ ସ୍ମାରକୀ ହିରୋସ୍ ଏକର୍ରେ ନାମ୍ବିଆର ପ୍ରତିଷ୍ଠାତା ପିତା ସାମ ନୁଜୋମାଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ନାମ୍ବିଆର ସଂସଦକୁ ସମ୍ବୋଧିତ କରିବେ, ଯାହା ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ଏହା ଶ୍ରୀ ମୋଦିଙ୍କ ସମ୍ପଦ ସମୃଦ୍ଧ ଦକ୍ଷିଣ ଆଫ୍ରିକୀୟ ଦେଶକୁ ପ୍ରଥମ ଗସ୍ତ ଏବଂ ପ୍ରାୟ ତିନି ଦଶନ୍ଧି ପରେ ଭାରତରୁ ତୃତୀୟ ପ୍ରଧାନମନ୍ତ୍ରୀସ୍ତରୀୟ ନାମ୍ବିଆ ଗସ୍ତ।

# ଜାଗୁଆର ଟ୍ରେନି ବିମାନ ଦୁର୍ଘଟଣାରେ ୨ ପାଇଲଟ ମୃତ



ନୂଆଦିଲ୍ଲୀ ୯।୭: ରାଜସ୍ଥାନ ଚୁରୁ ଜିଲ୍ଲାରେ ବୁଧବାର ଭାରତୀୟ ବାୟୁସେନା (ଆଇଏଏଫ୍)ର ଟ୍ରେନର ଜାଗୁଆର ବିମାନ ଟ୍ରେନିଂ କାଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ୨ ଜଣ ପାଇଲଟ ପ୍ରାଣ ହରାଇଛନ୍ତି। ଏଥିପାଇଁ ଆଇଏଏଫ ଗଭୀର ଶୋକ ପ୍ରକଟ କରିଛି ଏହା ସହିତ ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ ଇନକ୍ୱାରୀ ଆଦେଶ ଦେଇଛି। ଏହି ଯାଞ୍ଚରେ ଦୁର୍ଘଟଣା କିପରି ହେଲା ତାର ବିସ୍ତୃତ ତଦନ୍ତ କରାଯିବ। ଏ ନେଇ ଆଇଏଏଫ ପକ୍ଷରୁ ଏକ୍ସ ରେ ଏକ ପୋଷ୍ଟ କରାଯାଇଛି। କୁହାଯାଇଛି ଏହି କଠିନ ସମୟରେ ଶୋକାକୁଳ ପରିବାର ସହିତ ଆମେ ଦୃଢତାର ସହ ଛିଡା ହୋଇଛୁ। ବାୟୁସେନା ପକ୍ଷରୁ କୁହାଯାଇଛି ଯେ ଆମେ ବୀର ପାଇଲଟଙ୍କୁ ସାଲ୍ୟୁଟ କରୁଛୁ ଓ ସେମାନଙ୍କ ପରିବାର ପ୍ରତି ଆମର ସମବେଦନା ଜଣାଉଛୁ। ପ୍ରାରମ୍ଭିକ ସୂଚନା ଅନୁସାରେ ବିମାନର ଧ୍ୱଂସାବଶେଷ ଏକ ଚାଷ ଜମିରୁ ମିଳିଛି, ଏହା ସହିତ ମାନବ ଅଙ୍ଗ ମଧ କ୍ଷତବିକ୍ଷତ ଅବସ୍ଥାରେ ମିଳିଛି। ସ୍ଥାନୀୟ ପୋଲିସ ଅଧିକାରୀ କମଲେଶଙ୍କ ସୂଚନା ଅନୁସାରେ ବିମାନ ମଧ୍ୟାହ୍ନ ପାଖାପାଖି ଗୋଟାଏ ୨୫ ମିନିଟରେ ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣା ପରେ ଜିଲ୍ଲା କଲେକ୍ଟର ଅଭିଷେକ ସୁରାଣା, ପୋଲିସ ଓ ଫାୟାର ବ୍ରିଗେଡ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଇଏଏଫ ଅନୁସାରେ ବିମାନଟି ପ୍ରଶିକ୍ଷଣ ଉଡାଣରେ ଥିଲା। ଉଲ୍ଲେଖଯୋଗ୍ୟ ଯେ ୫ ମାସରେ ଜାଗୁଆର ବିମାନ ତୃତୀୟବାର ଦୁର୍ଘଟଣାର ଶିକାର ହୋଇଛି।

# ପାକିସ୍ତାନୀ ସେନାର ବେଲୁଚ୍ ଛାତ୍ର ଅପହରଣ ଘଟଣାକୁ ମାନବାଧିକାର ସଂଗଠନର ନିନ୍ଦା

ନୂଆଦିଲ୍ଲୀ,୯।୭: ଇସଲାମାବାଦ ଟୋଲ୍ ପ୍ଲାଜାରୁ ପାକିସ୍ତାନୀ ସୁରକ୍ଷା ବାହିନୀ ଦ୍ୱାରା ବେଲୁଚ୍ ଛାତ୍ର ସଇଦ ଉବୈଦୁଲ୍ଲାଙ୍କୁ ବଳପୂର୍ବକ ଅପହରଣ କରାଯିବା ଘଟଣାକୁ ମାନବାଧିକାର ସଂଗଠନଗୁଡ଼ିକ ନିନ୍ଦା କରିଛନ୍ତି। ବେଲୁଚିସ୍ତାନର ପଞ୍ଜଗୁରର କାଇଦ-ଏ-ଆଜମ୍ ବିଶ୍ୱବିଦ୍ୟାଳୟର ଛାତ୍ର ଉବୈଦୁଲ୍ଲା ଜୋରଜବରଦସ୍ତ ନିଖୋଜର ଅନେକ ଶିକାରଙ୍କ ମଧ୍ୟରେ ଅଛନ୍ତି। ମାନବାଧିକାର ସଂଗଠନଗୁଡ଼ିକ ଏହି କାର୍ଯ୍ୟକୁ ମାନବାଧିକାରର ଗମ୍ଭୀର ଉଲ୍ଲଂଘନ ବୋଲି କହିଛନ୍ତି। ଶାନ୍ତିପୂର୍ଣ୍ଣ ପ୍ରତିବାଦ ପରେ ଅନେକଙ୍କୁ ଜେଲରେ ରଖାଯାଇଛି ଓ ଅନ୍ୟମାନଙ୍କୁ ଅଟକ ରଖାଯାଇଛି। ପାକିସ୍ତାନର ମାନବାଧିକାର କମିଶନ ସେମାନଙ୍କ ମୁକ୍ତି ଦାବି କରି କର୍ତ୍ତୃପକ୍ଷଙ୍କୁ ବଲୁଚିସ୍ତାନରେ ଶାନ୍ତିପୂର୍ଣ୍ଣ ସମାବେଶର ସାମ୍ବିଧାନିକ ଅଧିକାରକୁ ସମ୍ମାନ କରିବା ଏବଂ ଦମନ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି।

# କୁରାନ-ଆରବୀ ପଢ଼ିବା ନିର୍ଦ୍ଦେଶ ଜାରି କଲା ଇସ୍ରାଏଲ

ଜେରୁଜେଲମ,୯।୭:ଇରାନ ସହିତ ଯୁଦ୍ଧ ପରେ, ଇସ୍ରାଏଲ ମୋସାଦ ଅଧିକାରୀ ଏବଂ ସାଧାରଣ ସୈନିକଙ୍କ ପାଇଁ ଏକ ନୂତନ ନିର୍ଦ୍ଦେଶ ଜାରି କରିଛି। ଏହା ଅନ୍ତର୍ଗତ ଏବେ ସମସ୍ତ ଅଧିକାରୀ ଏବଂ ସୈନିକଙ୍କୁ ବାଧ୍ୟତାମୂଳକ ଭାବରେ ଇସଲାମ ଅଧ୍ୟୟନ କରିବାକୁ ପଡିବ। ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ, ଏଥିପାଇଁ ଖୁବ୍ ଶୀଘ୍ର ଏକ ନୂତନ ପାଠ୍ୟକ୍ରମ ଆରମ୍ଭ କରାଯିବ। ଇସ୍ରାଏଲ୍ ନ୍ୟାସନାଲ୍ ନ୍ୟୁଜ୍ ଅନୁଯାୟୀ, ଅକ୍ଟୋବର ୨୦୨୩ରେ ଇସ୍ରାଏଲ୍ ଉପରେ ହମାସର ଆକ୍ରମଣ ପଛରେ ଗୁଇନ୍ଦା ତ୍ରୁଟିକୁ କାରଣ ଭାବରେ ଦର୍ଶାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଯଦି ଅଧିକାରୀମାନେ ପୂର୍ବରୁ ଆରବି ଭାଷା ଜାଣିଥାନ୍ତେ, ତେବେ ପରିସ୍ଥିତି ଭିନ୍ନ ହୋଇଥାନ୍ତା। ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। ସରକାର କହିଛନ୍ତି, ଏହା ସମସ୍ତ ଅଧିକାରୀଙ୍କ ପାଇଁ ବାଧ୍ୟତାମୂଳକ, ସେମାନଙ୍କ ପଦବୀର ଭାଷା ସହିତ କୌଣସି ସମ୍ପର୍କ ଥାଉ କି ନଥାଉ। ଆସନ୍ତା ବର୍ଷ ସୁଦ୍ଧା ସମସ୍ତ ଅଧିକାରୀଙ୍କୁ ୧୦୦% ଇସଲାମିକ୍ ପାଠ ଏବଂ ୫୦% ଆରବି ଭାଷା ପଢ଼ାଇବାକୁ ବିଭାଗ ଲକ୍ଷ୍ୟ ରଖିଛି। ଏଥିପାଇଁ, ଅଧିକାରୀମାନଙ୍କୁ ଖୁବ୍ ଶୀଘ୍ର ଇସ୍ରାଏଲରେ ତାଲିମ ଦିଆଯିବ।

# ମହାକାଶରେ ଚାଷୀ ପାଲଟିଲେ ଶୁଭାଂଶୁ

ନୂଆଦିଲ୍ଲୀ,୯।୭: ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ତାଙ୍କ ୧୪ ଦିନର ରହଣିର ୧୨ ଦିନ ପୂରଣ କରିଛନ୍ତି। ଏହି ୧୦ ଦିନରେ ସେ ଅନେକ ପରୀକ୍ଷଣ କରିଥିଲେ। ପରୀକ୍ଷଣ ସମୟରେ ସେ ଜଣେ ଚାଷୀଙ୍କ ଭୂମିକା ମଧ ଗ୍ରହଣ କରିଥିଲେ। ସେ ତାଙ୍କ ସହିତ ନେଇଥିବା ମେଥି ଏବଂ ମୁଗ ବିହନକୁ ଗଜା କରିଥିଲେ। ମାଇକ୍ରୋଗ୍ରାଭିଟି ଅଙ୍କୁରିତ ହେବା ଏବଂ ଉଦ୍ଭିଦର ପ୍ରାରମ୍ଭିକ ବୃଦ୍ଧି ଏବଂ ସେମାନଙ୍କ ଉପରେ ଗୁରୁତ୍ୱାକର୍ଷଣର ପ୍ରଭାବ ଅଧ୍ୟୟନ କରିବା ପାଇଁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଆଇଏସ) ରେ ସ୍ପ୍ରାଉଟ୍ସ ପ୍ରକଳ୍ପ କରାଯାଉଛି। ଆପଣଙ୍କୁ କହିରଖୁଛୁ ଯେ ସ୍ପ୍ରାଉଟ୍ସ ପ୍ରୋଜେକ୍ଟ ଅନ ଧରୱାଡ କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳୟର ରବିକୁମାର ହୋସାମଣି ଏବଂ ଧାରୱାଡ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ସୁଧୀର ସିଦ୍ଧପୁରେଡ୍ଡିଙ୍କ ନେତୃତ୍ୱରେ ଚାଲିଛି। ଏହି ଗବେଷଣା ସମ୍ପର୍କରେ ଆକ୍ସିଅମ ସ୍ପେସ ଦ୍ୱାରା ଜାରି ଏକ ବିବୃତ୍ତିରେ



କ୍ୟାପଟେନ ଶୁକ୍ଲା ତାଙ୍କ ଦ୍ୱାରା କରାଯାଉଥିବା ବୈଜ୍ଞାନିକ ପରୀକ୍ଷଣ ବିଷୟରେ ସୂଚନା ଦେଇଥିଲେ ଏବଂ କହିଥିଲେ ଯେ ସେ ବହୁତ ବ୍ୟସ୍ତ। ଶୁଭାଂଶୁ ଶୁକ୍ଲା କହିଛନ୍ତି ଯେ

କୁହାଯାଇଛି ଯେ ପୃଥିବୀକୁ ଫେରିବା ପରେ, ଏହି ବିହନଗୁଡ଼ିକୁ ଅନେକ ପିଢ଼ି ପର୍ଯ୍ୟନ୍ତ ଚାଷ କରାଯିବ। ଯାହା ଦ୍ୱାରା ସେମାନଙ୍କର ଜେନେଟିକ୍ସ, ମାଇକ୍ରୋବାୟଲ ଇକୋସିଷ୍ଟମ ଏବଂ ପୁଷ୍ଟିକର ପ୍ରୋଫାଇଲରେ ପରିବର୍ତ୍ତନର ତଦନ୍ତ କରାଯାଇପାରିବ। ଶୁଭାଂଶୁ ତାଙ୍କ ପରୀକ୍ଷଣ ବିଷୟରେ ଆକ୍ସିଅମ ସ୍ପେସରେ ମୁଖ୍ୟ ବୈଜ୍ଞାନିକ ଡକ୍ଟର ଲୁସି ଲୋଙ୍କ ସହ କଥା ହୋଇଥିଲେ। ଏହି ଆଲୋଚନାରେ, ଭାରତୀୟ ମହାକାଶଚାରୀ ଗ୍ରୁପ 'ଯେବେଠାରୁ ଆମେ ଏଠାକୁ ଆସିଛୁ, ଆମେ ବହୁତ ବ୍ୟସ୍ତ ଥିଲୁ। ଆମେ ମହାକାଶ ଷ୍ଟେସନରେ ଅନେକ ପରୀକ୍ଷଣ କରୁଛୁ, ଯାହାକୁ ନେଇ ମୁଁ ବହୁତ ଉତ୍ସାହିତ। ଏହି ମିଶନ ମାଇକ୍ରୋଗ୍ରାଭିଟି ପାଇଁ ପଥ ଖୋଲିବ ଏବଂ ଏହା ଭାରତୀୟ ବୈଜ୍ଞାନିକମାନଙ୍କ ପାଇଁ ନୂତନ ରାସ୍ତା ଖୋଲିବ। ମୁଁ ବହୁତ ଗର୍ବିତ ଯେ ଇସ୍ରୋ ବିଶ୍ୱବ୍ୟାପୀ ସଂସ୍ଥାଗୁଡ଼ିକ ସହିତ ମିଶି କାମ କରୁଛି।'

# ନିୟାମକ, କ୍ଷମତା ନିର୍ମାଣର ଭୂମିକା ବିଶ୍ଳେଷଣ କଲେ ପି.କେ. ମିଶ୍ର




ନୂଆଦିଲ୍ଲୀ,୯।୭(ପିଆଇବି): ଆର୍ଥିକ ବ୍ୟବସ୍ଥା, ସଂସ୍ଥାଗତ ବିକାଶ ଏବଂ କ୍ଷମତା ନିର୍ମାଣରେ ନିବେଶ ଏକ ବ୍ୟାପକ ଫଳାଫଳ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର କହିଛନ୍ତି । ସେ ଦୃଢ଼ତାର ସହିତ କହିଛନ୍ତି ଯେ ଭାରତର ବିକଶିତ ବିପର୍ଯ୍ୟୟ ବିପଦ ପ୍ରଶମନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିପର୍ଯ୍ୟୟ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ। ବାଙ୍ଗାଲୋର ଆଇଆଇଏମର ସେଣ୍ଟର ଫର୍ ପବ୍ଲିକ୍ ପଲିସିର ପ୍ରତିଷ୍ଠା ଦିବସ ରୌପ୍ୟ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ଡକ୍ଟର ପିକେ ମିଶ୍ର ଏହା କହିଛନ୍ତି । ଏକ ବ୍ୟାପକ ଆଭିମୁଖ୍ୟ ସହିତ ଗୁଜରାଟ ଭୂମିକମ୍ପ ପୁନରୁଦ୍ଧାର କାର୍ଯ୍ୟକ୍ରମ ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଥିଲା ତାହା ସେ ବୁଝାଇ କହିଥିଲେ । ଡକ୍ଟର ପି.କେ ମିଶ୍ର ଗୁରୁତ୍ୱାରୋପ କରିଥିଲେ ଯେ ଉନ୍ନତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସଂସ୍ଥାଗତ ଦୃଢ଼ତା, ଉତ୍ତମ ଯୋଜନା ଏବଂ ଅଧିକ ପ୍ରତିକ୍ରିୟାଶୀଳ ଆର୍ଥିକ ସହାୟତାର ମିଳିତ ପ୍ରଭାବ ଯୋଗୁଁ ଅପ୍ରତ୍ୟାଶିତ ଏବଂ ଧୀର ବିପଦ ଉଭୟ କ୍ଷେତ୍ରରେ ମୃତ୍ୟୁହାର ସ୍ଥିର ଭାବରେ ହ୍ରାସ ପାଇଛି । ଭାରତ ଏକ ସ୍ୱାକ୍ଷରକାରୀ ଥିବା ସେଣ୍ଡାଇ ଫ୍ରେମୱାର୍କ ଫର ଡିଜାଷ୍ଟର ରିସ୍କ ଅଧୀନରେ ମୂଳ ପ୍ରତିବଦ୍ଧତା ସହିତ ଏହା ସମାନ ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କୁ ଡ୍ରୋନ ଆକ୍ରମଣର ଧମକ ହେଲା ଇରାନ

ତେହେରାନ/ୱାଶିଂଟନ,୯।୭: ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ଘନିଷ୍ଠ ପରାମର୍ଶଦାତା ଜାଭାଦ ଲାରିଜାନୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜୀବନ ନେଇ ଖୋଲାଖୋଲି ଧମକ ଦେଇଛନ୍ତି। ଲାରିଜାନୀ କହିଛନ୍ତି, ଟ୍ରମ୍ପ ଯେତେବେଳେ ତାଙ୍କ ଫ୍ଲୋରିଡାସ୍ଥିତ ବିଳାସପୂର୍ଣ୍ଣ ବାସଭବନ ମାର-ଏ-ଲାଗୋରେ ସୂର୍ଯ୍ୟକିରଣରେ ଶୋଇଥାଆନ୍ତି, ସେତେବେଳେ ଏକ ଛୋଟ ଡ୍ରୋନ ତାଙ୍କ ଉପରେ ଆକ୍ରମଣ କରିପାରେ। ଇରାନ ଇଣ୍ଟରନ୍ୟାସନାଲ ସୂତ୍ର ଅନୁସାରେ, ଲାରିଜାନୀ ଏକ ଟେଲିଭିଜନ ସାକ୍ଷାତକାରରେ କହିଛନ୍ତି, "ଟ୍ରମ୍ପଙ୍କ କାର୍ଯ୍ୟ ତାଙ୍କୁ ଏକ ଲକ୍ଷ୍ୟସ୍ଥଳରେ ପରିଣତ କରିଛି। ତାଙ୍କୁ ଗୁଳି କରିବା ବା ଡ୍ରୋନ ଆକ୍ରମଣ କରିବା ବହୁତ ସହଜ।" ଏହି ଧମକ ଏକ ସମୟରେ ଆସିଛି ଯେତେବେଳେ 'ବ୍ଲଡ ପ୍ୟାକ୍ଟ' ବା 'ଆହଦେ ଖୁନ' ନାମକ ଏକ



ଅନଲାଇନ ପ୍ଲାଟଫର୍ମ ଖାମେନେଇଙ୍କ ଅପମାନ ଓ ତାଙ୍କ ଜୀବନକୁ ବିପଦରେ ପକାଉଥିବା ଲୋକଙ୍କ ବିରୁଦ୍ଧରେ 'ପ୍ରତିଶୋଧ' ପାଇଁ ଅର୍ଥ ସଂଗ୍ରହ କରୁଛି। ଏହି ପ୍ଲାଟଫର୍ମ ଦାବି କରିଛି ଯେ ଏହା ଏପର୍ଯ୍ୟନ୍ତ ୨୭ ମିଲିୟନ ଡଲାରରୁ ଅଧିକ ଅର୍ଥ ସଂଗ୍ରହ କରିସାରିଛି ଏବଂ ଏହାର ଲକ୍ଷ୍ୟ ୧୦୦ ମିଲିୟନ ଡଲାର ଜମା କରିବା। ପ୍ଲାଟଫର୍ମରେ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି, "ଆମେ ସେମାନଙ୍କୁ ଇନାମ ଦେବୁ ଯେଉଁମାନେ ଆଲ୍ଲାଙ୍କ ଶତ୍ରୁ ଓ ଖାମେନେଇଙ୍କ ଜୀବନକୁ ବିପଦରେ ପକାଉଥିବା ଲୋକଙ୍କୁ ନ୍ୟାୟ ଆଣିବେ।" ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ସହ ଜଡ଼ିତ ଫାର୍ସ ନ୍ୟୁଜ ଏଜେନ୍ସି ଏହି ଅଭିଯାନର ଆରମ୍ଭକୁ ସମର୍ଥନ କରିଛି ଏବଂ ଧାର୍ମିକ ସମୂହମାନଙ୍କୁ ପଶ୍ଚିମୀ ଦେଶମାନଙ୍କ ଦୂତାବାସ ଓ ସହରର ମୁଖ୍ୟ ସ୍ଥାନମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଛି। ଏହା ସହିତ, ଟ୍ରମ୍ପ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ 'ମୋହାରେବେହ' (ଆଲ୍ଲାଙ୍କ ବିରୁଦ୍ଧରେ ଯୁଦ୍ଧ) ଭଳି ଇସଲାମିକ ଆଇନ ଲାଗୁ କରିବା ଉଚିତ ବୋଲି କୁହାଯାଇଛି। ଇରାନୀ ଆଇନରେ 'ମୋହାରେବେହ' ଏକ ଗୁରୁତର ଅପରାଧ ଯାହାର ଶାସ୍ତି ମୃତ୍ୟୁଦଣ୍ଡ।

# ଭାରତରେ ସାଟେଲାଇଟ ଇଣ୍ଟରନେଟ ପାଇଁ ଏଲନ ମସ୍କଙ୍କ ଷ୍ଟାରଲିଙ୍କକୁ ଅନୁମୋଦନ

ନୂଆଦିଲ୍ଲୀ,୯।୭: ଭାରତର ଡିଜିଟାଲ ସଂଯୋଗୀକରଣ ଲକ୍ଷ୍ୟକୁ ଏକ ବଡ଼ ପ୍ରୋତ୍ସାହନ ମିଳିଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଓ ଅନୁମୋଦନ କେନ୍ଦ୍ର (ଆଇଏନ-ସ୍ପେସ) ନୂଆଦିଲ୍ଲୀସ୍ଥିତ ଏମ/ଏସ ଷ୍ଟାରଲିଙ୍କ ସାଟେଲାଇଟ କମ୍ୟୁନିକେସନ୍ସ ପ୍ରାଇଭେଟ ଲିମିଟେଡ (ଏସଏସସିପିଏଲ)କୁ ଷ୍ଟାରଲିଙ୍କ ଜେନ୧ ଲୋ ଆର୍ଥ ଅର୍ବିଟ (ଏଲଇଓ) ସାଟେଲାଇଟ କନଷ୍ଟେଲେସନ ମାଧ୍ୟମରେ ସାଟେଲାଇଟ ଯୋଗାଯୋଗ ସେବା ପ୍ରଦାନ କରିବାକୁ ଔପଚାରିକ ଅନୁମୋଦନ ଦେଇଛି। ଏହି ଅନୁମୋଦନ ଜାରି ତାରିଖଠାରୁ ୫ ବର୍ଷ ବା ଜେନ୧ କନଷ୍ଟେଲେସନର କାର୍ଯ୍ୟକାରୀ ଆୟୁଷ ଶେଷ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ଭାରତର ଦୁର୍ଗମ ଅଞ୍ଚଳଗୁଡ଼ିକରେ ଉଚ୍ଚଗତିର ସାଟେଲାଇଟ ଇଣ୍ଟରନେଟ ପହଞ୍ଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତେବେ, ଷ୍ଟାରଲିଙ୍କର ସେବା ପ୍ରକାଶ ସରକାରୀ ବିଭାଗମାନଙ୍କଠାରୁ ସମସ୍ତ ଆବଶ୍ୟକୀୟ ନିୟମାବଳୀ, ଅନୁମୋଦନ ଓ ଲାଇସେନ୍ସ ଅନୁଯାୟୀ ହେବ। ଷ୍ଟାରଲିଙ୍କ ଜେନ୧ ହେଉଛି ୪,୪୦୮ଟି ସାଟେଲାଇଟରୁ ଗଠିତ ଏକ ବିଶ୍ୱବ୍ୟାପୀ କନଷ୍ଟେଲେସନ, ଯେଉଁମାନେ ପୃଥିବୀରୁ ୫୪୦ ରୁ ୫୭୦ କିଲୋମିଟର ଉଚ୍ଚତାରେ ପରିକ୍ରମଣ କରୁଛନ୍ତି। ଏହି କନଷ୍ଟେଲେସନ ଭାରତ ଉପରେ ପ୍ରାୟ ୬୦୦ ଜିବିପିଏସ ଡାଟା ଥ୍ରୁପୁଟ ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି, ଯାହା ଗ୍ରାମାଞ୍ଚଳ ଓ ଅବହେଳିତ ଅଞ୍ଚଳ ସହ ସହରାଞ୍ଚଳରେ ନିର୍ଭରଯୋଗ୍ୟ ଓ ଉଚ୍ଚଗତିର ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବ।

# ଧରି ସିଧା ଗୁଳି କର:ହସିନାଙ୍କ ଅଡିଓ ଟେପ୍ ଭାଇରାଲ୍

ଢାକା,୯।୭: ଗତବର୍ଷ ବାଂଲାଦେଶରେ ସରକାର ବିରୋଧୀ ପ୍ରତିବାଦରେ ପ୍ରାୟ ୧୫୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷା ବାହିନୀଙ୍କର କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ଲୋକ ଥିଲେ। ଏହା ପରେ ପ୍ରତିବାଦ ଏତେ ଭୟଙ୍କର ରୂପ ନେଇଥିଲା ଯେ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଦେଶ ଛାଡିବାକୁ ପଡିଥିଲା। ଏବେ ବିବିସି ଦ୍ୱାରା ଏକ ଅଡିଓ ଜାରି କରାଯାଇଛି,ଯେଉଁଥିରେ ଶେଖ ହସିନା ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ଘାତକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଉଥିବାର ଶୁଣାଯାଉଛି। ମାର୍ଚ୍ଚ ମାସରେ ଅନଲାଇନରେ ଲିକ୍ ହୋଇଥିବା ଏହି ଅଡିଓରେ ହସିନା କହିଛନ୍ତି ଯେ, ସେ ତାଙ୍କ ସୁରକ୍ଷା ବାହିନୀଙ୍କୁ ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ ଘାତକ ଅସ୍ତ୍ର ବ୍ୟବହାର କରିବାକୁ ଅନୁମତି ଦେଇଥିଲେ ଏବଂ ପ୍ରଦର୍ଶନକାରୀଙ୍କୁ ଯେଉଁଠି ଦେଖୁଛ ସେଠାରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଂଲାଦେଶର ପବ୍ଲିକ ପ୍ରସିକ୍ୟୁଟରମାନେ ଶେଖ୍ ହସିନାଙ୍କ ବିରୁଦ୍ଧରେ ଏହି ଅଡିଓକୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବରେ ବ୍ୟବହାର କରିବାକୁ ଯୋଜନା କରୁଛନ୍ତି। ମାନବତା ବିରୋଧୀ ଅପରାଧ ପାଇଁ ଶେଖ୍ ହସିନା ପୂର୍ବରୁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛନ୍ତି।



# ସମାଜର ଆକାଂକ୍ଷା ଏବଂ ଉର୍ଜା ଆବଶ୍ୟକତା ପୂରଣ କରିବା ଦିଗରେ ଭାରତ ଅଗ୍ରସର: ଧର୍ମେନ୍ଦ୍ର



ନୂଆଦିଲ୍ଲୀ,୯।୭(ପିଆଇବି): ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର । ଏହି ପରିପ୍ରେକ୍ଷୀରେ ଆମ ସମାଜର ଆକାଂକ୍ଷା ଏବଂ ଉର୍ଜା ଆବଶ୍ୟକତା ପୂରଣ କରିବା ସହିତ ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ପ୍ରତିବଦ୍ଧତା ହାସଲ କରିବା ଦିଗରେ ଅଗ୍ରସର ବୋଲି ବୁଧବାର ଆଇଆଇଟି ଦିଲ୍ଲୀରେ ଆୟୋଜିତ 'ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ଶିକ୍ଷା: ସୁଯୋଗ ଏବଂ ଚ୍ୟାଲେଞ୍ଜ' ଶୀର୍ଷକ ଜାତୀୟ କର୍ମଶାଳାରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ସମ୍ମିଳନୀରେ ସେ କହିଛନ୍ତି ଯେ ଆମକୁ ଏକ ସ୍ମାର୍ଟ ରଣନୀତି ପ୍ରସ୍ତୁତ କରିବାକୁ ପଡିବ, ଯାହା ଜ୍ଞାନର ସମନ୍ୱୟରେ ସାମାଜ ପାଇଁ ଲାଭଦାୟକ ହେବ । ଆଇଆଇଟି ଦିଲ୍ଲୀ ଉର୍ଜା ଶିକ୍ଷା ପାଇଁ ଭବିଷ୍ୟତର ପଥ ସୃଷ୍ଟି କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି, ଯାହା ପ୍ରଶଂସନୀୟ । ଏହି ପଦକ୍ଷେପ ସାମଗ୍ରିକ ଶିକ୍ଷା ପାଠ୍ୟକ୍ରମ ସହିତ ଶକ୍ତି ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଏକ ଦୀର୍ଘ ଯାତ୍ରାର ମୂଳଦୁଆ ଅଟେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ ଏକ ଉତ୍ତମ ଉର୍ଜା ଶିକ୍ଷା ପାଠ୍ୟକ୍ରମ ସୃଷ୍ଟି କରିବାରେ ଯୋଗଦାନ ରଖିବାକୁ ଆଇଆଇଟି ଦିଲ୍ଲୀକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହାବ୍ୟତୀତ ଆଉ ଏକ ପୃଥକ କାର୍ଯ୍ୟକ୍ରମ ଅନୁଯାୟୀ, ଗୁଜରାଟର କେଭାଡିଆରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜୁଲାଇ ୧୦ ରୁ ୧୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଦୁଇଦିନିଆ କୁଳପତି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ; ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୯ ଜୁଲାଇ ୨୦୨୫ରେ ଜାତୀୟ ଶିକ୍ଷା ନୀତି ୨୦୨୦ କ୍ରିୟାନ୍ୱୟନର ପାଞ୍ଚ ବର୍ଷ ପୂର୍ତ୍ତି ହେବ । ଏହାର ଅଂଶବିଶେଷ ଭାବରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୀର୍ଷ ନେତୃତ୍ୱମାନଙ୍କୁ ନେଇ ସାଂଗଠନିକ ପ୍ରଗତି ସମୀକ୍ଷା କରିବା ସହ ସାମୂହିକ ଭାବରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ବିଚାରବିମର୍ଶ ହେବ ।

## କାର କାଚଭାଙ୍ଗି ଲୁଟ୍, ୪ ଗିରଫ

ଭୁବନେଶ୍ୱର(ନିପ୍ର): କାର କାଚ ଭାଙ୍ଗି ଲୁଟ ଘଟଣାରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ତାମିଲନାଡୁର ଏସ୍. କଥିରାବାନ୍, କେ. ଦିନେଶ କୁମାର, ଏସ୍ କୁମାର ଓ କେ. ଦିଲ୍ଲୀ ରଂଜନ । ତାମିଲନାଡୁରୁ ଏହି ଆସି ଓଡ଼ିଶାରେ ଲୁଟପାଟ କରୁଥିବା ସେମାନେ ସ୍ୱିକାର କରିଛନ୍ତି । ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ଅଭିଯୋଗକାରୀ କିଶୋର କୁମାର ଝା ଅପରାହ୍ଣ ସାଢେ ୧୨ଟା ବେଳେ ତାଙ୍କ କଂପାନୀରୁ କାର ଯୋଗେ ଲୁଇସ୍ ରୋଡ଼ରେ ଥିବା ସାଇ ପ୍ଲାଇଉଡ଼କୁ ଯାଇଥିଲେ । ସେଠାରେ ଗାଡ଼ି ପାର୍କିଂ କରିଥିବା ବେଳେ ଅଜଣା ଚୋରମାନେ ତାଙ୍କ ଗାଡ଼ିରୁ ରୁ. ୪୪,୦୦୦/- ନଗଦ ଟଙ୍କା, ଏଟିଏମ, ଚେକ୍ ବୁକ୍, ପାନ କାର୍ଡ, ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ କଂପାନୀ ସଂପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଂଟ୍ ଓ ବିଲ୍ ଚୋରି କରି ନେଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା । ପରେ ଲୁଟେରାଙ୍କୁ ପିଛା କରି ରବି ଟକିଜ ଛକ ନିକଟରୁ କାବୁ କରିଥିଲେ । ଜେରା ବେଳେ ସେମାନେ ନିଜ ଦୋଷ ସ୍ୱୀକାର କରିଥିଲେ । ଏମାନଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି ।

---

## ଏସି ଚୋରି କରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ବିଦ୍ୟୁତ ବିଭାଗ ଅଫିସରୁ ଏସି ଚୋରି କରିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକସାଗର ପ୍ରଧାନ । ପୋଲିସ ତାକୁ କୋର୍ଟ ଚାଲାଣ କରିଛି । ଏନେଇ ଅରୁଣ ବେହେରା ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ତା ୨୩.୦୪.୨୦୨୫ ରିଖ ରାତି ୧୧ଟା ପରେ, କିଛି ଅଜଣା ଦୁର୍ବୃତ୍ତ ୟୁନିଟ୍-୫ ର ପାୱାର ହାଉସ୍ ସ୍କୋୟାରରେ ଥିବା ବିଦ୍ୟୁତ କାର୍ଯ୍ୟାଳୟ ପରିସରରୁ ଦୁଇଟି ଆଉଟଡୋର ଏୟାର କଣ୍ଡିସନର ୟୁନିଟ୍ ଚୋରି କରିଥିଲେ । ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରୀ ଚିଠି ମାଧ୍ୟମରେ ଗତ ତା ୨୪.୦୪.୨୦୨୫ ରେ କ୍ୟାପିଟାଲ ପୋଲିସକୁ ଏହି ଘଟଣା ବିଷୟରେ ରିପୋର୍ଟ କରାଯାଇଥିଲା । ତଦନ୍ତ ସମୟରେ ସିସିଟିଭିଫୁଟେଜ୍ ଏବଂ ସ୍ଥାନୀୟ ତଦନ୍ତରୁ ଉକ୍ତ ଚୋରୀ ରେ ଅଭିଯୁକ୍ତ ସାଗର ପ୍ରଧାନଙ୍କ ସଂପୃକ୍ତି ଜଣାପଡ଼ିଥିଲା । ତାଙ୍କ ଘରେ ଚଢାଉ କରାଯାଇଥିଲା କିନ୍ତୁ ସେ ଫେରାର ହୋଇଯାଇଥିଲେ । ଆଜି ତା ୦୯.୦୭.୨୦୨୫ ରେ, ବିଶ୍ୱସ୍ତ ସୂଚନା ଆଧାରରେ କେଶରୀନାଗର ବସ୍ତି ରେ ଥିବା ତାଙ୍କ ଘର ନିକଟରୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ, ସେ ଚୋରି କରିଥିବା ସ୍ୱୀକାର କରିଥିଲେ ଏବଂ ଚୋରି ହୋଇଥିବା ଏସି ୟୁନିଟ୍ ଗୁଡ଼ିକୁ ତାଙ୍କ ଖଟ ତଳେ ଲୁଚାଇ ରଖିଥିବା ଦର୍ଶାଇଥିଲେ । ତଲାସୀ ସମୟରେ, ପ୍ରାୟ ୬୦,୦୦୦/- ଟଙ୍କା ମୂଲ୍ୟର ତିନୋଟି ଚୋରି ହୋଇଥିବା ଏସି ଆଉଟଡୋର ୟୁନିଟ୍ - ଦୁଇଟି ଏଲଜି ଡୁଆଲ୍‌ଇନଭର୍ଟର ଏବଂ ଗୋଟିଏ ସାମସଙ୍ଗ ଡିଜିଟାଲ୍ ଇନଭର୍ଟର - ଉଦ୍ଧାର କରାଯାଇଥିଲା । ଏହା ଉଲ୍ଲେଖନୀୟ ଯେ, ଗତ ତା ୧୩.୦୪.୨୦୨୫ ରେ ସେହି କାର୍ଯ୍ୟାଳୟରୁ ଆଉ ଏକ ଏସି ଆଉଟଡୋର ୟୁନିଟ୍ ମଧ୍ୟ ଚୋରି ହୋଇଥିଲା । ଅଭିଯୋଗକାରୀ ପରେ ସମସ୍ତ ତିନୋଟି ଉଦ୍ଧାର ହୋଇଥିବା ୟୁନିଟ୍ ଚୋରି ହୋଇଥିବା ୟୁନିଟ୍ ଭାବରେ ଚିହ୍ନଟ କରିଥିଲେ । ଅଭିଯୁକ୍ତର ପୂର୍ବ ଅପରାଧିକ ଯାଂଚ ବେଳେ, ସେ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ନୟାପଲ୍ଲୀ ଏବଂ କ୍ୟାପିଟାଲ ଥାନା ରେ ୩ଟି ଅପରାଧିକ ମାମଲାରେ ସଂପୃକ୍ତ ଥିବା ଜଣାପଡ଼ିଥିଲା ।

---

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଧର୍ମଘଟ ଓ ବନ୍ଦ ପାଳନ

କଟକ(ନିପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରାରେ ଆଜି ବିଭିନ୍ନ ଅଫିସ ଓ ଦପ୍ତର ସମ୍ମୁଖରେ ଶ୍ରମିକ ସଂଗଠନମାନେ ପିକେଟିଂ ସହ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଛନ୍ତି । ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା, ୨୦୨୦ ଜାତୀୟ ଶିକ୍ଷାନୀତି ବାତିଲ କରିବା, ବିଦ୍ୟୁତ ଆଇନ ୨୦୨୨ ବାତିଲ




କରିବା ପ୍ରମୁଖ ୧୭ଦଫା ଦାବିରେ ଆଇଏଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ ଏଆଇୟୁଟିୟୁସି ପ୍ରମୁଖ ୧୧ଟି ଶ୍ରମିକ ସଂଗଠନ ପକ୍ଷରୁ କଟକ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା, ଜିଲ୍ଲାପାଳ ଅଫିସ ଓ ଅନ୍ୟାନ୍ୟ ଅଫିସମାନଙ୍କ ସମ୍ମୁଖରେ ପିକେଟିଂ କରିଥିଲେ । ଏହି ଧର୍ମଘଟକୁ ସମର୍ଥନ କରି ସିଟି କୋଅର୍ଡ଼ିନେସନ, ସିଟି ଫେଡ଼େରେସନ, ଏଆଇଡିଏସଓ ଇତ୍ୟାଦି ସଂଗଠନ ଧର୍ମଘଟରେ ସାମିଲ ହୋଇଥିଲେ । ଏହି ଧର୍ମଘଟରେ ଶ୍ରମିକ ନେତା କିଶୋର ଜେନା, ରବି ନାରାୟଣ ମଲିକ, ଖଗେଶ୍ୱର ସେଠୀ, ଲକ୍ଷ୍ମୀପ୍ରିୟା ମହାନ୍ତି, ସନ୍ତୋଷ ଭୋଳ, ମନୋରଂଜନ ମହାରଣା, ଯୁଧିଷ୍ଠୀର ମହାରଣା, ପ୍ରଶାନ୍ତ ମିଶ୍ର, ଅମରେନ୍ଦୁ ମହାନ୍ତି, ବବି ବଳବନ୍ତ ରାୟ, ଶିବାଶିଷ ପଟ୍ଟନାୟକ, ବସନ୍ତ ନାୟକ, ପ୍ରିୟଦର୍ଶନ ପାଭେଲ, ପ୍ରସନ୍ନ ମହାପାତ୍ର, ଇଷାଧର, ଉଜ୍ଜୟିନୀ ଦିକ୍ଷିତ, ତରୁଣସେନ ନାୟକ, ଦୀପକ ଦାସ, ବୁଲି ସାହୁ, ଭାଗ୍ୟଧର ନାୟକ, ଶୋଭା ଦେଉରୀ, ସିପ୍ରା ମହାନ୍ତି, ଝରଣା ଦାସ ଓ ଉମେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

### ଏସିଏଫ ସୌମ୍ୟରଂଜନ ମହାପାତ୍ର ମୃତ୍ୟୁ ମାମଲା
# ବଢ଼ିଲା ବିଦ୍ୟାଭାରତୀଙ୍କ ଅଡୁଆ

କଟକ(ନିପ୍ର): ଏସିଏଫ ସୌମ୍ୟରଂଜନ ମହାପାତ୍ର ମୃତ୍ୟୁ ମାମଲାରେ ବଢ଼ିଲା ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଅଡୁଆ । ପତ୍ନୀ ବିଦ୍ୟାଭାରତୀ ଓ ତତକାଳୀନ ଡିଏଫଓ ସଂଗ୍ରାମ ବେହେରାଙ୍କୁ କୋର୍ଟରୁ ଝଟକା ଲାଗିଛି । ଉଭୟଙ୍କ ପିଟିସନ ଖାରଜ ହୋଇଯାଇଛି । ହତ୍ୟା ମାମଲା ଚାଲିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରୋଷେଇଆ ମନ୍ମଥ କୁମ୍ଭଙ୍କ ବିରୋଧରେ ବି ମାମଲା ଚାଲିବ । ବର୍ତ୍ତମାନ ପାରଳାଖେମୁଣ୍ଡି ଏସଡ଼ିଜେଏମ କୋର୍ଟରେ ମାମଲା ରହିଛି । ଏସଡ଼ିଜେଏମ କୋର୍ଟଙ୍କ ନିର୍ଦ୍ଦେଶକୁ ବିଦ୍ୟାଭାରତୀ ହାଇକୋର୍ଟରେ ଚାଲେଂଜ କରିଥିଲେ । ସୂଚନାଯୋଗ୍ୟ ୨୦୨୧ ଜୁଲାଇ ୧୨ ତାରିଖରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସରକାରୀ ବାସ ଭବନରେ ବନ ସଂରକ୍ଷକ ସୌମ୍ୟ ରଂଜନ ମହାପାତ୍ର ତାଙ୍କ ସ୍ତ୍ରୀଙ୍କ ସହ ଥିବାବେଳେ ନିଆଁରେ ପୋଡ଼ିହୋଇ ଗୁରୁତର ହୋଇଥିଲେ । ସୌମ୍ୟ ରଂଜନଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେତେବେଳେ ତାଙ୍କ ଶରୀରର ୯୦ପ୍ରତିଶତ ଅଂଶ ପୋଡ଼ି ଯାଇଥିଲା । ଅବସ୍ଥା ସଂକଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ସୌମ୍ୟରଂଜନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଜୁଲାଇ ୧୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହାକୁ ଆକସ୍ମିକ ଘଟଣା ବୋଲି ତାଙ୍କ ପତ୍ନୀ ବିଦ୍ୟାଭାରତୀ କହୁଥିବାବେଳେ ସୌମ୍ୟଙ୍କ ବାପା ଅଭିରାମ ତାଙ୍କ ପୁଅକୁ ମାରିବା ପାଇଁ ଯୋଜନାବଦ୍ଧ ଷଡଯନ୍ତ୍ର କରାଯାଇଥିବା ଏବଂ ଏଥିପାଇଁ ବିଦ୍ୟାଭାରତୀ ପଣ୍ଡା, ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କ ମଧ୍ୟରେ ଥିବା ଅନୈତିକ ସଂପର୍କ ଦାୟୀ ବୋଲି ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପାରଳାଖେମୁଣ୍ଡି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ମାସାଧିକ କାଳ ତଦନ୍ତ ପରେ କୌଣସି ସୁଫଳ ନ ମିଳିବାରୁ ସରକାର ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିଲେ । କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟି ଦାଖଲ କରିଥିଲା ।

### ପିତଳ ସରପଞ୍ଚ ଓ ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣା
## ପୁଣି ଜଣେ ନାବାଳକ ଗିରଫ: ଗିରଫ ସଂଖ୍ୟା ୫କୁ ବୃଦ୍ଧି

ହିଞ୍ଜିଳିକାଟୁ(ନିପ୍ର): ଗତ ୧୮ ତାରିଖ ସନ୍ଧ୍ୟାରେ ହିଞ୍ଜିଳି ଥାନା ପିତଳ ଗ୍ରାମ ପଞ୍ଚାୟତର ସଭାପତି ରାମରାଘବ ପାତ୍ର ଅରିଙ୍କୁ (୩୫) ଓ ପିତଳ ମଣ୍ଡଳ ସଭାପତି ବିଜୟ ପ୍ରଧାନ (୪୭)ଙ୍କୁ କିଛି ଯୁବକ ଠେଙ୍ଗା ଓ ଲୁହାରଡରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଦୁହେଁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ଦୁହିଁଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଘଟଣା ନେଇ ସରପଞ୍ଚ ରିଙ୍କୁଙ୍କ ବାପା ପ୍ରମୋଦ କୁମାର ପାତ୍ର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନମ୍ବର- ୪୯୨/୨୫ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ୨୦ ତାରିଖ ରାତିରେ ଘଟଣାରେ ସଂପୃକ୍ତଥିବା ୪ ଜଣଙ୍କୁ ପୁଲିସ ଗିରଫ କରିବା ସହ ସେମାନଙ୍କ ଠାରୁ ମୋବାଇଲ ଫୋନ୍, ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଠେଙ୍ଗା ଜବତ କରି ଗିରଫମାନଙ୍କୁ କୋର୍ଟ ଚାଲାଣ କରିଥିଲା । ବୁଧବାର ଆକ୍ରମଣ ଘଟଣାରେ ସଂପୃକ୍ତଥିବା ଅନ୍ୟ ଜଣେ ଆକ୍ରମଣକାରୀ ନାବାଳକଙ୍କୁ ପୁଲିସ ପିତଳ ଗ୍ରାମରୁ ଗିରଫ କରିଛି । ଗିରଫ ନାବାଳକ ଜଣଙ୍କ ହେଲେ ହିଞ୍ଜିଳି ଥାନା ପିତଳ ଗ୍ରାମର ରାମରାଘବ ଜେନା (୧୭) । ଗିରଫ ନାବାଳକଙ୍କୁ ବୁଧବାର ଛତ୍ରପୁର ଜୁଭେନାଲ କୋର୍ଟକୁ ଚାଲାଣ କରାଯାଇଛି । ଆଗାମୀ ଦିନରେ ଆକ୍ରମଣ ଘଟଣାରେ ସଂପୃକ୍ତଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

## ପେଟ୍ରୋଲ-ଡିଜେଲ ଦରକୁ ନେଇ ସେବା ପ୍ରତିନିଧିର ପ୍ରତିବାଦ

ଭୁବନେଶ୍ୱର(ନିପ୍ର): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ପେଟ୍ରୋଲ ଓ ଡିଜେଲ ଦର ଆନ୍ତର୍ଜାତିକ ବଜାରରେ ଥରକୁ ଥର କମୁଥିଲା ବେଳେ ଜନସାଧାରଣ ତାହାର ଉପକାର ପାଉନାହାନ୍ତି । ପେଟ୍ରୋଲ୍ ଓ ଡିଜେଲ୍ କମ୍ପାନୀ ଲିଟର ପିଛା ୧୫ ଟଙ୍କା ଫାଇଦା ପାଉଛନ୍ତି । ଦର କମ୍ ବେଶୀକୁ ନେଇ ସମସ୍ତ ଜିନିଷର ଦରଦାମ ନିୟନ୍ତ୍ରିତ ହୁଏ । ୨୦୧୭ ମସିହାରୁ ତିନି ମାସରେ ଥରେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଡାଇନାମିକ୍ ପ୍ଲାନିଂ ବ୍ୟବସ୍ଥା ଥିଲା । ଏବେ ଆଉ ତାହା କାର୍ଯ୍ୟକାରୀ କରାଯାଉନାହିଁ । ପେଟ୍ରୋଲ୍ ଲିଟର ପିଛା ୫୦ ଟଙ୍କା ଥିଲେ ମଧ ସରକାର ତାକୁ ୧୦୧ ଟଙ୍କାରେ ବିତରଣ କରୁଛନ୍ତି । ଯାହା ଦ୍ୱାରା ଦରଦାମ ବୃଦ୍ଧି ଘଟିବାରେ ଲାଗିଛି । ଏ ଦିଗରେ ଡବଲ ଇଞ୍ଜିନ ସରକାର ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି ।

# ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଜମିଜମା ବିବାଦକୁ ନେଇ ଜଣକୁ ମରଣାନ୍ତକ ଆକ୍ରମଣ ହୋଇଛି । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବେଗୁନିଆ ଖୋର୍ଦ୍ଧାର ରାଜକିଶୋର ବଳିଆରସିଂ ଓରଫ ରାଜୁ । ପୁଲିସ ଆଜି ତାକୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ତା ୦୯.୦୩.୨୦୨୫ ଦିନ ପ୍ରାୟ ୩ଟା ସମୟରେ, ଅଭିଯୋଗକାରୀ ଜଗନ୍ନାଥ ରାଓ ତାଙ୍କ ବନ୍ଧୁଙ୍କ ସହିତ ସଂଘର୍ଷ ବିହାର ଛକରେ ପବିତ୍ର ଜେନାଙ୍କ ସିମେଂଟ ଦୋକାନକୁ ଯାଇଥିଲେ । ସେମାନେ ଏକ ପିକଅପ୍ ଭ୍ୟାନରେ ସିମେଂଟ ଲୋଡ୍ କରୁଥିବା ସମୟରେ, ଜଣେ ସୋମନାଥ ସାହୁ ସେଠାରେ ପହଂଚିଲେ । ହଠାତ୍, ଆଶୁ, ପପୁ, ଚିକୁ ଏବଂ ବୁଲେଟ୍ ରାଜା ନାମକ ଅଭିଯୁକ୍ତମାନେ ପଲସର ଏବଂ ସ୍କୁଟି ଗାଡ଼ିରେ ବନ୍ଧୁକ ଏବଂ ବୋମା ଧରି ଆସିଥିଲେ । ଜମି ବିବାଦକୁ ନେଇ ସେମାନେ ସୋମନାଥଙ୍କ ସହିତ ପ୍ରବଳ ଝଗଡ଼ା କରିଥିଲେ ଏବଂ ତାଙ୍କୁ ଗୁରୁତର ଆକ୍ରମଣ କରିଥିଲେ । ଆଶୁ ଏକ ପିସ୍ତଲରୁ ଗୁଳି ଚଳାଇବାରୁ ସୋମନାଥଙ୍କ ବାମ ଜଙ୍ଘରେ ବାଜିଥିଲା, ତା'ପରେ ପପୁ ଆଉ ଏକ ଗୁଳି ଚଳାଇଥିଲେ । ଆକ୍ରମଣକାରୀମାନେ ସିମେଂଟ ଦୋକାନ ଉପରେ ବୋମା ଫିଙ୍ଗି ଦୋକାନ କାନ୍ଥ, ଏକ ମୋଟରସାଇକେଲ ଏବଂ ଏକ ପିକଅପ୍ ଭ୍ୟାନ୍ କ୍ଷତିଗ୍ରସ୍ତ କରିଥିଲେ । ଆହତଙ୍କୁ ଭୁବନେଶ୍ୱରର ଏମ୍ସକୁ ପଠାଯାଇଥିଲା । ଏହି ମାମଲାର ତଦନ୍ତ ସମୟରେ ଅନେକ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏକ ବିଶ୍ୱସ୍ତ ସୂଚନା ଆଧାରରେ, ଆଜି ତା ୦୯.୦୭.୨୦୨୫ ସକାଳେ, ଅଭିଯୁକ୍ତ ରାଜକିଶୋର ବଳିଆରସିଂ ଓରଫ ରାଜୁଙ୍କୁ ପିତାପଲ୍ଲୀ ଛକ ନିକଟରୁ ଗିରଫ କରାଯାଇଥିଲା ଏବଂ ତାଙ୍କ ନିକଟରୁ ଏକ ସାମସଙ୍ଗ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା । ମୋବାଇଲ୍ ଫୋନ୍‌ରେ ବନ୍ଧୁକ ମଡେଲ୍ ବିବରଣୀ ଏବଂ ଗ୍ରାହକମାନଙ୍କ ସହିତ ସେୟାର କରାଯାଇଥିବା ସିରିଏଲ୍ ନମ୍ବର ଥିବା ଜଣାପଡ଼ିଛି, ଯାହା ଅବୈଧ ଅସ୍ତ୍ରଶସ୍ତ୍ର ବ୍ୟବସାୟରେ ସଂପୃକ୍ତିକୁ ସୂଚିତ କରିଥିଲା । ଏହା ମଧ୍ୟ ଜଣାପଡିଥିଲା ଯେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ମାଳିପଡ଼ା ଏବଂ ସାମପୁର ମୌଜାରେ ସିମେଂଟ ପୋଲ ସ୍ଥାପନ କରି ଜଙ୍ଗଲ ଏବଂ ସରକାରୀ ଜମିର ବେଆଇନ ଜବରଦଖଲ ଏବଂ ବିକ୍ରୟ କରୁଥିଲେ, ବେଆଇନ ଲାଭ ପାଇଁ ଭୂମିହୀନ ଶ୍ରମିକଙ୍କୁ ଟାର୍ଗେଟ କରୁଥିଲେ, ଗୁରୁତର ଆଇନ ଶୃଙ୍ଖଳା ବିଭ୍ରାଟର ସମ୍ଭାବନା ସୃଷ୍ଟି କରୁଥିଲେ । ଅଭିଯୁକ୍ତ ବ୍ୟକ୍ତି ଅବୈଧ ଅସ୍ତ୍ରଶସ୍ତ୍ର ବ୍ୟବସାୟ, ଜମି ହଡ଼ପ ଏବଂ ହିଂସାତ୍ମକ ଆକ୍ରମଣରେ ଜଡିତ ଏକ ସଂଗଠିତ ଗୋଷ୍ଠୀର ଅଂଶ । ତାଙ୍କର ଗିରଫଦାରୀ ଏହି ମାମଲାରେ ପୂର୍ବରୁ ପଠାଯାଇଥିବା ଅନେକ ଅଭିଯୁକ୍ତଙ୍କ ସହିତ ଜଡିତ ଏକ ବ୍ୟାପକ ଷଡ଼ଯନ୍ତ୍ର ସହିତ ଜଡିତ ।

# ଜେଲରୁ ବାହାରିଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ
## କହିଲେ, ଘଟଣାରେ ସଂଶ୍ଲିଷ୍ଟ ନାହିଁ



ଭୁବନେଶ୍ୱର(ନିପ୍ର): ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ମିଳିବା ପରେ ସେ ବୁଧବାର ଜେଲରୁ ବାହାରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ସେ ଗିରଫ ହୋଇଥିଲେ । ଜଗା ପ୍ରଧାନ ଜେଲ୍‌ରୁ ବାହାରିଲା ପରେ ସେ କହିଛନ୍ତି, ଆକ୍ରମଣ ଘଟଣାରେ ମୁଁ ସଂଶ୍ଳିଷ୍ଟ ନାହିଁ । ଜେଲ୍ ବାହାରେ ତାଙ୍କ ସମଥକେମାନେ ତାଙ୍କୁ ସ୍ୱାଗତ କରିଛନ୍ତି । ବାଣ ଫୁଟାଇ, ଫୁଲମାଳ ପିନ୍ଧାଇ ତାଙ୍କୁ ଏକ ଶୋଭାଯାତ୍ରାରେ ଘରକୁ ନେଇଛନ୍ତି । ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ଭାରତୀୟ ନୂତନ ସଂହିତା (ବିଏନ୍‌ଏସ୍) ଅଧୀନରେ ୧୧ଟି ଧାରା ଯଥା ୩୩୩, ୧୩୨, ୧୨୧(୧), ୧୨୧(୨), ୩୫୧(୨), ୬୨, ୩୦୪, ୫୪, ୬୧(୨), ୧୮୯(୨), ଓ ୧୯୦/୩(୫) ଅନୁଯାୟୀ ଅଭିଯୋଗ ରୁଜୁ ହୋଇଥିଲା । ଜଗନ୍ନାଥ ପ୍ରଧାନଙ୍କୁ ଆଜି ଖୋର୍ଦ୍ଧା ଜିଲା ଦୌରାଜଜ ଜାମିନ ପ୍ରଦାନ କରିଥିଲେ । ୩୦ ହଜାର ଟଙ୍କା ଓ ଜଣେ ଜାମିନଦାରଙ୍କ ବଦଳରେ ତାଙ୍କୁ ଏହି ଜାମିନ ମିଳିଛି ।

---

## ୫ ବ୍ରାଉନସୁଗାର ବେପାରୀ ଗିରଫ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଓ ଉପକଣ୍ଠରେ ବିପୁଳ ପରିମାଣର ବ୍ରାଉନସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା । ପୋଲିସ ଏହି ଗ୍ୟାଙ୍ଗ ଉପରେ ନଜର ରଖିଥିଲା । ଗତକାଲି ଏହି ଗ୍ୟାଙ୍ଗ ମୈତ୍ରୀବିହାର ଥାନା ଅଂଚଳରେ ନିଶା କାରବାର କରିବାକୁ ଉଦ୍ୟମ କରୁଥିବା ପୋଲିସ ଖବର ପାଇଥିଲା । ବିଶେଷସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢାଉ କରିଥିଲା । ଚଢାଉ ବେଳେ ପୋଲିସ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୨୫୪ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଏଥିସହିତ ୩ଟି ବାଇକ୍ ଓ ୩ ହଜାର ଟଙ୍କା ମଧ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ଭିତରୁ ଜଣେ ହେଉଛି ରାଜେନ୍ଦ୍ର ମହାପାତ୍ର, ଯାହାଙ୍କ ନାଁରେ ୨ଟି ମାମଲା ରହିଛି । ସେହିପରି ଶିବାନନ୍ଦ ନାଁରେ ମଧ୍ୟ ଜଟଣୀ ଥାନା ଅଧୀନରେ ରହିଛି ଅପରାଧିକ ମାମଲା ରୁଜୁ ହୋଇଛି ଓ ଅନ୍ୟପଟରେ କମିସନରେଟ ପୁଲିସ ଧଳାଜହର କାରବାର ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି ।

---

## ପତ୍ନୀକୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ସ୍ୱାମୀ ଗିରଫ

ଭୁବନେଶ୍ୱର(ନିପ୍ର): ନାଗେଶ୍ୱର ଟାଙ୍ଗିର ଅଭିଯୋଗକାରିଣୀ ସ୍ୱର୍ଣ୍ଣମ ବେହେରା (୨୫)ଙ୍କ ଲିଖିତ ରିପୋର୍ଟ ଆଧାରରେ, ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତ ଅଭିନାଶ ବେହେରା ଓରଫ ଟୁଟୁଆଙ୍କୁ ଗିରଫ କରାଯାଇ କୋର୍ଟ ଆଜି ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ତା ୦୭.୦୭.୨୦୨୫ ଦିନ ପ୍ରାୟ ରାତି ୧୧:୩୦ ସମୟରେ, ଅଭିଯୁକ୍ତ ଅଭିନାଶ ବେହେରା ମଦ୍ୟପାନ କରି ଘରକୁ ଫେରି ଏକ ହିଂସାତ୍ମକ ଆଚରଣ ସୃଷ୍ଟି କରିଥିଲା । ସେ ଘରର ଜିନିଷପତ୍ର ନଷ୍ଟ କରିଦେଇଥିଲା, ତାଙ୍କ ବାପା,ଭଉଣୀ, ସ୍ତ୍ରୀ ଏବଂ ଜେଜେମାଆ ସମେତ ତାଙ୍କ ପରିବାରର ସଦସ୍ୟମାନଙ୍କୁ ଶାରୀରିକ ଆକ୍ରମଣ କରିଥିଲା ଏବଂ ବାହାରୁ କବାଟ ବନ୍ଦ କରି ଘର ଭିତରେ ଥିବା ଏଲପିଜି ସିଲିଣ୍ଡର ବ୍ୟବହାର କରି ସେମାନଙ୍କୁ ପୋଡ଼ି ଦେବାକୁ ଧମକ ଦେଇଥିଲା । ସେ ତାଙ୍କ ଜେଜେମାଙ୍କଠାରୁ ଟଙ୍କା ମଧ୍ୟ ଦାବି କରିଥିଲେ ଏବଂ ମନା କରିବାରୁ ତାଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ସ୍ତ୍ରୀଙ୍କୁ ଜୋରଜବରଦସ୍ତ ଘରୁ ବାହାର କରିଦେଇଥିଲେ, ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିଲେ । ଆଜି ୦୯.୦୭.୨୦୨୫ ରେ, ଅଭିଯୁକ୍ତ ପୁଣି ଥରେ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ । ବାରମ୍ବାର ହିଂସାତ୍ମକ ଆଚରଣ ଏବଂ କୋର୍ଟ ଦ୍ୱାରା ଜାରି କରାଯାଇଥିବା ନୋଟିସ୍ ଅବମାନନାକୁ ଦୃଷ୍ଟିରେ ରଖି, ପରବର୍ତ୍ତୀ ଅପରାଧକୁ ରୋକିବା ପାଇଁ ତାଙ୍କୁ ଆଜି ଗିରଫ କରାଯାଇଥିଲା । ଯାଂଚରୁ ଅଭିଯୁକ୍ତ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନାରେ ଦୁଇଟି ଅପରାଧିକ ମାମଲାରେ ଜଡିତଥିଲେ ।

## ସି-ସୋର ଚିଟଫଣ୍ଡ ଠକେଇ ମାମଲା
## କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ



କଟକ(ନିପ୍ର): ସି-ସୋର ଚିଟଫଣ୍ଡ ଠକେଇ ମାମଲାରେ ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ସାମୂହିକ ଆଶ୍ୱସ୍ତି ମିଳିଛି । ସିବିଆଇକୁ ତଦନ୍ତରେ ସହଯୋଗ କରିବାକୁ ସାଂସଦ ଶ୍ରୀ ଜେନାଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ଯାଏ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ ରବିନ୍ଦ୍ର ଜେନା ହାଜର ହୋଇ ପକ୍ଷ ରଖିବାକୁ ସିବିଆଇ ନୋଟିସ କରିଛି । ଆସନ୍ତା ୧୪ ତାରିଖରେ ହାଜର ହେବାକୁ ସିବିଆଇ ପକ୍ଷରୁ ନୋଟିସ କରାଯାଇଛି । ତଦନ୍ତରେ ସହଯୋଗ କରିବାକୁ ଶ୍ରୀ ଜେନାଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କେସ ସମ୍ବନ୍ଧୀୟ ରେକର୍ଡ଼ ପତ୍ର ଯୋଗାଇ ଦେବାକୁ ରବିନ୍ଦ୍ର ଜେନା ହାଇକୋର୍ଟ ଯାଇଥିଲେ ।

### ପୁଲିସ ଅଧିକାରୀଙ୍କ ଚାପୁଡ଼ାମରାକୁ ନେଇ ଥାନାରେ ଧାରଣା
# ଆପୋସ ସମାଧାନ ପରେ ଧାରଣାରୁ ହଟିଲେ ବିଜେପି କର୍ମୀ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ନଗର ବିଜେପି ସମ୍ପାଦକ ନୀତେଶ ପଣ୍ଡାଙ୍କୁ ହିଞ୍ଜିଳି ଥାନାର ଏଏସଆଇ ସୁବାଷ ମିଶ୍ର ମଙ୍ଗଳବାର ରାତିରେ ଚାପୁଡ଼ା ମାରିଥିବା ପ୍ରତିବାଦରେ ହିଞ୍ଜିଳିକାଟୁ ଯୁବମୋର୍ଚ୍ଚାର ବହୁ କର୍ମୀ ବୁଧବାର ପୂର୍ବାହ୍ନରେ ହିଞ୍ଜିଳି ଥାନା ମଧ୍ୟରେ ଧାରଣା ପ୍ରଦର୍ଶନ କରିଥିଲେ । ପରେ ଆସିକା ଏସଡିପିଓ ସନ୍ତୋଷ ଜେନା ଓ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ ସ୍ଥାନୀୟ ବିଜେପି ନେତାମାନଙ୍କ ସହିତ ଆଲୋଚନା କରିବା ସହ ଅଭିଯୋଗକର୍ତ୍ତା ନୀତେଶ ପଣ୍ଡା ଓ ଏଏସଆଇ ସୁବାଷ ମିଶ୍ରଙ୍କ ମଧ୍ୟରେ ଆପୋଷ ସମାଧାନ କରିବା ପରେ ଧାରଣା ହଟିଥିଲା । ଖବର ଅନୁଯାୟୀ ନୀତେଶ ଓ



ବିଜେପି ନଗର ଯୁବମୋର୍ଚ୍ଚା ସଭାପତି ବଳରାମ ପଣ୍ଡା ବିଜୁ ପଟ୍ଟନାୟକ ଛକଠାରେ ଅନ୍ୟ ଦୁଇ ବନ୍ଧୁଙ୍କ ମଧ୍ୟରେ ହୋଇଥିବା ବିବାଦକୁ ସମାଧାନ ସକାଶେ ଆଲୋଚନା କରୁଥିବା ସମୟରେ, ହିଞ୍ଜିଳି ଥାନା ଏଏସଆଇ ସୁବାଷ ମିଶ୍ର ରାତ୍ରୀକାଳୀନ ପାଟ୍ରୋଲିଂ କରି ସେହି ସ୍ଥାନରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହିତ ନୀତେଶଙ୍କୁ ମାଡମାରି ତାଙ୍କ ମୋବାଇଲ ଓ ଗାଡ଼ି ଛଡେଇ ନେଇଥିଲେ । ତେବେ ବୁଧବାର ସକାଳ ୧୧ଘଣ୍ଟ ସମୟରେ ବିଜେପି ଯୁବମୋର୍ଚ୍ଚାର ବହୁ କର୍ମୀ ଏକତ୍ରିତ ହୋଇ ଉକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ହିଞ୍ଜିଳି ଥାନା ସମ୍ମୁଖରେ ଧାରଣା ଓ ନାରାବାଜି ପ୍ରଦର୍ଶନ କରିଥିଲେ । ଏହି ଖବର ପାଇ ହିଞ୍ଜିଳି ବିଜେପିର କିଛି ବରିଷ୍ଠ ନେତା ଥାନାରେ ପହଞ୍ଚି ଥାନା ଆଇଆଇସିଙ୍କ ସହିତ ଆଲୋଚନା କରିଥିଲେ । ପରେ ଆସିକା ଏସଡିପିଓ, ହିଞ୍ଜିଳି ଆଇଆଇସି, ବିଜେପିର କିଛି ବରିଷ୍ଠ ନେତା, ଏଏସଆଇ ସୁବାଷ ମିଶ୍ର ଓ ବିଜେପି ନଗର ସମ୍ପାଦକ ନୀତେଶ ପଣ୍ଡାଙ୍କ ମଧ୍ୟରେ ରୁଦ୍ଧଦ୍ୱାର ଆଲୋଚନା ହୋଇ ଆପୋଷ ବୁଝାମଣା ଭିତ୍ତିରେ ସମାଧାନ ହୋଇଥିଲା । ପରେ ବିଜେପି ଯୁବମୋର୍ଚ୍ଚା କର୍ମୀମାନେ ଧାରଣାରୁ ହଟିଥିଲେ ।

### ଧାମନଗର-ଦୋବଲ ରାସ୍ତା ଡ୍ରେନ ନିର୍ମାଣ ନିମ୍ନମାନର ଅଭିଯୋଗ
# ରାସ୍ତା ନିର୍ମାଣ ବେଳେ କାମ ବନ୍ଦ କଲେ ଗ୍ରାମବାସୀ

ଧାମନଗର(ନିପ୍ର): ଧାମନଗର ସେଣ୍ଡପୁର ଭାୟା ଦୋବଲ ରାସ୍ତାଟି ଦୁଇ ବର୍ଷ ହେବ କାମ ଆରମ୍ଭ ହୋଇଥିଲେ ମଧ ଏଯାଏଁ କାମ ସରୁନି । ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ୯ କୋଟି ଟଙ୍କା ମଞ୍ଜୁରୀ ହୋଇ କାମ ଆରମ୍ଭ ହୋଇଛି । ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମନମୁଖୀ ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଛି । ଦୋବଲ ବସଷ୍ଟାଣ୍ଡ ବଜାର ଓ କାଳୀ ପଡ଼ିଆ ଘୋସରା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ଡ୍ରେନର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । କାମଟି ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଡ୍ରେନ ୱାଲରେ ରଡ ବାଇଣ୍ଡି ଠିକ୍ କରାଯାଇନାହିଁ । କଂକ୍ରିଟର ଅନୁପାତ ମଧ କମ୍ ରହୁଛି । କାଳୀବଜାରରୁ ଦୋବଲ ବଜାର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ସହ ଡ୍ରେନ ନିର୍ମାଣ ଲାଗି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଥିଲା । ବହୁ ବାଦବିବାଦ ପରେ ଠିକାଦାର ପ୍ରଥମେ ଡ୍ରେନ ନିର୍ମାଣ କରିଥିଲେ । ଡ୍ରେନର ଦୁଇ ପାଖର ୱାଲ ୮ ଇଞ୍ଚ ରହିବା କଥା । ହାଟବଜାର ଷ୍ଟ୍ରେଚରେ ୮ ଇଞ୍ଚ ରହିଛି । ସେଣ୍ଟ୍ରିଂ ଯୋଗୁଁ କାଁଭାଁ ୮ ଇଞ୍ଚ ହୋଇଛି । ହେଲେ ଡ୍ରେନର ୱାଲରେ ପ୍ରତି ୬ ଇଞ୍ଚ ବ୍ୟବଧାନରେ ମେନ ବାର ଛିଡ଼ା ହେବା କଥା ଓ ପ୍ରତି ୮ ଇଞ୍ଚରେ ଡିଷ୍ଟ୍ରିବ୍ୟୁସନ ବାର ଦେବା କଥା । ହେଲେ ଠିକାଦାର ମନଇଚ୍ଛା ବାର ବାଇଣ୍ଡିଂ ସିଡ୍ୟୁଲ ବା ରଡବାଇଣ୍ଡି କରୁଛନ୍ତି । କେଉଁଠି ୧୦ ଇଞ୍ଚ ତ କେଉଁଠି ୧ ଫୁଟ୍ ଦୂରରେ ରଡ ଛିଡ଼ା କରିଛନ୍ତି । ଫଳରେ ଡ୍ରେନ କାମ ଅତି ନିମ୍ନମାନର ହୋଇଚି ।ଯେଉଁ ଡ୍ରେନ କାମ ହୋଇଛି ଘୋଡ଼ାଗଣ୍ଡ ନାଳଠାରୁ ଦୋବଲ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଅଧିକାଂଶ ଜାଗାରେ ଢାଙ୍କୁଣି ପକାଯାଇ ନଥିବାରୁ ବ୍ୟବସାୟରେ ବାଧାପ୍ରାପ୍ତ ହେଉଛି । ଫଳରେ ଦୋକାନୀ ଭାଇମାନେ ବେପାର କରିପାରୁ ନାହାନ୍ତି । ଦୀର୍ଘଦି ନପରେ ବୁଧବାର ଦୋବଲ ହାଟ ନିକଟରୁ ରାସ୍ତା କାର୍ଯ୍ୟ ଆରମ୍ଭ ବେଳେ ସ୍ଥାନୀୟ ଲୋକମାନେ ବନ୍ଦ କରିଛନ୍ତି । ସୂଚନା ଥାଉକି ଉକ୍ତ ବଜାରର ଦୁଇ ପାଖରେ ଜବରଦଖଲ ଥିବାବେଳେ ପ୍ରଶାସନ ତରଫରୁ ମାପ କରାଯାଇ କାର୍ଯ୍ୟ ପାଇଁ ନିଷ୍ପତ୍ତି ହୋଇଥିଲା । ମାତ୍ର ଏବେ ରାସ୍ତା କାର୍ଯ୍ୟ ଆରମ୍ଭ ବେଳେ ଠିକାଦାର ଚିହ୍ନଟ ସ୍ଥାନରୁ କଂକ୍ରିଟ ନକରି ନିଜ ଇଚ୍ଛାରେ କାମ କରୁଥିଲେ । ଫଳରେ ସ୍ଥାନୀୟ ଲୋକେ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାମ କରାଯିବା ସହ ଜବରଦଖଲ ହଟାଇ କାମ କରିବାକୁ ଦାବି କରିଥିଲେ । ଦୀର୍ଘ ସମୟ ହୋହାଲା ପରେ ଠିକାଦାର ବାଧ ହୋଇ କାମବନ୍ଦ କରିଥିଲେ । ସୂଚନା ଥାଉକି କୋଟି କୋଟି ଟଙ୍କାର କାମ ଚାଲୁଥିବାବେଳେ କାମ ପାଖରେ ବିଭାଗୀୟ ଅଧିକାରୀମାନେ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ତେବେ ସମସ୍ୟାର ସମାଧାନ ପରେ କାର୍ଯ୍ୟ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ ପାଣି କହିଛନ୍ତି ।

## ଭାରୀଯାନ ଚଳାଚଳ ଉପରେ ନିଷେଧାଦେଶ

କଟକ(ନିପ୍ର): ସ୍ଥାନୀୟ ମଧୁପାଟଣା ଶିଳ୍ପାଞ୍ଚଳରେ ବହୁ ସଂଖ୍ୟାରେ ଶିଳ୍ପ କାର୍ଯ୍ୟକଳାପ ସହ ଜଡ଼ିତ ଭାରି ଯାନବାହନ ଚଳାଚଳ କରିବା ହେତୁ ସକାଳ ୬ଟାରୁ ଦିନ ୧୧ଘଟିକା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୪ ଘଟିକାଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଏହି ସମୟରେ ଦୈନନ୍ଦିନ ମାର୍କେଟିଙ୍ଗ କରିବା, ଅଫିସ ଯିବାଆସିବା କରିବା, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଯିବା ଆସିବା କରିବା ସମୟରେ ଅସୁବିଧା ଭୋଗୁଛନ୍ତି । ଏହି ସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମଧୁପାଟଣା ଓ ଆଖପାଖ ଅଞ୍ଚଳର ବାସିନ୍ଦା ଏବଂ ଛୋଟ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କଟକ ଶିଳ୍ପାଞ୍ଚଳ ମଧ୍ୟରେ ଭାରି ବାଣିଜ୍ୟିକ ଯାନବାହନ ଚଳାଚଳକୁ ସକାଳ ୬ଟାରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୪ଟାରୁ ୬ ପର୍ଯ୍ୟନ୍ତ ପ୍ରତିବନ୍ଧିତ କରିଛନ୍ତି । ଏହି ପ୍ରତିବନ୍ଧକ ୬ଜୁଲାଇ ୨୦୨୫ରୁ ୫ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ମୋଟର ଭେଇକିଲ ଆଇନ, ୧୯୮୮ର ବିଭାଗ ୧୧୫ ଅଧୀନରେ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ର ନିୟମ ୧୭୩ ସହିତ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏହି ନିର୍ଦ୍ଦେଶ ଜାରି କରାଯାଇଛି ।

### ଭାରତ ଦ୍ୱିତୀୟ ଟେଷ୍ଟ ଜିତି ୧-୧ରେ ସିରିଜ ବରାବର

# ଆଜି ଲର୍ଡ୍ସ ଟେଷ୍ଟ: ଅଭ୍ୟାସ କଲେ ବୁମରା

## ବ୍ୟାଟରଙ୍କ ପାଇଁ ଚ୍ୟାଲେଞ୍ଜ ହେବ ପିଚ୍



**ନୂଆଦିଲ୍ଲୀ,୯/୭:** ଆଜିଠାରୁ ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହେବ ଚଳିତ ଆଣ୍ଡରସନ- ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ । ଦ୍ୱିତୀୟ ଟେଷ୍ଟ ଜିତି ୧-୧ରେ ସିରିଜ ବରାବର କରିବା ପରେ ଭାରତୀୟ ଦଳ ତୃତୀୟ ଟେଷ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ବହୁ ଖେଳାଳି ମଙ୍ଗଳବାର ଅଭ୍ୟାସରୁ ବିରତି ନେଇଥିଲେ ହେଁ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମରା ପ୍ରତ୍ୟାବର୍ତ୍ତନ ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଥିବା ଅଭ୍ୟାସ ଶିବିରରୁ ସ୍ପଷ୍ଟ ହୋଇଛି । ଲର୍ଡ୍ସ ଗ୍ରାଉଣ୍ଡରେ ବୁମରା ମୁଖ୍ୟ ଆକର୍ଷଣ ସାଜିଥିଲେ । ଶେଷ ଥର ପାଇଁ ଜୁନ ୨୪ ତାରିଖରେ ବୁମରାଙ୍କୁ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା । ହେଡିଂଲେରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ଏହା ଥିଲା ପଞ୍ଚମ ଦିବସ । ଉକ୍ତ ଟେଷ୍ଟରେ ସେ ୪୩.୪ ଓଭର ବୋଲିଂ କରିଥିଲେ । ୧୫ଦିନ ପରେ ସେ ପୁଣିଥରେ ମ୍ୟାଚ୍‌କୁ ଓହ୍ଲାଇବେ । ବୁମରାଙ୍କ କାର୍ଯ୍ୟଭାରକୁ ସୀମିତ ରଖିବା ପାଇଁ ଯୋଜନା କରାଯାଇଥିବାରୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରୁ ବିଶ୍ରାମ ଦିଆଯାଇଥିଲା । ତାଙ୍କ ସ୍ଥାନରେ ଆକାଶ ଦୀପ ଖେଳିଥିଲେ ଓ ୧୦ଟି ୱିକେଟ୍ ନେଇ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଲର୍ଡ୍ସରେ ବୁମରା ଫେରିବା ନିଶ୍ଚିତ ଥିଲେ ମଧ୍ୟ ଆକାଶ ଦୀପ ନିଜ ସ୍ଥାନ ବଜାୟ ରଖିବେ । ଫଳରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଏକାଦଶରୁ ବାଦ ଦିଆଯିବ । ଚତୁର୍ଥ ପେସ ବୋଲର ଭାବେ ଅର୍ଶଦୀପ ରହିଛନ୍ତି ଓ ନିୟମିତ ଅଭ୍ୟାସ କରୁଛନ୍ତି । ଲର୍ଡ୍ସ ପିଚ୍ ପେସ ବୋଲରଙ୍କୁ ସୁହାଇଲେ ନୀତିଶ କୁମାର ରେଡ୍ଡୀଙ୍କ ସ୍ଥାନରେ ଅର୍ଶଦୀପଙ୍କୁ ଏକାଦଶରେ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି । ଆଜି ବୁମରା ଦୀର୍ଘ ୧ଘଣ୍ଟା ଧରି ବୋଲିଂ ଅଭ୍ୟାସ କରିଥିଲେ । ଦ୍ୱିତୀୟ ଟେଷ୍ଟ ଖେଳିଥିବା ପେସ୍ ବାହିନୀ ଆଜି ବିଶ୍ରାମ ନେଇଥିଲା । ବୁମରାଙ୍କ ସହ ସର୍ଦ୍ଦୁଲ ଠାକୁର, ଅର୍ଶଦୀପ ସିଂହ, ନୀତିଶ କୁମାର ରେଡ୍ଡୀ ପ୍ରମୁଖ ବୋଲିଂ କରିଥିଲେ । ନେଟ୍ସରେ ଆଜି ବୁମରାଙ୍କୁ କରୁଣ ନାଏର, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ଧ୍ରୁବ ଜୁରେଲ ପ୍ରମୁଖ ସାମ୍ନା କରିଥିଲେ । ଆଜି ଅଭ୍ୟାସ ସେଭଳି ବାଧ୍ୟତାମୂଳକ ନଥିଲା । କେଏଲ୍ ରାହୁଲ, ଶୁଭମନ ଗିଲ୍, ଯଶସ୍ୱୀ ଜୈସ୍ୱାଲ, ରିଷଭ ପନ୍ତ, ୱାସିଂଟନ ସୁନ୍ଦର ପ୍ରମୁଖ ଅଭ୍ୟାସରୁ ବିରତ ରହିଥିଲେ । ମାତ୍ର ସବୁ ଖେଳାଳି ଗ୍ରାଉଣ୍ଡରେ ଉପସ୍ଥିତ ରହିଥିଲେ । ବ୍ୟାଟରଙ୍କ ପାଇଁ ଚ୍ୟାଲେଞ୍ଜ ହେବ ଲର୍ଡ୍ସ ପିଚ୍ - ତୃତୀୟ ଟେଷ୍ଟ ପାଇଁ ପ୍ରସ୍ତୁତ କରାଯାଇଥିବା ପିଚ୍ ବ୍ୟାଟରଙ୍କ ପାଇଁ କଡ଼ା ଚ୍ୟାଲେଞ୍ଜ ଆଣିବ ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ ସୀତାଂଶୁ କୋଟକ ପ୍ରକାଶ କରିଛନ୍ତି । ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି, ପ୍ରଥମ ୨ଟି ଟେଷ୍ଟର ପିଚ୍ ତୁଳନାରେ ଲର୍ଡ୍ସ ପିଚ୍ ଅଧିକ ସବୁଜ ଦେଖାଯାଉଛି । ପିଚ୍‌ରେ ଘାସ ଭରି ରହିଛି । ନିୟମିତ ଭାବେ ପାଣି ସିଞ୍ଚନ ହେଉଛି । ଯାହା ଜଣା ପଡୁଛି, ପେସ୍ ବୋଲରମାନେ ପିଚ୍‌ର ଭରପୁର ଫାଇଦା ଉଠାଇ ପାରିବେ । ପ୍ରଥମ ୨ଟି ଇନିଂସରେ ବ୍ୟାଟିଂ କଷ୍ଟକର ହେବ । ତଥାପି ଆମେ ପ୍ରସ୍ତୁତ ଅଛୁ । ଏଠାରେ କ୍ରିଜ୍‌ରେ ଯେତେ ଅଧିକ ସମୟ କଟାଇ ହେବ, ସେତେ ଅଧିକ ସ୍କୋର ହୋଇ ପାରିବ ।

## ଜମି ଜାଲିଆତି କରି ୩ ଗିରଫ

**ଭୁବନେଶ୍ୱର, ୯/୭(ନିପ୍ର):** ଅଭିଯୋଗକାରୀ ଡାକ୍ତର ମାୟା ଗନ୍ତାୟତ, (ଏମଡ଼ି, କଟକ ହସ୍ପିଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍)ଙ୍କ ଲିଖିତ ରିପୋର୍ଟ ଆଧାରରେ, ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତ ଦେବାଶିଷ ଦାସ, ଭାରତ ସାହୁ ଏବଂ ସୁଧାକର ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୨ ମସିହାରେ, ଅଭିଯୋଗକାରୀ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିକଟରେ ଜମି କିଣିବାକୁ ଚାହୁଁଥିଲେ। ସେ ଜମି ଦଲାଲ ଦେବାଶିଷ ଦାସଙ୍କ ସଂପର୍କରେ ଆସିଥିଲେ, ଯିଏ ତାଙ୍କୁ ହରି ସାହୁଙ୍କ ପୁଅ ଭରତ ସାହୁ ଏବଂ ସୁଧାକର ସାହୁଙ୍କ ସହିତ ପରିଚୟ କରାଇଥିଲେ, ଯେଉଁମାନେ ଦାଢା ମୌଜା, ପ୍ଲଟ୍ ନମ୍ବର ୬୪୫, ଖାତା ନମ୍ବର ୨୪୦ର ପ୍ରକୃତ ମାଲିକ ବୋଲି ଦାବି କରିଥିଲେ। ସେମାନଙ୍କ ଉପରେ ବିଶ୍ୱାସ କରି, ସେ ୧,୨୮,୦୦,୦୦୦/- ପ୍ରଦାନ କରିଥିଲେ ଏବଂ ବିକ୍ରୟ ଡିଡ୍ ନମ୍ବର ୧୦୮୨୨୧୧୪୨୮ ତାରିଖ ୦୩.୦୮.୨୦୨୨ ମାଧ୍ୟମରେ କାରବାର ସମାପ୍ତ କରିଥିଲେ। ପରବର୍ତ୍ତୀ ସମୟରେ, ସେ ଜାଣିପାରିଲେ ଯେ ଜମିଟି ୨୦୦୩ ମସିହାରେ ସରକାର ଅଧିଗ୍ରହଣ ହୋଇସାରିଛି ଏବଂ ହରି ସାହୁଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଥିଲା, କିନ୍ତୁ ଅପଡେଟ୍ ହୋଇନଥିଲା। ଅଭିଯୁକ୍ତମାନେ ଏହି ସୁଯୋଗକୁ ବ୍ୟବହାର କରିଥିଲେ ଏବଂ ସରକାରୀ ସଂପତ୍ତି ଜାଣି ମଧ୍ୟ ଜାଲିଆତି କରି ବିକ୍ରୟ କରିଥିଲେ। ସେ ଇଓଡ୍ଲ୍ୟୁ ଭୁବନେଶ୍ୱରକୁ ଏହି ଘଟଣା ରିପୋର୍ଟ କରିବା ପରେ, ଅଭିଯୁକ୍ତମାନେ ୮୦,୦୦,୦୦୦/- ଫେରାଇ ଦେଇଥିଲେ କିନ୍ତୁ ବାକି ୪୮,୦୦,୦୦୦/- ଦେବାକୁ ମନା କରିଥିଲେ, ଫଳରେ ଅଭିଯୋଗକାରୀଣିଙ୍କର ବହୁତ ଆର୍ଥିକ କ୍ଷତି ହୋଇଥିଲା ଏବଂ ତାଙ୍କୁ ଧମକ ମଧ୍ୟ ଦିଆଯାଇଥିଲା ବୋଲି କୁହାଯାଇଛି।

## ଡେଲାଙ୍ଗରେ ବାଡଫ୍ଲୁ ଆଶଙ୍କା

**ଡେଲାଙ୍ଗ, ୯/୭(ନିପ୍ର):** ଡେଲାଙ୍ଗରେ ବହୁ ସଂଖ୍ୟାରେ କୁକୁଡ଼ା ମଡ଼କକୁ ନେଇ ବାର୍ଡଫ୍ଲୁ ରୋଗ ଆଶଙ୍କା କରାଯାଉଛି । ୨ ଦିନ ହେଲାଣି ଡେଲାଙ୍ଗ ଅଞ୍ଚଳରେ ଶହ ଶହ ସଂଖ୍ୟାରେ କୁକୁଡ଼ା ମରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ସ୍ଥାନୀୟ କୁକୁଡ଼ା ଚାଷୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଥିବା ବେଳେ ସମଗ୍ର ଅଞ୍ଚଳରେ ବାର୍ଡ଼ ଫ୍ଲୁ ବ୍ୟାପିବା ସଂକ୍ରମଣ ନେଇ ଚାଷୀ ଆଶଙ୍କା କରିଛନ୍ତି ।

## ଆସନ୍ତା ସପ୍ତାହରେ ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୯ ।୭(ନିପ୍ର):ଜୁଲାଇ ୧୪ ଓ ୧୫ ତାରିଖରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏନେଇ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆଲୋଚିତ ସୂଚନା ଅନୁସାରେ ଜୁଲାଇ ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ ଏବଂ ଜୁଲାଇ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପରେ ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେହିପରି ଜୁଲାଇ ୧୫ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି ମୁର୍ମୁ କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କଳିଙ୍ଗ ରତ୍ନ ପୁରସ୍କାର-୨୦୨୪ ପ୍ରଦାନ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ଏବଂ ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ରାହୁଲ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେବେ



ଭୁବନେଶ୍ୱର,୯ ।୭ : ଦିନକ ପରେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ୧୧ ତାରିଖ ସକାଳ ୧୧ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ ରାହୁଲ । ସେଠାରୁ ବରମୁଣ୍ଡାରୁ ସିଧା ବରମୁଣ୍ଡା ପଡ଼ିଆ ଯିବେ । ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ କରିବା ପାଇଁ କଂଗ୍ରେସ କର୍ମୀ ରହିବେ ।ଦିନ ୧୨ରେ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେବେ । ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ରାଜନୈତିକ ପରାମର୍ଶଦାତା କମିଟି ସହ ସେ ବୈଠକ କରିବେ । ଏଥିସହ ବିଧାୟକ ଓ ପିସିସି ପଦାଧିକାରୀଙ୍କ ସହ ହେବ ଆଲୋଚନା କରିବେ ।ସଂଧ୍ୟା ପ୍ରାୟ ସାଢ଼େଚାରିଟାରେ ସେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି । ରାହୁଲଙ୍କ ସହ ଏଆଇସିସି ଅଧକ୍ଷ ମଲିକାର୍ଜୁନ ଖଡ଼ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ ଉପସ୍ଥିତ ରହିବେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ରାହୁଲଙ୍କ ଓଡ଼ିଶା ଗସ୍ତ କଂଗ୍ରେସ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ଭରିବ ବୋଲି କୁହାଯାଉଛି।





ଭୁବନେଶ୍ୱର: ୧୭ ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ଭାରତ ବନ୍ଦ ଡାକରା(ଫଟୋ-ଦିନଲିପି)



ଭାର୍ଗବୀ ଓ ଦୟା ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ ପ୍ରବାହିତ (ଫଟୋ - ଦିବାକର ପ୍ରଧାନ, ପିପିଲି)

## ଡ୍ରାଇଭର ମହାସଂଘ ଆନ୍ଦୋଳନ ତୀବ୍ରତର

**ନିମାପଡ଼ା,୯।୭(ନିପ୍ର):** ନିମାପଡ଼ାରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଛି । ମହାସଂଘ ପକ୍ଷରୁ ୬ ଦଫା ଦାବୀପତ୍ର ପ୍ରଦାନ କରାଯାଇ ଥିଲେ ହେଁ ସରକାର ପଦକ୍ଷେପ ଗ୍ରହଣ ନ କରିବାରୁ ନିମାପଡ଼ା ଦେଇ କୌଣସି ବସ୍, ଟ୍ରକ୍, ଚାରି ଚକିଆ ଗାଡ଼ି ଯିବାକୁ ଦିଆଯିବନି ବୋଲି କର୍ମକର୍ତ୍ତାମାନେ ଗଣମାଧମକୁ ସୂଚନା ଦେଇଥିଲେ । ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେବା ସାଙ୍ଗକୁ ଦାବି ପୂରଣ ନିମନ୍ତେ ସରକାର ସହୃଦୟତାର ସହ ବିଚାର କରିବା ପାଇଁ ଅଡ଼ି ବସିଥିଲେ । ଅନେକ ପର୍ଯ୍ୟଟକ ବଡ଼ ଗାଡ଼ିରେ ନ ଆସି ଛୋଟ ଗାଡ଼ିରେ ଆସି ହଇରାଣ ହରକତ ହୋଇଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଲୋଗାନ ଦେବା ସାଙ୍ଗକୁ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରାଯାଇଥିଲା । ନିମାପଡ଼ା ବ୍ଲକ୍ ସଭାପତି ଶୁକଦେବ ବେହେରା, ସଂପାଦକ ଅଜୟ କୁମାର ବେହେରା, ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ସହ-ସଂପାଦକ ମାନସ କୁମାର ବାରିକଙ୍କ ସମେତ ମହାସଂଘର ସମସ୍ତ କର୍ମକର୍ତ୍ତା ଯୋଗ ଦେଇ ଦୋଳବେଦୀ ଛକରେ ଆନ୍ଦୋଳନକୁ ଜୋରଦାର କରିଥିବା ଦେଖିବାକୁ ମିଳିଛି।

## ଜିନ୍ଦଲ ନଗରରେ ନୀଳାଦ୍ରି ବିଜେ

**ଅନୁଗୁଳ,୯/୭(ନିପ୍ର):** ଜିନ୍ଦଲ ନଗରର ଦେବଭୂମି ମନ୍ଦିର ପରିସରରେ ପବିତ୍ର ନୀଳାଦ୍ରି ବିଜେ ଭକ୍ତି ଏବଂ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଜିନ୍ଦଲ ନଗର ଏବଂ ନିକଟସ୍ଥ ଗ୍ରାମରୁ ହଜାର ହଜାର ଭକ୍ତ ଏକତ୍ରିତ ହୋଇ ବଡ଼ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନଙ୍କୁ ଶ୍ରୀ ମନ୍ଦିରକୁ ପାଛୋଟି ନେଇଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବାଚିତ ହୋଇଥିବା ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ସମସ୍ତ ନୀତିକାନ୍ତି ମନ୍ଦିରର ମୁଖ୍ୟ ନୀତି ପରାମର୍ଶଦାତା ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ କରିଥିଲେ । ରଥ ଶୋଧ, ମଣିମା ଡାକ, ଏବଂ ଦ୍ୱାର ଫିଟା ଭଳି ପାରମ୍ପାରିକ ରୀତିନୀତି ସହିତ ଏହି ଦିନଟି ଆରମ୍ଭ ହୋଇଥିଲା। ତାପରେ ମଙ୍ଗଳ ଆରତୀ, ତଡପ ଲାଗି ଏବଂ ଅବକାଶ ନୀତି ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା ଏବଂ ରୋଷ ହୋମ, ସୂର୍ଯ୍ୟପୂଜା ସାଙ୍ଗକୁ ଦ୍ୱାରପାଳ ପୂଜା ଭଳି ରୀତିନୀତି ସମ୍ପୂର୍ଣ୍ଣ ପବିତ୍ରତା ସହିତ କରାଯାଇଥିଲା।

## ବାହାରିଲା ନୀଳାଚଳ ଅବଢ଼ା

**ପୁରୀ, ୯/୭(ନିପ୍ର):** ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ବାହାରିଲା ନୀଳାଚଳ ଅବଢ଼ା । ନୀଳାଚଳ ଅବଢ଼ା ପାଇବାକୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ରଥଯାତ୍ରାରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିର ଯିବା ପରେ ରଥ ଉପରେ ଶୁଖିଲା ଭୋଗ ଲାଗି କରାଯାଇଥିଲା । ମହାପ୍ରଭୁ ରତ୍ନବେଦୀକୁ ଫେରିବା ପରେ ବୁଧବାରଠାରୁ ମହାପ୍ରସାଦ ମିଳିଛି। ଶ୍ରୀଜିଉଙ୍କ ନୀଳାଦ୍ରି ବିଜେ ପରେ ପ୍ରଥମ ଅବଢ଼ା ବାହାରିଥିବାରୁ ଭକ୍ତଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା ।



ସନ୍ଧ୍ୟା ରେ ଭକ୍ତ ନୀଳାଚଳ ଅବଢ଼ା ପାଇଛନ୍ତି । ନିଜର ବରାଦ ମୁତାବକ ଅବଢ଼ା ନେଇଛନ୍ତି । ବିଶେଷ କରି ପୁରୀ ବାସିନ୍ଦା ମହାପ୍ରଭୁଙ୍କ ପ୍ରଥମ ନୀଳାଚଳ ଅବଢ଼ା ନେବା ପାଇଁ ଅପେକ୍ଷାରେ ଥିଲେ । ଆଜି ମହାପ୍ରଭୁଙ୍କ ଅନେକ ସ୍ୱତନ୍ତ୍ର ନୀତି ଥିବାରୁ ଅବଢ଼ା ବାହାରିବାରେ ବିଳମ୍ବ ହୋଇଥଲା । ସେପଟେ ରତ୍ନ ସିଂହାସନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଶ୍ରୀମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ଼ ହୋଇଥଲା ।

## ଅଙ୍ଗନବାଡ଼ି କେନ୍ଦ୍ର ସହାୟିକାଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୯/୭(ନିପ୍ର):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଚୁବକା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ବା ରୋଷେୟାଙ୍କ ମୃତଦେହ ବୁଧବାର ସକାଳେ ଏକ ମହୁଲ ଗଛ ତଳୁ ଉଦ୍ଧାର କରିଛି ରେଢ଼ାଖୋଲ ପୋଲିସ । ମୃତ ମହିଳା ଜଣଙ୍କ ହେଲେ ଚୁବକା ଗ୍ରାମର ଯାଜ୍ଞସେନୀ ନାଏକ । ସୂଚନା ଅନୁସାରେ ଯଜ୍ଞାସେନୀ ନାଏକ ଆଜକୁ ୫ବର୍ଷ ହେବ ଚୁବକା ଗାଁର ବିରେନ୍ ନାଏକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ହେଲେ ବିବାହ ପରେ ଶାଶୁଘର ଲୋକେ ବାପାଘରୁ ୩ ଲକ୍ଷ ଟଙ୍କା ଓ ସୁନା ଗହଣା ଆଣିବା ପାଇଁ କହି ମାରପିଟ୍ କରିବା ସହ ବିଭିନ୍ନ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଯାଜ୍ଞସେନୀଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି ।

## ବ୍ରହ୍ମପୁରରେ ଭାରତ ବନ୍ଦ ଡାକରା ସଫଳ

**ବ୍ରହ୍ମପୁର, ୯/୭(ନିପ୍ର):** ସର୍ବ ଭାରତୀୟ ଶ୍ରମିକ ସଂଗଠନ ମାନଙ୍କ ସାଧାରଣ ଧର୍ମଘଟ ଡାକରାରେ ବ୍ରହ୍ମପୁରରେ ବିଭିନ୍ନ ବାମପନ୍ଥୀ ଏବଂ ଗଣତାନ୍ତ୍ରିକ ସଂଗଠନ ତରଫରୁ ପ୍ରତିବାଦ, ଆଜିର ଭାରତ ବନ୍ଦ ଡାକରାରେ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଦ୍ୱାରା ଦିଆଯାଇଛି। ଏଥିରେ ବ୍ୟାଙ୍କିଂ, ବୀମା, ଡାକ ସେବାଠାରୁ କୋଇଲା ଖଣି ପର୍ଯ୍ୟନ୍ତ କାମ କରୁଥିବା ଶ୍ରମିକ ସାମିଲ ହେବେ। ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିଅନର ମିଳିତ ମଞ୍ଚ ଏହାକୁ 'ଭାରତ ବନ୍ଦ' ନାମ ଦେଇଛି। ୟୁନିଅନଗୁଡ଼ିକ କହିଛନ୍ତି ଯେ ସରକାର ଶ୍ରମିକଙ୍କ ଦାବିକୁ ଅଣଦେଖା କରିଛନ୍ତି ଏବଂ କର୍ପୋରେଟ ସ୍ୱାର୍ଥକୁ ପ୍ରୋତ୍ସାହିତ କରିଛନ୍ତି। ଏହି ବନ୍ଦ ଡାକରାର କାରଣ ହେଉଛି, ଶ୍ରମିକ ସୁରକ୍ଷାକୁ କ୍ଷତି ପହଞ୍ଚାଉଥିବା ଶ୍ରମନୀତି। ସାମୂହିକ ବିତର୍କ ଏବଂ ଧର୍ମଘଟ ଭଳି ଅଧିକାରକୁ ହ୍ରାସ କରୁଥିବା ଚାରୋଟି ନୂତନ ଶ୍ରମ ସଂହିତା ଉପରେ ଗୁରୁତ୍ୱ ଦିଆଯାଇଛି।

## ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରେ ଡାଇରିଆ

**ପୁରୀ, ୯/୭:** ଗତ ୮ ଦିନରେ କଣାସର ଆଳିବାଡ଼, ବିଜିପୁର ଓ ବିନ୍ଧଣ ପଞ୍ଚାୟତର ପ୍ରାୟ ୧୫ ଜଣ ଡାଇରିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୁଧବାର ଜଙ୍କିଆ ଗଡ଼ସାହି ଅଞ୍ଚଳର ଜଣେ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରଭାବିତ କଣାସ ବ୍ଲକର ୫୦ଟି ଗାଁକୁ କିଭଳି ବିଶୁଦ୍ଧ ପାନୀୟ ଜଳ କିପରି ଯୋଗା ଯାଇପାରିବ ତା ଉପରେ ନଜର ରଖାଯାଇଥିବା ଜିଲ୍ଲାପାଳ କହିଛନ୍ତି ।

### ଦେଶବ୍ୟାପୀ ଧର୍ମଘଟ

## ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଠପ୍

**ରଣପୁର, ୯/୭(ନିପ୍ର):** ସିଆଇଟିୟୁ ସମେତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଗୁଡିକ ତରଫରୁ ଡାକରା ଦିଆ ଯାଇଥିବା ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ ବୁଧବାର ରଣପୁରରେ ଥିବା ବ୍ୟାଙ୍କ ଓ ସରକାରୀ ଅଫିସ ଗୁଡ଼ିକ ସମ୍ମୁଖରେ ସଙ୍ଗଠନ ତରଫରୁ ପିକେଟିଙ୍ଗ କରିବାରେ ସ୍ୱାଭାବିକ ଭାବେ ଅଫିସ ଗୁଡିକ ବନ୍ଦ ହୋଇ ଯାଇଥିଲା। ଏହି ପରିପ୍ରେକ୍ଷୀରେ ଶତାଧିକ ଆଶାକର୍ମୀ, ପାଚିକା, ଅଙ୍ଗନବାଡି, ମିଶନ ଶକ୍ତି ଇସି ସଭ୍ୟା, ନିର୍ମାଣ ଶ୍ରମିକ, କୃଷକ, କୃଷି ଶ୍ରମିକ ରଣପୁର ଚାନ୍ଦପୁର ରାସ୍ତାକୁ ପଞ୍ଚୁଦୋଳ ପଡିଆଠାରେ ଦୀର୍ଘ ସମୟ ଅବରୋଧ କରି ବସି ରହିଥିଲେ।



ଏମିତିକି ପୁରୀ ସାଂସଦ ସମ୍ବିତ ପାତ୍ର ବାଧ୍ୟ ହୋଇ ପଛକୁ ଫେରି ଅନ୍ୟ ରାସ୍ତା ଦେଇ ଯାଇଥିଲେ। ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ ମୋଦି ସରକାରର ଶ୍ରମିକ ଓ କୃଷକ ବିରୋଧି ନୀତି ତଥା ଜନ ବିରୋଧି ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ମୋଦି ସରକାର ଗ୍ରହଣ କରିଥିବା ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ ତୁରନ୍ତ ବାତିଲ କରିବାକୁ ବକ୍ତାମାନେ ଦୃଢ ଦାବି କରିଥିଲେ। ଆଶା, ପାଚିକା, ଅଙ୍ଗନବାଡି କର୍ମୀ, ଇସି ସଭ୍ୟାମାନଙ୍କୁ ସରକାର ତୁରନ୍ତ ନିୟମିତ ଓ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା ଓ ସାମାଜିକ ସୁରକ୍ଷା ଆଦି ଯୋଗାଇ ଦେବାକୁ ବକ୍ତାମାନେ ଦୃଢ ଦାବି କରିଥିଲେ। ଚାଷୀ ଫସଲର ଲାଭଜନକ ଦର ମୂଲିଆ ହାତକୁ, ବ୍ୟାପକ କାମ ସହ ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ଦାବି କରା ଯାଇଥିଲା ।

# ଜୋର୍‌ଦାର ହେବ ମାଓ ଅପରେସନ

## ସଙ୍କଟ ମୋଚକ ସାଜିବେ ଆଇପିଏସ ସଞ୍ଜୀବ ପଣ୍ଡା



ଭୁବନେଶ୍ୱର, ୯/୭: ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅଭିଯାନ ଦାୟିତ୍ୱ । ଅଖିଳେଶ ସିଂହଙ୍କୁ ସ୍ୱତନ୍ତ୍ର ଗୁଇନ୍ଦା ଶାଖାକୁ ବଦଳି । କନୱର ବିଶାଲ ସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ ନିଯୁକ୍ତ ହୋଇଛନ୍ତି । ୧୯୯୪ ବ୍ୟାଚର ଆଇପିଏସ ସଞ୍ଜୀବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅପରେସନର ଏଡିଜି ଭାବରେ ବଦଳି କରାଯାଇଛି । ସେ ସ୍ୱତନ୍ତ୍ର ଗୁଇନ୍ଦା ୱିଙ୍ଗ ଏବଂ ନକ୍ସଲ ବିରୋଧୀ ଅପରେସନର କାର୍ଯ୍ୟ ଦେଖାଶୁଣା କରିବେ ଏବଂ ସିଧାସଳଖ ଓଡିଶାର ପୋଲିସ ଡିଜି ଏବଂ ଆଇଜିଙ୍କୁ ରିପୋର୍ଟ କରିବେ । ୨୦୦୬ ବ୍ୟାଚର ଆଇପିଏସ ଅନୁପ କୁମାର ସାହୁ, ଆଇଜିପି, ତାଲିମ, ବିପିଏସପିଏ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିପିଏସପିଏର ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ । ନୂଆପଡା, ବୌଦ୍ଧ, ନବରଙ୍ଗପୁର, ମାଲକାନଗିରି ଅଞ୍ଚଳରେ ନକ୍ସଲ ଗତିବିଧି ଏକ ପ୍ରମୁଖ ସମସ୍ୟା ରହିଛି । ତେଣୁ ପ୍ରଥମ ଥର ପାଇଁ ରାଜ୍ୟରେ ଆଣ୍ଟି ନକ୍ସଲ ଅପରେସନ ଏଡିଜି ଭାବେ ଆଇପିଏସ ସଞ୍ଜୀବ ପଣ୍ଡା ଏଭଳି ଏକ ପଦବୀରେ ଅବସ୍ଥାପିତ କରାଯାଇଛି । ଆଗକୁ ନକ୍ସଲ ଅପରେସନ ଜୋରଦାର ହେବ । ସରକାରଙ୍କ ଯେଉଁ ଆଭିମୁଖ୍ୟ ରହିଛି ନକ୍ସଲମୁକ୍ତ ଭାରତ ବା ଓଡ଼ିଶା ସେନେଇ ଏକ ନିର୍ଣ୍ଣାୟକ ଭୂମିକା ନିଭାଇବେ । ଛତିଶଗଡ଼ ପରେ ଏବେ ଓଡ଼ିଶାରେ ମାଓ ଅପରେସନ ଜୋରଦାର ହେବ । କାରଣ ଅଭିଜ୍ଞ ଅଫିସରଙ୍କୁ ନେଇ ପ୍ରସ୍ତୁତ ହୋଇଛି ମାଓ ରଣନୀତି । ବିଗତ କିଛି ଦିନ ସୀମାନ୍ତ ରାଜ୍ୟରେ ମାଓ ଅପରେସନ ଜୋରଦାର ପରେ ଏବେ ଓଡ଼ିଶାରେ ମାଓ ଅପରେସନ ପାଇଁ ପ୍ରସ୍ତୁତି ହୋଇଛି । ଆଣ୍ଟି ନକ୍ସଲ ଅପରେସନର ଏଡିଜି ଭାବେ ଆଇପିଏସ ସଞ୍ଜୀବ ପଣ୍ଡାଙ୍କୁ ଦାୟିତ୍ୱ ମିଳିଛି । ମାଓ ମୁକାବିଲା କ୍ଷେତ୍ରରେ ବେସ ଅଭିଜ୍ଞ ଥିବା ସଞ୍ଜୀବ ପଣ୍ଡାଙ୍କୁ ସରକାର ଏଭଳି ପଦବୀ ଦେଇ ଏକ ବଡ଼ ପ୍ଲାନ୍ ପାଇଁ ଯୋଜନା କରୁଥିବା କୁହାଯାଉଛି ।

**AFFIDAVIT**

By virtue of an affidavit sworn before The Executive Magistrate, Pipili on 09.07.2025, I, Sahanaj Parwin, W/o- Md Gafar, Vill-Ward No-2, Daraji Street, Pipili Sasan, Po/Ps-Pipili, Dist-Puri, Pin-752104 do hereby declare that I, have changed my grand daughter's name from Umera Parwieen to Umera Parween. Henceforth she will known as Umera Parween for all purposes.
**Sd/-SAHANAJ PARWIN**

**AFFIDAVIT**

By virtue of an affidavit sworn before The Executive Magistrate, Pipili on 09.07.2025, I, Sahanaj Parwin, W/o- Md Gafar, Vill-Ward No-2, Daraji Street, Pipili Sasan, Po/Ps-Pipili, Dist-Puri, PIn-752104 do have here declared that I have changed my grandson's name from Md Ojefha to Mohammed Hozaifa Quraishi. Henceforth he will be known as Mohammed Hozaifa Quraishi for all purposes. **Sd/-SAHANAJ PARWIN**

**AFFIDAVIT**

By virtue of an affidavit sworn before The Executive Magistrate, Jajpur on 09.07.2025, I, Basanti Jena W/o Late Binod Bihari Jena, Vill-Rajendrapur, Ps- Bhandari Pokhari, Dist-Bhadrak do hereby declare that my name is Basanti Jena mentioned in my voter I-card & Resident certificate, but in my Aadhar Card wrongly mentioned Basantilata Jena. Henceforth I shall be known as Basanti Jena for all purposes.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ